




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ♦VOLUME- 43 ♦ISSUE-106 ♦SUNDAY ♦12 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୬ ♦ରବିବାର ♦୧୨ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୧।୧୦ (ସମିସ):** ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତର ଛାତ୍ରୀଙ୍କୁ ଗଣଦୁଷ୍କର୍ମ। କୋଲକାତାଠାରୁ ପ୍ରାୟ ୧୭୦କି.ମି ଦୂର ବର୍ଦ୍ଧମାନ ଜିଲ୍ଲାର ଦୁର୍ଗାପୁରର ଶୋଭାପୁର ନିକଟରେ ଅବସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଛାତ୍ରୀଜଣଙ୍କର ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ବୋଲି ଜଣାଯାଇଛି। ଶୁକ୍ରବାର ରାତିରେ ଛାତ୍ରୀଜଣଙ୍କ ନିଜର କିଛି ସାଙ୍ଗଙ୍କ ସହ କଲେଜ କ୍ୟାମ୍ପସ ବାହାରକୁ ରାତ୍ରିଭୋଜନ କରିବାକୁ ଯାଇଥିବା ବେଳେ ତାଙ୍କ ସହ ଏହି ବର୍ବରୋଚିତ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ୩ ଅଭିଯୁକ୍ତ ଛାତ୍ରୀଙ୍କୁ କଲେଜ ନିକଟ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି ▶ପୃଷ୍ଠା-୭

## ଉଦ୍‌ବେଗ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୧।୧୦ (ସମିସ):** ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିବା ସହ ନିନ୍ଦନୀୟ ଓ ପୀଡ଼ାଦାୟକ ବୋଲି ଦର୍ଶାଇଛନ୍ତି। ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ▶ପୃଷ୍ଠା-୭

## ପଶ୍ଚିମବଙ୍ଗ ଯିବ ଓଡିଶା ପୁଲିସର ସ୍ୱତନ୍ତ୍ର ମହିଳା ଟିମ୍

■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରିଛି। ଏପରିକି ଓଡ଼ିଶାର ପୁଲିସର ଏକ ସ୍ୱତନ୍ତ୍ର ମହିଳା ଟିମ୍ ପଶ୍ଚିମବଙ୍ଗ ଖୁବ୍‌ଶିଘ୍ର ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସ୍ଥାନୀୟ ପୁଲିସର ତଦନ୍ତର ଅଗ୍ରଗତି ନେଇ ଆଲୋଚନା କରିବ ବୋଲି ସୂଚନା ମିଳିଛି। ଆହୁରି ମଧ୍ୟ ପରିବାର ଲୋକଙ୍କୁ ଭେଟି କିଭଳି ଚିକିତ୍ସା ସଠିକ୍ ହୋଇପାରିବ ▶ପୃଷ୍ଠା-୭

**ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କହିଲେ ଏଡିଜିପି**

# ନବୀନ ନିବାସରେ ପିଏସି ବୈଠକ

**ଖୁବଶୀଘ୍ର ଘୋଷଣା ହେବ ନୂଆପଡ଼ା ପ୍ରାର୍ଥୀ**

**ନବୀନଙ୍କ ଉପରେ ଆସ୍ଥା ଅତୁଟ, ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ଜିତିବା ନେଇ ପ୍ରମିଳାଙ୍କ ଦୃଢ଼ୋକ୍ତି**

■ **ଭୁବନେଶ୍ୱର, ୧୧।୧୦ (ସମିସ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ନୂଆପଡ଼ା ଉପ ନିର୍ବାଚନ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଦଳୀୟ ସଭାପତି ପ୍ରାର୍ଥୀ ଘୋଷଣା କରିବେ। ଆମ ପ୍ରାର୍ଥୀ ବହୁ ଭୋଟରେ ନୂଆପଡ଼ା ଉପ ନିର୍ବାଚନ ଜିତିବେ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

# ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'



■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ୨୦୨୫ ବର୍ଷ ଲାଗି ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯିବ। ସୁଶ୍ରୀ ପଣ୍ଡାଙ୍କୁ ପୁରସ୍କାର ବାବଦରେ ମାନପତ୍ର, ସ୍ମୃତି ଫଳକ ଓ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟର ଅନ୍ୟ ଦୁଇ ମହିଳା କ୍ରୀଡ଼ାବିତ୍ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY

KIIT Deemed to be University (Declared U/S 3 of UGC Act, 1956), Bhubaneswar, Odisha, India

KIIT is only 28 years old as an institute (1997 – 2025) and 22 years old as a university.

Organisation in Special Consultative Status with the United Nations Economic & Social Council (UN-ECOSOC)


THE World University Rankings 2026

KIIT placed globally in the Top 501 Cohort

Ranked 259th Globally in Academic Excellence

5th Best in India

KIIT's Rank Over the Years




Top Performer in India in Three Parameters

Industry Integration | International Outlook | Social Commitment — Strong alignment with SDG goals 4, 10 & 16

Times Higher Education Summary Statement

"KIIT's performance in THE (Times Higher Education) World University Rankings 2026 reflects a decade of transformation from Local Excellence to Global Excellence. The institution has demonstrated that a socially inclusive university from Odisha can compete with the world's finest through innovation, compassion, and quality education."

"ପ୍ରତି ରାଜ୍ୟ ଚାହାନ୍ତି ସେହି ରାଜ୍ୟର ଏକ ଶିକ୍ଷାନୁଷ୍ଠାନ ବିଶ୍ୱର ୫୦୦ ର୍‍ୟାଙ୍କ ମଧ୍ୟରେ ଆସୁ। ମୁଁ ଅତ୍ୟନ୍ତ ଖୁସି ଯେ, ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଯୋଗୁଁ କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇ ବିଶ୍ୱର ବହୁ ଲବ୍‌ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହି ସଫଳତା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ।"

ଅଚ୍ୟୁତ ସାମନ୍ତ
ପ୍ରତିଷ୍ଠାତା, କିଟ୍, କିସ୍ ଓ କିମ୍ସ

OTHER RANKINGS

17th Among Indian Universities Ranked by NIRF, Govt. of India — nirf 2025 | A++ Grade Accredited by NAAC | Tier 1 Re-accredited by NBA All Engineering Programs for 6 Years — NBA National Board of Accreditation | 1st in Odisha, 9th in India Among private universities — QS World University Rankings 2026 | ABET (US) Accreditation — IET The Institution of Engineering and Technology | Special Consultative Status by the UN-ECOSOC — Partnership with UN Volunteers

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





## ରୋହତକ ଏସ୍‌ପିଙ୍କୁ ପଦରୁ ହଟାଗଲା

ରୋହତକ, ୧୧।୧୦(ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲାରେ ଏକ ବଡ଼ ଧରଣର ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ଏହି ମାମଲା ସହିତ ଜଡ଼ିତ ଥିବା ଅଭିଯୋଗରେ ବରିଷ୍ଠ ପୁଲିସ ଅଧିକାରୀ ତଥା ରୋହତକ ଏସ୍‌ପି ନରେନ୍ଦ୍ର ବିଜାରନିଆଙ୍କୁ ପଦରୁ ବହିଷ୍କାର କରାଯାଇଛି। ତାଙ୍କ ସ୍ଥାନରେ ଆଇପିଏସ୍ ଅଧିକାରୀ ସୁରିନ୍ଦର ସିଂ ଭୋରିଆଙ୍କୁ ନୂଆ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି ଓ ବିଜାରନିଆଙ୍କ ନିଯୁକ୍ତି ନେଇ ପୃଥକ ନିର୍ଦ୍ଦେଶ ଜାରି କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପୁରନ କୁମାର ଗତ ମଙ୍ଗଳବାର ଚଣ୍ଡିଗଡ଼ସ୍ଥିତ ନିଜ ସରକାରୀ ବାସଭବନରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ତାଙ୍କର ଏକ ୯ ପୃଷ୍ଠାର ସୁସାଇଡ୍ ନୋଟ୍ ପୁଲିସ ଜବତ କରିଥିଲା। ଏଥିରେ ପୁରନ କୁମାର ୧୨ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଦେବା ଓ ଭେଦଭାବ କରିଥିବାର ଅଭିଯୋଗ କରିଥିଲେ। ଅନୁଚିତ ନୋଟିସ ଜାରି କରି ସମସ୍ୟାରେ ପକାଇବା ଓ ପୋଷ୍ଟିଂରେ ଭେଦଭାବ କରିବା ନେଇ ସେ ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ। ତାଙ୍କ ପତ୍ନୀ ଅମନୀତ ପୁରନ କୁମାର ଅଭିଯୋଗ କ୍ରମେ ୧୩ ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ନେଇ ମଧ୍ୟ ରାଜନୀତି ଆରମ୍ଭ ହୋଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, କଂଗ୍ରେସ ସାଂସଦ ରଣଦୀପ ସୁର୍ଯ୍ୟୱାଲା ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଶାସନିକ ଉତ୍ପିଡନର ଗମ୍ଭୀର ପରିଣାମ ବୋଲି ଅଭିହିତ କରିଥିଲେ।

## ଚନ୍ଦ୍ରଶେଖରଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଭୀମ ଆର୍ମି ମୁଖ୍ୟ ତଥା ଉତ୍ତରପ୍ରଦେଶର ନାଗିନା ଲୋକସଭା ସାଂସଦ ଚନ୍ଦ୍ରଶେଖର ଆଜାଦ ରାବଣଙ୍କ ବିରୋଧରେ ତାଙ୍କ ବାନ୍ଧବୀ ରୋହିଣୀ ଘାବରୀ ଯୌନ ଶୋଷଣ ଓ ବ୍ଲାକମେଲ କରିବାର ଅଭିଯୋଗ ଆଣିଛନ୍ତି। ୪ ବର୍ଷ ହେବ ଆମେ ସମ୍ପର୍କରେ ଥିଲୁ ଓ ସମସ୍ତେ ଏ ବିଷୟରେ ଅବଗତ ଥିଲେ। କିନ୍ତୁ ସେ ସାଂସଦ ଭାବେ ନିର୍ବାଚିତ ହେବା ପରେ ସମ୍ପର୍କ ଶେଷ କରିବାକୁ କହୁଛନ୍ତି ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ସେ ମୋର ସବୁକିଛି ନଷ୍ଟ କରିଛନ୍ତି। ମୋର ଛବି ଓ ସଂଘର୍ଷ ସବୁ କିଛି ମାଟିରେ ମିଶିଛି ବୋଲି ରୋହିଣୀ କହିଛନ୍ତି। ରୋହିଣୀ ଜଣେ ପିଏଚ୍‌ଡି ସ୍କଲାର। ଏବେ ଏହିସବୁ ଅଭିଯୋଗ ନେଇ ରୋହିଣୀ ତାଙ୍କ ସହ ଆଇନଗତ ଲଢ଼େଇ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରି ନଥିବାରୁ ସେ ଚିନ୍ତିତ ଅଛନ୍ତି। ଚନ୍ଦ୍ରଶେଖର ନିଜର ବିବାହ କଥା ଲୁଚାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେ ଓକିଲଙ୍କ ପରାମର୍ଶ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ରେକର୍ଡ କରିଛନ୍ତି ବୋଲି ରୋହିଣୀ କହିଛନ୍ତି। ରୋହିଣୀଙ୍କ ଘର ମଧ୍ୟପ୍ରଦେଶର ଇନ୍ଦୋରରେ। ସେ ସ୍ୱିଜରଲାଣ୍ଡର ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ପିଏଚ୍‌ଡି କରିବାକୁ ପାଇଁ ତାଙ୍କୁ ୧ କୋଟି ଟଙ୍କାର ସ୍କଲାର୍ସିପ ମିଳିଛି। ସେ ୫ ବର୍ଷ ହେବ ସ୍ୱିଜରଲାଣ୍ଡରେ ଚାକିରି କରୁଛନ୍ତି ଓ ଏନ୍‌ଜିଓ ଚଳାଉଛନ୍ତି। ସେ ୨୦୨୪ ମାର୍ଚ୍ଚ ୨୨ରେ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରି ଚର୍ଚ୍ଚାକୁ ଆସିଥିଲେ। ଚନ୍ଦ୍ରଶେଖର ୨୦୨୪ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ମସଜିଦ୍‌ରେ ମୌଲାନାଙ୍କ ପତ୍ନୀ, ଦୁଇ ଝିଅଙ୍କୁ ହତ୍ୟା

ଲକ୍ଷ୍ନୌ, ୧୧।୧୦(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତରେ ଜଣେ ମୌଲାନାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ନିର୍ମମଭାବେ ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ୩ ଜଣଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମସଜିଦ୍‌ର ଉପରେଥିବା ପ୍ରକୋଷ୍ଠରୁ ମିଳିଛି। ମୌଲାନା ଇବ୍ରାହିମ୍ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କୁ ସ୍ୱାଗତ କରିବାକୁ ସାହାରନପୁର ଯାଇଥିବାବେଳେ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ବାଗପତର ଦୋଘଘଟ ଥାନା ଅଞ୍ଚଳର ଗାଙ୍ଗନୋଲି ଗାଁରେ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତଦେହଗୁଡିକ ମିଳିବା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ୍ୟୁବରଣ କରିଥିବା ମୌଲାନଙ୍କ ପତ୍ନୀ ହେଲେ ଇସରାନା (୩୦), ଝିଓ ସୋଫିଆ (୫) ଓ ଅମଖ୍ୟା (୨)। ହତ୍ୟାର କାରଣ ଜଣିବା ପାଇଁ ପୁଲିସ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ପୁଲିସ କହିଛି। ମୌଲାନା ଜଣକ ମସଜିଦ୍‌ରେ ନମାଜ ପଠାଇବାର କାର୍ଯ୍ୟ କରିଥାନ୍ତି। ନମାଜ ପଢ଼ିବାକୁ ଆସିଥିବା ଲୋକେ କୋଠରୀ ବାହାରେ ରକ୍ତ ବହୁଥିବାର ଦେଖିଥିଲେ। ପୁଲିସ ଏବେ ଲୋକଙ୍କୁ ପଚାରଉଚରା କରୁଛି। ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ୩ ଜଣଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଚୋଟ ମରାଯାଇଛି। ମୌଲାନାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଏହି ହତ୍ୟାକାଣ୍ଡ ଘଟାଯାଇଛି। ଅପ୍ରୀତିକର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରେ ରଖି ମସଜିଦ ନିକଟରେ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି।



# ଚୀନ୍‌କୁ ଟ୍ରମ୍ପ ପ୍ରହାର

## ଲଗାଇଲେ ଶହେ ପ୍ରତିଶତ ଶୁଳ୍କ



ୱାସିଂଟନ, ୧୧।୧୦ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ବଡ଼ ଶୁଳ୍କ ପ୍ରହାର କରିଛନ୍ତି। ସେ ବେଜିଂ ଉପରେ ଶହେ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ନୂଆ ଶୁଳ୍କ ନଭେମ୍ବର ୧ରୁ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଏଥିସହିତ ଟ୍ରମ୍ପ ପୁଣି ଆଉ ଏକ ଶୁଳ୍କ ଯୁଦ୍ଧକୁ ଆହ୍ୱାନ ଦେଉଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଅଧିକ ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ନୂଆକୁ ମିଶାଇ ବେଜିଂ ଉପରେ ମୋଟ ୧୩୦ ପ୍ରତିଶତ ଶୁଳ୍କ ଲଗାଗଲାଣି। ଏହା ଅନ୍ୟ ଦେଶ ଉପରେ ଲଗାଯାଇଥିବା ଶୁଳ୍କ ତୁଳନାରେ ସର୍ବାଧିକ। ଖାଲି ସେତିକି

### ରେୟାର ଆର୍ଥ ମ୍ୟାଟେରିଆଲରେ ରପ୍ତାନୀ କଟକଣା ଯୋଗୁଁ ଟ୍ରମ୍ପ କ୍ଷୁବ୍ଧ

### ଚୀନ୍ ବିଶ୍ୱକୁ ବନ୍ଦୀ ବନାଇବାକୁ ପ୍ରୟାସ କରୁଛି

ନୁହେଁ, ଚୀନ୍ ଉପରେ ଡିଜିଟାଲ ପ୍ରହାର କରିବାକୁ ମଧ୍ୟ ଟ୍ରମ୍ପ ଚାହୁଁଛନ୍ତି। ସେ ନଭେମ୍ବର ୧ରୁ ସବୁ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେରର ରପ୍ତାନୀ ଉପରେ ନିୟନ୍ତ୍ରଣ କରିବାକୁ କହିଛନ୍ତି। ରେୟାର ଆର୍ଥ ମ୍ୟାଟେରିଆଲ ତଥା ବିରଳ ଖଣିଜ ପଦାର୍ଥ ଉପରେ ଚୀନ୍‌ର କଠୋର କଟକଣା ଲଗାଇବାରୁ ଟ୍ରମ୍ପ ଏହି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହାର ନକରାତ୍ମକ ପ୍ରଭାବ ଆମେରିକା ଉପରେ ପଡ଼ିଛି। ଶୁକ୍ରବାର ଆମେରିକା ସେୟାର ବଜାରରେ ଭୂକମ୍ପ ଆସିଛି। ଦିନକରେ ନିବେଶକମାନଙ୍କର ତିନି ଟ୍ରିଲିୟନ ଡଲାର କ୍ଷତି ହୋଇଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ଲଗାଇଥିବା ଶୁଳ୍କ ଭାରତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସୂଚନା ଅନୁଯାୟୀ, ଚୀନ୍ ଗତ ୯ ତାରିଖରେ 'ରେୟାର ଆର୍ଥ'ର ରପ୍ତାନୀକୁ ଅଧିକ କଡ଼ାକଡି କରିଦେଇଥିଲା। ଏହି ନୂଆ ନିୟମ ଅନୁସାରେ ଚୀନ୍‌ର ବିରଳ ଖଣିଜ ପଦାର୍ଥ କିମ୍ବା ଜ୍ଞାନକୌଶଳ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀଙ୍କୁ ଲାଇସେନ୍ସ ନେବାକୁ ପଡ଼ିବ। ମାତ୍ର ବିଦେଶୀ ସେନା ସହ ଜଡ଼ିତ କମ୍ପାନୀଙ୍କୁ ଏହି ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି ଚୀନ୍ ସ୍ପଷ୍ଟ କରିଦେଇଛି। ଏହାକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଚୀନ୍‌ର ଏହି ନିଷ୍ପତ୍ତି ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ର ପାଇଁ ସମସ୍ୟା ସୃଷ୍ଟି କରିବ। ଏଭଳି କଟକଣା ଲଗାଇ ଚୀନ୍ ଶତ୍ରୁତାପୂର୍ଣ୍ଣ ଆଚରଣ କରୁଛି। ଏହି ଦେଶ ବିଶ୍ୱକୁ ବନ୍ଦୀ କରି ରଖିବାକୁ ପ୍ରୟାସ କରୁଛି। ଯଦି ଚୀନ୍ ପୁଣି କୌଣସି ପଦକ୍ଷେପ ନିଏ ତେବେ ତାହା ଉପରେ ଖୁବଶୀଘ୍ର ଶୁଳ୍କ ଲଗାଇ ଦିଆଯିବ। ସୂଚନା ଅନୁଯାୟୀ ଚୀନ୍ ପାଖରେ ୧୭ଟି ବିରଳ ଖଣିଜ ପଦାର୍ଥ ରହିଛି। ସେ ଏହାକୁ ଅନ୍ୟ ଦେଶକୁ ରପ୍ତାନୀ କରୁଛି। ଇଲେକ୍‌ଟ୍ରୋନିକ ସାମଗ୍ରୀ, ଇଭି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ହେଉଛି। ଚୀନ୍ ପୂର୍ବରୁ ୭ ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ନିୟନ୍ତ୍ରଣ ରଖିଥିଲା। କିନ୍ତୁ ଗତ ୯ ତାରିଖରେ ଏଥିରେ ଆଉ ୫ଟିକୁ ସାମିଲ କରିଥିଲା।

## ଦିଲ୍ଲୀରେ ବିହାର ନିର୍ବାଚନ ତାତି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଲଟି ଯାଇଛି। ଏବେ ରାଜ୍ୟର ଅନେକ ନେତା ଦିଲ୍ଲୀରେ ଏକାଠି ହୋଇଛନ୍ତି। ତେଣୁ ବିହାର ରାଜନୀତି ଦିଲ୍ଲୀକୁ ସ୍ଥାନାନ୍ତର ହୋଇଯାଇଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀରେ ବୈଠକର ଧାରା ଜାରି ରହିଛି। ଦଳସ୍ତରରେ ବୈଠକ ଜାରି ରହିଥିବାବେଳେ ଉଭୟ ଇନ୍‌ଡିଏ ଓ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନକୁ ନେଇ ଅଙ୍କକଷା ଜାରି ରହିଛି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଆସନ ବୁଝାମଣାର ସୂତ୍ର ବାହାରି ପାରି ନାହିଁ। ଏଥିଯୋଗୁ ସମସ୍ତଙ୍କ ଦୃଷ୍ଟି ନୂଆଦିଲ୍ଲୀ ଉପରେ ରହିଛି।

ବିହାର କୁରକ୍ଷେତ୍ରର ସବୁ ମହାରଥୀ ଏବେ ଦିଲ୍ଲୀରେ ଡେରା ଜମାଇଛନ୍ତି। ଏଠାରେ ବିଜେପି-ଏଲଜେପି ବୈଠକ ହେଉଛି। ଚିରାଗ ପାଶ୍ୱାନ, ଜିତନ ରାମ ମାନ୍‌ଝୀ ଏବଂ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ଅଛନ୍ତି। ବିଜେପି ହେଉ କି କଂଗ୍ରେସ ପ୍ରାୟ ସବୁ ରାଜନୈତିକ ଦଳର ନେତା ଦିଲ୍ଲୀରେ ରହି ନିଜ ଦଳ ପାଇଁ ଅଧିକରୁ ଅଧିକ ଆସନ ଦାବି କରୁଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଘରେ ମାନଝୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟରେ ବୈଠକ ହୋଇଛି। ମାନଝୀ ୧୦ ଆସନ ମାଗୁଥିବାବେଳେ ବିଜେପି ୭ଟି ଦେବାକୁ ଚାହୁଁଛି। ତେବେ ବିଜେପି ତୁଳନାରେ ଜେଡିୟୁ ଅଧିକ ଗୋଟିଏ ଆସନରେ ଲଢ଼ିବ ବୋଲି କୁହାଯାଉଛି। ଆସନ ବୁଝାମଣା ନେଇ ସୋମବାର ଏନ୍‌ଡିଏ ପକ୍ଷରୁ ଘୋଷଣା କରାଯାଇପାରେ। ଅନ୍ୟପଟେ ପାଟନାରେ 'ଇଣ୍ଡିଆ' ମେଣ୍ଟର ଆସନ ସୂତ୍ର ବାହାରି ପାରିନି। ତେଣୁ ଆରଜେଡି ମୁଖ୍ୟ ଲାଲୁ ଏବଂ ତେଜସ୍ୱୀ ଯାଦବ ଦିଲ୍ଲୀ ଯାଉଛନ୍ତି। ସେ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକ କରିବେ। ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ଏ ପର୍ଯ୍ୟନ୍ତ କିଏ କେତେ ଆସନରେ ଲଢ଼ିବ ତାହା ସ୍ପଷ୍ଟ ହୋଇନାହିଁ। ଏହା ମଧ୍ୟରେ ଅସଦୁଦ୍ଦିନ ୱୈସିଙ୍କ ଦଳ ଏଆଇଏମଆଇଏମ ବିହାର ପାଇଁ ବଡ଼ ଘୋଷଣା କରିଛି। ସେ ତୃତୀୟ ସାମୁଖ୍ୟ ଗଠନ କରିବାକୁ ପ୍ରୟାସ କରୁଛନ୍ତି। ମେଣ୍ଟ ନ ହେଲେ ଦଳ ଶହେ ଆସନରେ ଲଡିବ ବୋଲି ଓୱେସି ଘୋଷଣା କରିଛନ୍ତି।

## କମିଶନରେ ହାଜରହେଲେ ୫ 'ମୃତ' ଭୋଟର

ପାଟଣା, ୧୧।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଆଉ ମାସେରୁ କମ୍ ସମୟ ବାକି ଥିବା ବେଳେ ଧୋରାଇଆ ବ୍ଲକସ୍ଥିତ ବସ୍ତାର ଗାଁର ୫ ଜଣ ବାସିନ୍ଦା ଭୋଟର ତାଲିକାରେ ନିଜକୁ ମୃତ ବୋଲି ଜାଣିବାକୁ ପାଇଛନ୍ତି। ଗାଁର ୨୧୬ ନଂ ବୁଥର ଏହି ୫ ଜଣ ବାସିନ୍ଦା ବିଡିଓ ଅରବିନ୍ଦ କୁମାରଙ୍କୁ ଦେଖା କରି ଏ ନେଇ ଅବଗତ କରାଇଥିଲେ। 'ସାର ଆମେ ବଞ୍ଚିଛୁ' ବୋଲି ସେମାନେ ବିଡିଓଙ୍କୁ କହିଥିଲେ। ସାମାଜିକ କର୍ମୀ ଇନ୍ଦ୍ରଦେବ ମଣ୍ଡଳଙ୍କ ନେତୃତ୍ୱରେ ଏହି ୫ ଗ୍ରାମାବସୀ ଭୋଟ ଦେବାରୁ ବଞ୍ଚିତ ହେବ ବୋଲି ଆଶଙ୍କା ପ୍ରକାଶ କରିଥିଲେ। କିନ୍ତୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ପ୍ରତଶ୍ରୁତି ଦେଇଥିଲେ। ପୁଣିଥରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ ସେ ବ୍ଲକର ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଭୋଟ ଦେବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଡିଓ କଥା ଦେଇଛନ୍ତି। ଉଲ୍ଲେଖଥାଉ କି, ଚମ୍ପାରନର ବାଗାହୀ ପଞ୍ଚାୟତର ଦୁର୍ମି ଗାଁରେ ୧୫ ଜଣଙ୍କୁ ମୃତ ବୋଲି ଭୋଟର ତାଲିକାରେ ଦର୍ଶା ଯାଇଥିଲା। ସେହିପରି ୨୦୧୬ ପୂର୍ବରୁ ମୃତ୍ୟୁବରଣ କରିଥିବା କେତେଜଣ ଲୋକଙ୍କୁ ଜୀବିତ ଦର୍ଶାଯାଇ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ବିଭିନ୍ନ ଅଭିଯୋଗ ପରେ ଅଧିକାରୀ ମାନେ ତ୍ରୁଟି ସଂଶୋଧୋନ କରିବାକୁ ପ୍ରୟାଶ କରିଛନ୍ତି। ଏଥର ବିହାର ବିଧାନସଭାର ୨୪୩ଟି ସିଟ୍ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଯଥା ନଭେମ୍ବର ୬ ଓ ୧୧ରେ ଆୟୋଜନ ହେବ।

## ତାଲିବାନ ମନ୍ତ୍ରୀଙ୍କ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ମିଳିଲାନି ଅନୁମତି; ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସେ ମହିଳା ସାମ୍ବାଦିକଙ୍କ ପ୍ରବେଶକୁ ମନା କରିଥିଲେ ଓ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ପ୍ରଶ୍ନ ପଚାରିଛନ୍ତି। ଏହା ଦ୍ୱାର ମହିଳାଙ୍କ ଅପମାନ ହୋଇଛି ଓ ପ୍ରଧାନମନ୍ତ୍ରୀ ଏହା ଭିଭଳି ହେବାକୁ ଦେଲେ। ମହିଳା ହେଉଛନ୍ତି ଏହି ଦେଶର ମେରୁଦଣ୍ଡ। ଭାରତରେ କେତେଜଣ ସକ୍ଷମ ମହିଳାଙ୍କ ଅପମାନ ହେବାକୁ କିଭଳି ଦିଆଗଲା ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଏବେ ଏହାର ଜବାବ ରଖିଛି ଭାରତ ବୈଦେଶିକ ମନ୍ତ୍ରଣାଳୟ। ଆଫଗାନ୍ ବିଦେଶ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆମର କୌଣସି ଭୂମିକା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀ ଆଫଗାନ ଦୂତାବାସରେ ଆୟୋଜିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଏହି ସାମ୍ବାଦିକ ସମ୍ମିଳନୀ ଡାକି ନଥିଲା ବୋଲି ସ୍ପଷ୍ଟ କରାଯାଇଛି। ଯେତେବେଳେ ଆଫଗାନ୍ ମନ୍ତ୍ରୀ ଦିଲ୍ଲୀରେ ପହଞ୍ଚିଥିଲେ, ସେତେବେଳେ ମୁମ୍ବାଇ ସ୍ଥିତ ଆଫଗାନସ୍ତାନର କାଉନସିଲ ଜେନେରାଲ ଶୁକ୍ରବାର ହାତଗଣିତ କେତେଜଣ ବରିଷ୍ଠ ସମ୍ବାଦିକଙ୍କୁ ନିମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତର କ୍ଷେତ୍ରରେ ଆସୁନାହିଁ। ତେଣୁ ଏହି ବିବାଦରେ ଭାରତର କୌଣସି ଭୂମିକା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମୁତ୍ତାକି ଏବେ ଅକ୍ଟୋବର ୯ରୁ ୧୬ ପର୍ଯ୍ୟନ୍ତ ଭାରତରେ ରହିବେ। ମୁତ୍ତାକି କେବଳ ପୁରୁଷ ସାମ୍ବାଦିକଙ୍କ ସହ କଥା ହୋଇଥିଲେ। ମହିଳା ସାମ୍ବାଦିକଙ୍କ ବାରଣ ନେଇ କେବଳ ପ୍ରିୟଙ୍କା ଗାନ୍ଧୀ ନୁହଁ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପି ଚିଦାମ୍ବରମ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ସହ ପ୍ରଶ୍ନ ପଚାରିଛନ୍ତି।

**ଆମର କୌଣସି ଭୂମିକା ନାହିଁ; କେନ୍ଦ୍ର**

# ପାକ୍‌ରେ ବିସ୍ଫୋରକ ସ୍ଥିତି

## ଗୋଟିଏ ଦିନରେ ୨୩ ମୃତ; ୬୦ରୁ ଅଧିକ ଆହତ

ଲହୋର, ୧୧।୧୦(ଏଜେନ୍ସି): ଗାଜାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାକୁ ବିରୋଧ କରି ପାକିସ୍ତାନରେ ଉତ୍ତେଜନା ବୃଦ୍ଧି ପାଇଛି। କଟରପନ୍ଥୀ ଇସଲାମିକ ପାର୍ଟି ତେହେରିକ-ଇ-ଲବାଇକ୍ ପାକିସ୍ତାନ (ଟିଏଲ୍‌ପି) ଶାନ୍ତି ଯୋଜନାକୁ ବିରୋଧ କରି ଲାହୋରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଟିଏଲ୍‌ପିର କର୍ମକର୍ତ୍ତା ଆମେରିକା ଦୂତାବାସ ନିକଟକୁ ଶୋଭାଯାତ୍ରା ନେବାକୁ ପ୍ରୟାସ କରିଥିଲେ।

### ଗାଜା ଶାନ୍ତି ଯୋଜନା ବିରୋଧରେ ହିଂସା, ପୁଲିସ ଗୁଳିରେ ୧୧ ନିହତ

ଫଳରେ ପୁଲିସ ସହିତ ସଂଘର୍ଷ ହୋଇଥିଲା। ପୁଲିସ ଗୁଳିରେ ଟିଏଲ୍‌ପିର ୧୧ ଜଣ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ୬୦ଜଣ ଆହତ ହୋଇଛନ୍ତି। ଟିଏଲ୍‌ପି ଶନିବାର ବିକ୍ଷୋଭ ଶୋଭାଯାତ୍ରା ବାହର କରିବାର କାର୍ଯ୍ୟକ୍ରମ ଥିଲା। ଏହାକୁ ରୋକିବା ପାଇଁ ସରକାର ରାଜଧାନୀକୁ ଯାଉଥିବା ସବୁ ସଡ଼କକୁ ବ୍ଲକ କରିଥିଲେ। ଏଥିସହ ଇସ୍‌ଲାମାବାଦ ଓ ରାୱଲପିଣ୍ଡିରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଟିଏଲ୍‌ପି ନେତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଉଥିବା ବେଳେ ହିଂସା ସୃଷ୍ଟି ହୋଇଥିଲା। ରାୱଲପିଣ୍ଡିରେ ରବିବାର ପର୍ଯ୍ୟନ୍ତ ୧୪୪ ଧାର ଲାଗୁ କରିଛନ୍ତି। ୨୦୧୭ରେ ଟିଏଲ୍‌ପି କଟରପନ୍ଥୀ ସଂଗଠନର ସ୍ଥାପନ ହୋଇଥିଲା।



### ଆତଙ୍କବାଦୀ-ପୁଲିସ ସଂଘର୍ଷ, ୧୨ ମୃତ

ଇସ୍‌ଲାମାବାଦ୍, ୧୧।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସ୍‌ମାଇଲ ଖାନ୍‌ରେ ଶୁକ୍ରବାର ରାତିରେ ଏକ ପୁଲିସ ଟ୍ରେନିଂ ସେଣ୍ଟର ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୭ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩ ଜ ଆହତ ହୋଇଛନ୍ତି। ଏହାପରେ ସୁରକ୍ଷାକର୍ମୀଙ୍କ କର୍ଯ୍ୟାନୁଷ୍ଠାନରେ ୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି। ଆତଙ୍କବାଦୀମାନେ ପୂରା ପସ୍ତୁତିର ସହ ଟ୍ରେନିଂ ସେଣ୍ଟର ଉପରେ ଆକ୍ରମଣ କରିଥିଲେ। କିନ୍ତୁ ଏହାପରେ ପୁଲିସ ତଥା ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଫଳରେ ଆତଙ୍କବାଦୀମାନେ ପଛଘୁଞ୍ଚା ଦେଇଥିଲେ। ରାତି ୮.୩୦ରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥନୀୟ ଡିଏସ୍‌ପି ହାଫିଜ ମହମ୍ମଦ ଆଦନାନ କହିଛନ୍ତି। ଆହତ ୧୩ ଜଣ ପୁଲିସ କର୍ମଚାରୀଙ୍କର ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରେନିଂ ସେଣ୍ଟରରୁ ୨୦୦ରୁ ଉର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗତକିଛି ମାସ ହେବ ପାକିସ୍ତାନରେ ହିଂସା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ରେ ତୃତୀୟ କ୍ୱାର୍ଟରରେ ପାକିସ୍ତାନରେ ୪୬ ପ୍ରତିଶତ ହିଂସା ବୃଦ୍ଧି ପାଇଛି। ପାକିସ୍ତାନରେ ୩୨୯ଟି ହିଂସା ଘଟଣାରେ ୯୦୧ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୯୯ ଲୋକ ଆହତ ହୋଇଛନ୍ତି। ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ୯୬ ପ୍ରତିଶତରୁ ଅଧିକ ହିଂସା ଦେଖିବାକୁ ମିଳିଛି ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ ସିକ୍ୟୁରିଟି ଷ୍ଟଡିଜ୍ (ସିଆରଏସ୍‌ଏସ୍)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ: ସିଜେଆଇ



ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ଆଜିର ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ ବୋଲି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ କହିଛନ୍ତି। ଟେକ୍ନୋଲୋଜି ଏବେ ସଶକ୍ତିକରଣ କରିବା ବଦଳରେ ଶୋଷଣର ମାଧ୍ୟମରେ ପରିଣତ ହୋଇଛି। ଜୁଭେନାଇଲ ଜଷ୍ଟିସ୍ କମିଟି ଓ ୟୁନିସେଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ 'ସେଫଗାର୍ଡିଂ ଦି ଗର୍ଲ ଚାଇଲ୍ଡ'ରେ ଯୋଗ ଦେଇ ଗବାଇ ଏହି କଥା କହିଛନ୍ତି। ଯୁବତୀମାନେ ଏବେ ଅନ୍‌ଲାଇନ୍ ହାରାସମେଣ୍ଟ, ସାଇବର ବୁଲିଂ, ଡିଜିଟାଲ ଷ୍ଟକିଂ, ବ୍ୟକ୍ତିଗତ ଡାଟାର ଦୂରୁପଯୋଗ ଓ ଡିପ୍‌ଫେକ୍ ଫଟୋ କାରଣରୁ ଆହୁରି ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହି ବିପଦ ତଥା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପୁଲିସ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯୁବତୀଙ୍କ ସୁରକ୍ଷା ଅର୍ଥ କେବଳ ଶରୀରର ନୁହଁ ତାଙ୍କର ଆତ୍ମାର ସ୍ୱାଧୀନତାକୁ ବୁଝାଇଥାଏ ବୋଲି ସେ କହିଛନ୍ତି। ଯେପର୍ଯ୍ୟନ୍ତ କୌଣସି ଝିଅ ଭୟଭିତ ହୋଇ ବଞ୍ଚୁଛନ୍ତି, ସେପର୍ଯ୍ୟନ୍ତ ଭାରତ ସ୍ୱତନ୍ତ୍ରତାର ସ୍ୱର୍ଗରେ ପହଞ୍ଚିପାରିବ ନାହିଁ ବୋଲି ସେ କହିଛନ୍ତି।

## କ୍ଷମତା ପାଇଁ ପାୱାର ଷ୍ଟାରଙ୍କ ଘରେ କଳି



ପାଟନା, ୧୧।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପାୱାର ପଲିଟିକ୍ସ ପାଇଁ ପାୱାର ଷ୍ଟାରଙ୍କ ପରିବାରରେ ବିବାଦ ଲାଗି ରହିଛି। ଅଭିନେତା ତଥା କଣ୍ଠଶିଳ୍ପୀ ପବନ ସିଂହ ଏବଂ ତାଙ୍କ ସ୍ତ୍ରୀ ଜ୍ୟୋତି କ୍ୟାମେରା ସାମ୍ନାରେ ମୁହାଁମୁହିଁ ହୋଇଛନ୍ତି। ଦମ୍ପତି ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ନିର୍ବାଚନ ପାଇଁ ଏଭଳି ହେଉଛି। ଜ୍ୟୋତି ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଥିବାବେଳେ ସ୍ୱାମୀ ପବନ କୌଣସି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜ୍ୟ ପ୍ରଭାରୀ ବିନୋଦ ତାୱଡେଙ୍କ ନେତୃତ୍ୱରେ ସେ ଗତ ୩୦ ତାରିଖରେ ପୁଣିଥରେ ବିଜେପିକୁ ଫେରିଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବିଜେପି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପବନ ସିଂହ ୨୦୨୪ ଲୋକସଭା ନିର୍ବାଚନରେ ଦଳ ବିରୋଧରେ ଯାଇ କାରାକୋଟରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବିଜେପି ତାଙ୍କୁ ବାହାର କରିଦେଇଥିଲା। ପବନଙ୍କ ପାଇଁ ଶାହାବାଦର ୨୨ ବିଧାନସଭା କ୍ଷେତ୍ରରେ ବିଜେପିକୁ ଲାଭ ମିଳିବ ବୋଲି କୁହାଯାଉଛି। ଅନ୍ୟପଟେ ପବନଙ୍କ ପତ୍ନୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଶନିବାର ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ଭେଟିଥିଲେ। ଗତ ୫ ତାରିଖରେ ଏହି ସ୍ୱାମୀସ୍ତ୍ରୀ କଳି ଉଗ୍ର ରୂପ ଧାରଣ କରିଥିଲା। ପବନଙ୍କ ଲକ୍ଷ୍ନୌ ସ୍ଥିତ ଫ୍ଲାଟରେ ଉଭୟେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ପରେ ଜ୍ୟୋତି କହିଥିଲେ ଯେ ପବନ ତାଙ୍କ ବିରୋଧରେ ଏତଲା ଦେଇଥିବାରୁ ପୁଲିସ ତାଙ୍କୁ ଗିରଫ କରିବାକୁ ଆସିଛି। ସେ ଏଥିପାଇଁ ଲୋକଙ୍କୁ ସହାୟତା ମାଗିଥିଲେ। ଯେଉଁ ପାୱାର ନିଜ ପତ୍ନୀ ସହ ଅନ୍ୟାୟ କରୁଛି, ସେ ସମାଜକୁ କେମିତି ନ୍ୟାୟ ଦେବ ବୋଲି ଜ୍ୟୋତି ପ୍ରଶ୍ନ ଉଠାଇ ଥିଲେ। ଏହାର ଉତ୍ତରରେ ପବନ କହିଥିଲେ ଯେ ପତ୍ନୀ ନିର୍ବାଚନରେ ଲଢିବା ପାଇଁ ଏପରି ନାଟକ କରୁଛନ୍ତି। ମିଥ୍ୟା ଅଭିଯୋଗ ଲଗାଇ ବଦନାମ କରୁଛନ୍ତି। ନିର୍ବାଚନର ମାସେ ପୂର୍ବରୁ ଏପରି ଆପଣାପଣ କାହିଁକି ସାମ୍ନାକୁ ଆସିଲା? ବିଧାୟିକା ହେବାକୁ ଆଉ କେତେ ତଳକୁ ଖସିବ ବୋଲି ପଚାରି ଥିଲେ। ଜ୍ୟୋତି ଏହାର ଉତ୍ତରରେ ପତ୍ନୀ ମାନ୍ୟତା ଦେଲେ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ। ତେବେ ଏହି ସ୍ୱାମୀସ୍ତ୍ରୀ କଳି ବିହାରରେ କାହା ପାଇଁ ପରିବର୍ତ୍ତନ ଆଣୁଛି ତାହା ଦେଖିବା ବାକି ରହିଲା।

# ବିଜେପିରେ ଯୋଗଦେଲେ ଜୟ ଢୋଲକିଆ

ଭୁବନେଶ୍ୱର୧୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଶନିବାର ଏକ ବଡ଼ ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ନୂଆପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଧିବଦ୍ଧ ଭାବରେ ବିଜେପିରେ ଯୋଗ ଦେଇଛନ୍ତି। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ଜୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳୀୟ ମନ୍ତ୍ରୀ,



ବିଧାୟକ ତଥା ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି। ଏହାପରେ ବିଜେପି ତାଙ୍କୁ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଅପରପକ୍ଷେ ବିଜେପିରେ ଜୟଙ୍କ ଯୋଗଦାନ ପରେ ନୂଆପଡ଼ାରୁ ଆରମ୍ଭ କରି ଭୁବନେଶ୍ୱର ଯାଏଁ ଏହାର କମ୍ପନ ଦେଖିବାକୁ ମିଳିଛି। ବିଜେଡି ଓ କଂଗ୍ରେସ ବିଜେପିରେ ଜୟଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଥିବା ବେଳେ ନୂଆପଡ଼ା ବିଜେପିରେ ଜୟଙ୍କ ଯୋଗଦାନକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଅପରପକ୍ଷେ ଜୟଙ୍କ ଯୋଗଦାନକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ମିଶ୍ରଣ ଫଳରେ ବିଜେପି ନୂଆପଡ଼ା ସହ ସମଗ୍ର ରାଜ୍ୟରେ ଶକ୍ତିଶାଳୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆ ପ୍ରମୁଖ ଭୂମିକା ଗ୍ରହଣ କରିବେ ଏବଂ ନୂଆପଡାର ବିକାଶ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ସେହିପରି ନିଜ ପ୍ରତିକ୍ରିୟାରେ ଜୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ଏବଂ ନୀତି ଆଦର୍ଶରେ ପ୍ରଭାବିତ ହୋଇ ସେ ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ାର ସାମୂହିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସ୍ୱର୍ଗୀୟ ବାପାଙ୍କ ସ୍ୱପ୍ନ ପୂରଣ କ୍ଷେତ୍ରରେ ମୋର ଯୋଗଦାନ ନିଶ୍ଚୟ ରହିବ ବୋଲି ସେ କହିଛନ୍ତି।

## ନୂଆପଡ଼ା ବିଜେପିରେ ବିଦ୍ରୋହ

- ଦଳ ଛାଡ଼ିବାକୁ ଶତାଧିକ କର୍ମୀଙ୍କ ସଜବାଜ
- ନିଷ୍ପତ୍ତି ସପକ୍ଷରେ ନାହାନ୍ତି ବସନ୍ତ; ନେଇପାରନ୍ତି ବଡ଼ ନିଷ୍ପତ୍ତି!

ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନ ପରେ ନୂଆପଡ଼ା ବିଜେପିରେ ଏକ ବଡ଼ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ଦଳରେ ଜୟଙ୍କ ଯୋଗଦାନକୁ ଗ୍ରହଣ କରିପାରି ନାହାନ୍ତି ସାଧାରଣ କର୍ମକର୍ତ୍ତା। ନୂଆପଡ଼ାରେ ଶହ ଶହ କର୍ମୀ ରାଜ୍ୟ ନେତୃତ୍ୱଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି। ଜିଲ୍ଲା ବିଜେପି ସଂପାଦକ ତୁଳସ ପଟେଲ ଏ ନେଇ ପ୍ରତିକ୍ରିୟା ରଖି ଗଣମାଧ୍ୟମକୁ କହିଛନ୍ତି ଯେ ଦଳ ପାଇଁ ଜୀବନ ଦେଇ କାମ କରିଆସୁଥିବା କର୍ମୀ ଓ କର୍ମକର୍ତ୍ତାମାନେ ରାଜ୍ୟ ନେତୃତ୍ୱଙ୍କ ଏ ପ୍ରକାର ନିଷ୍ପତ୍ତିରେ ଅସନ୍ତୁଷ୍ଟ ଅଛନ୍ତି। ଜୟ ନୂଆପଡ଼ାରୁ ଦଳ ପାଇଁ ପ୍ରାର୍ଥୀ ହେବେ ବୋଲି ଶୁଣିବାକୁ ପାଇ କର୍ମକର୍ତ୍ତାମାନେ ଇସ୍ତଫାପତ୍ର ପଠାଇସାରିଲେଣି। ଏ ନେଇ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଯାଇଛି। ଜୟଙ୍କୁ ପ୍ରାର୍ଥୀ କରାଗଲେ ଶତାଧିକ କର୍ମୀ ଦଳ ଛାଡ଼ିବେ ବୋଲି ଶ୍ରୀ ପଟେଲ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ବିଜେପିର ଟାଣୁଆ ନେତା ପୂର୍ବତନ ସାଂସଦ ତଥା ପୂର୍ବ ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ଆଜି ଜୟଙ୍କ ବିଜେପିରେ ଯୋଗଦାନ ଖବର ସାମ୍ନାକୁ ଆସିବା ପରେ ବସନ୍ତ ବେଶ୍ ଅସନ୍ତୁଷ୍ଟ ଥିଲେ। ରାଜ୍ୟ ଅତିଥି ଭବନରେ ରାଜ୍ୟ ବିଜେପି ସଭାପତି, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଶ୍ରୀ ପଣ୍ଡାଙ୍କୁ ମନେଇବାକୁ ମଧ୍ୟ ଯାଇଥିଲେ। ଘଣ୍ଟାଧିକ କାଳ ଧରି କବାଟକିଳା ଆଲୋଚନା ପରେ ମିଶ୍ରଣ ପର୍ବ ମଞ୍ଚରେ ଶ୍ରୀ ପଣ୍ଡା ଉପସ୍ଥିତ ଥିଲେ ହେଁ ଜୟଙ୍କ ଯୋଗଦାନ ନେଇ ମୁହଁ ଖୋଲି ନ ଥିଲେ। ଇତିମଧ୍ୟରେ ଶ୍ରୀ ପଣ୍ଡା ନିଜର କିଛି ଅନୁଗତଙ୍କ ସହ ବିଚାରବିମର୍ଶ କରିଥିବା ନେଇ ସୂଚନା ମିଳିଛି। ତେଣୁ ଆଗକୁ ସେ କିଛି ବି ନିଷ୍ପତ୍ତି ନେଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏପରିକି ଗତ ସାଧାରଣ ନିର୍ବାଚନରେ ନୂଆପଡ଼ା ଆସନରୁ ପ୍ରତିଦ୍ୱନ୍ଦିତା କରିଥିବା ଏବଂ ଏଥର ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ଥିବା ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା ମଧ୍ୟ ବେଶ୍ ଅସନ୍ତୁଷ୍ଟ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ: ଭକ୍ତ



ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ନୂଆପଡ଼ାରେ ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ। ସେଠାରେ ତାଙ୍କର ପୂର୍ବତନ ସାଂସଦ, ବିଧାୟକ ଏବଂ କର୍ମଠ ବ୍ୟକ୍ତିମାନେ ଥିଲେ ମଧ୍ୟ ବିଜେପି ନେତୃତ୍ୱ ତାଙ୍କ ଉପରେ ଆସ୍ଥା ରଖିପାରିଲେ ନାହିଁ। ଏପରିକି ବିଜେପି କଂଗ୍ରେସ ପ୍ରାର୍ଥୀଙ୍କୁ ନିଜ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ହେଁ ଆମ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଦଳ ପ୍ରତି ସମର୍ପଣ ଭାବ କାରଣରୁ ସେମାନେ ବିଫଳ ହୋଇଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

## ■ ବର୍ଷିଲା ବିଜେଡି
# ବିଜେପିର ଘୋଡ଼ାବେପାରରେ ବିକ୍ରି ହେଇଗଲେ ଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି। ଜୟ ଜଣେ ପୋଷ୍ୟ ପୁତ୍ର ଥିଲେ। ତାଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ। ଯେଉଁଥିପାଇଁ ସେ ଆଜି ଏପରି ନିଷ୍ପତ୍ତି ନେବା ସହ ନିଜକୁ ବିକ୍ରି କରିଦେଇଛନ୍ତି ବୋଲି କହି କଡ଼ା ସମାଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ଉପ ସଭାପତି ପ୍ରତାପ ଜେନା। ଜୟଙ୍କ ବିଜେପିରେ ମିଶିବା

- ଜୟଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ
- ବିଜେପିରେ ଜୟଙ୍କ ମିଶ୍ରଣ ବିଜେଡି ପାଇଁ ପ୍ରଭାବଶୂନ୍ୟ
- ସଠିକ୍ ସମୟରେ ଉତ୍ତର ଦେବେ ନୂଆପଡ଼ାବାସୀ

ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମାତ୍ର ଆଜି ତାଙ୍କର ପ୍ରକୃତ ମୁଖା ଖୋଲିଯାଇଛି। ସେ ବିଜେପି ଦଳର ଘୋଡାବେପାରରେ ବିକ୍ରି ହୋଇଗଲେ ବୋଲି ଆଜି ସ୍ପଷ୍ଟ ହୋଇଯାଇଛି ବୋଲି କହି ଶ୍ରୀ ଜେନା ଜୟଙ୍କ ଉପରେ ବର୍ଷିଛନ୍ତି।

ଶନିବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ ଆଜି ନୂଆପଡାର ଜୟ ଢୋଲକିଆ ବିଜେପିରେ ମିଶିଛନ୍ତି। କିଛିଦିନ ତଳେ ସେ ଘୋଷଣା କରିଥିଲେ ଯେ ମୋର ନେତା ନବୀନ ବାବୁ ଯାହା କହିବେ ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ମାତ୍ର ଆଜି କ'ଣ କାରଣ ରହିଲା ଯେ ସେ ବିଜେପିରେ ମିଶିଛନ୍ତି। ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସମାଜସେବୀ ମଧ୍ୟ ଥିଲେ। ବିଜୁ ପରିବାର ଏବଂ ଆମ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ସେ ୪ ଥର ବିଧାୟକ ହୋଇଥିଲେ। ନବୀନ ବାବୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ମଧ୍ୟ କରିଥିଲେ। ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ସମାଜସେବା ପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଯଦି ଆଜି ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢ଼ୋଲକିଆ ବଞ୍ଚିଥାନ୍ତେ, ତାହେଲେ ସେ କେବେ ହେଲେ ଏହି କଥାକୁ ପସନ୍ଦ କରିନଥାନ୍ତେ। ତାଙ୍କ ଆତ୍ମା ଯେଉଁଠି ଥାଉନା କାହିଁକି, ଏହି ନିଷ୍ପତ୍ତିକୁ ଆଦୌ ଗ୍ରହଣ କରିବ ନାହିଁ।

ସେ ଆହୁରି ମଧ୍ୟ କହିଛନ୍ତି ଯେ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ



ଚରଣ ମାଝୀ ନୂଆପଡ଼ା ଗସ୍ତରେ ଯାଇ କେତେକ ପ୍ରକଳ୍ପ ପାଇଁ ଅର୍ଥ ରାଶି ଘୋଷଣା କଲେ। ମାତ୍ର ପ୍ରତିଟି ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ବ୍ୟବସ୍ଥା କରିଥିଲେ। ଆଜି ଜୟ ଢୋଲକିଆଙ୍କ ବିଜେପି ଯୋଗଦାନ ପ୍ରତିଟି ଲୋକଙ୍କ ଦ୍ୱାରା ନାପସନ୍ଦ ହୋଇଛି। ନୂଆପଡ଼ାବାସୀ ସବୁ ଘଟଣା ଦେଖୁଛନ୍ତି। ସଠିକ୍ ସମୟରେ ସେମାନେ ଜବାବ୍ ଦେବେ। ରାଜ୍ୟରେ ବର୍ତ୍ତମାନ ବିଜେପି ସରକାରରେ ଅଛି। ମାତ୍ର ନୂଆପଡ଼ା ଉପ ନିର୍ବାଚନରେ ସେମାନେ ତାଙ୍କ ଦଳରୁ ପ୍ରାର୍ଥୀଟିଏ ପାଇଲେ ନାହିଁ। ସେଥିପାଇଁ ସେମାନେ ଘୋଡାବେପାର କରି ଅନ୍ୟ ଦଳରୁ ନେତା ନେଇ ପ୍ରାର୍ଥୀ କରିବାକୁ ଯାଉଛନ୍ତି। ଏପରି ଘଟଣାକୁ ଓଡ଼ିଶାବାସୀ, ନୂଆପଡ଼ାବାସୀ ନିନ୍ଦା କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

## ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ
# ସନ୍ଦେହ ଘେରରେ କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର,୧୧।୧୦(ସମିସ): ରାଜ୍ୟରେ ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଓପିଆରବି ଭଳି କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ଏବେ ସନ୍ଦେହ ଘେରରେ। ତଦନ୍ତ ଦାୟିତ୍ୱ ନେବାପରେ ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଏବଂ ମୁନ୍ନାକୁ ଧରିପାରିନାହିଁ। କେବଳ ନାମକୁ ମାତ୍ର ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ବଣିକ କୋଚିଂ ସେଣ୍ଟର ଉପରେ ଚଢଉ କରି ନିଜ ଦାୟିତ୍ୱ ସାରିଦେଇଛି କ୍ରାଇମ ବ୍ରାଞ୍ଚ। କିନ୍ତୁ ଶଙ୍କର ପୃଷ୍ଟି ରାଜ୍ୟ ବାହାରେ ବସି ପ୍ରମାଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର ଚଳାଇଛି। ଏହି ସୂଚନା ମିଳିବା ପରେ କ୍ରାଇମ୍‌ବ୍ରାଞ୍ଚ ୪ଟି ଟିମ୍ ରାଜ୍ୟ ବାହାରକୁ ଯାଇଛି। ସେଠାରେ ସେମାନେ ଶଙ୍କର ପୃଷ୍ଟିକୁ ଧରିବା ପାଇଁ ତନାଘନା କରିବେ ବୋଲି ଜଣାପଡ଼ିଛି।

କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ କେବଳ ଧରାପଡ଼ିଥିବା ୫ ଜଣ ଦଲାଲ ଭିତରେ ସୀମିତ ରହିଛି। ଗୁଜରାଟର ଏସ୍ଆଇ ଲିମିଟେଡ ବେଆଇନ ଭାବେ ଅନ୍ୟ ସଂସ୍ଥାକୁ ସବଲେଟିଂ କଲା। ସବୁ ଜାଣିଥିଲା ଓପିଆରବି। ହେଲେ ଏପର୍ଯ୍ୟନ୍ତ ଆଇଟିଆଇ ଲିମିଟେଡର କୌଣସି ଅଧିକାରୀଙ୍କୁ ପଚରାଉଚରା କରାଯାଇ ନାହିଁ କି ଓପିଆରବିର ମୁଖିଆ ଓ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିନାହିଁ। ୧୨ ଦିନ ବିତିଲା, ଧରାପଡ଼ିଲେନି ଏସ୍ଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ। କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟିଙ୍କ ଏବେ ସୁଦ୍ଧା ଟେର ପାଉନି। ସେପଟେ ସହଯୋଗୀ ମୁନା ମହାନ୍ତି ବି ଫେରାର। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ରାଇମବ୍ରାଞ୍ଚର ତଦନ୍ତ କେବଳ ସିଲିକନ ଟେକ୍ ଲ୍ୟାବ ଓ ପଞ୍ଚସଫ୍ଟ ଲିମିଟେଡ ପାଖରେ ଅଟକି ଯାଇଛି।

ଇତିମଧ୍ୟରେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଛାତ୍ରଙ୍କ ଆକାଉଣ୍ଟ ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେମାନେ କେବେଠାରୁ କେଉଁ କୋଚିଂ ସେଣ୍ଟରକୁ ଟଙ୍କା ଦେଉଥିଲେ। କେଉଁ ଦଲାଲ ମଧ୍ୟ ଟଙ୍କା ନେଇଛନ୍ତି। ଏହାର ମଧ୍ୟ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ପାଇଁ ଗତ ଜାନୁଆରୀରୁ ହୋଇଥିଲା ଏକ ପ୍ରକାର ଷଡ଼ଯନ୍ତ୍ର। ଗୁଜୁରାଟର ଆଇଟିଆଇ

- ୧୨ ଦିନ ପରେ ବି ଶଙ୍କର ପୃଷ୍ଟି, ମୁନ୍ନାକୁ ଧରିପାରୁନି
- ରାଜ୍ୟ ବାହାରକୁ ଗଲା କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍
- ଜେରାରେ ଅଟକିଛି ତଦନ୍ତ

ଲିମିଟେଡକୁ ପରୀକ୍ଷା ପରିଚାଳନା ପାଇଁ ଚୁକ୍ତି କରିଥିଲା ଓପିଆରବି। ଚୁକ୍ତିପତ୍ରରେ ସବଲେଟିଂ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନଥିଲା। କିନ୍ତୁ ଗୁଜରାଟର ଆଇଟିଆଇ ପାଖରୁ ରିଚ୍ ମାଇଣ୍ଡସ୍ ଓ ବେଆଇନ ଭାବେ ସିଲିକନ ଟେକ୍ ଲ୍ୟାବକୁ ପରିଚାଳନା ଦାୟିତ୍ୱ ଟେକିଦେଲା। ଯାହାକୁ ନେଇ ସରକାର ଓ ଓପିଆରବି ମଧ୍ୟରେ ହୋଇଥିଲା ଆଭ୍ୟନ୍ତରୀଣ କନ୍ଦଳ। ଏଥିଲାଗି ଗତ ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷା ହୋଇପାରି ନଥିଲା। ଚାକିରି ବିକ୍ରି ଷଡ଼ଯନ୍ତ୍ର ନେଇ ଆଇଟିଆଇଠାରୁ ଠିକା ପାଇଥିବା ରିଚ୍ ମାଇଣ୍ଡସ୍ ଅଂଶୀଦାରଙ୍କ ମଧ୍ୟରେ ଦେଖାଦେଇଥିଲା ବିବାଦ। ଜଣେ ଅଂଶୀଦାରଙ୍କ ଅଭିଯୋଗ ଆଧାରରେ ରିଚ୍ ମାଇଣ୍ଡସକୁ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ବାଦ ଦିଆଯାଇଥିଲା। ଘଟଣାର ତଦନ୍ତ ପାଇଁ ଓପିଆରବି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲେ। କିନ୍ତୁ କମିଟି କ'ଣ ରିପୋର୍ଟ ଦେଲା ତାହା ଆଜି ଯାଏଁ ସାର୍ବଜନୀନ ହେଲାନାହିଁ।

ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ଏସ୍ଆଇ ପରୀକ୍ଷା ପାଇଁ ଧାର୍ଯ୍ୟ ହୋଇଥିଲା। ହେଲେ ଆଡମିଟ୍ କାର୍ଡ ଜାରି କରାଯିବା ପୂର୍ବରୁ ପରୀକ୍ଷାକୁ ବାତିଲ କରାଯାଇଥିଲା। ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନେକ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ମାର୍ଚ୍ଚ ୩ ତାରିଖରୁ ଉଭାନ ହୋଇଯାଇଥିବା ପରୀକ୍ଷାର୍ଥୀଙ୍କ ସାଙ୍ଗ ସାଥିମାନେ ଏ ସଂକ୍ରାନ୍ତରେ ସୋସିଆଲ ମିଡିଆରେ ଭିଡିଓ ଅପଲୋଡ କରିଥିଲେ ମଧ୍ୟ ତାକୁ ସେତେଟା ଗୁରୁତ୍ୱ ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବା ଯୋଜନାରେ ବହୁ ବରିଷ୍ଠ ଅଧିକାରୀ ସାମିଲ ବୋଲି ରିଚ୍‌ମାଇଣ୍ଡ କମ୍ପାନୀର ଜଣେ ଅଂଶୀଦାର ପ୍ରଥମେ ମୌଖିକ ଓ ପରେ ବିଧିବଦ୍ଧ ଅଭିଯୋଗ କରିବାରୁ ଯୋଜନା ପଣ୍ଡ ହୋଇଥିଲା। କମ୍ପାନୀ ସହ ଜଡ଼ିତ ଅନ୍ୟ ଜଣେ ବ୍ୟକ୍ତି ଓଡ଼ିଶାରେ ପରୀକ୍ଷା ପରିଚାଳନା କରୁଥିବା ନେଇ ଜଣାପଡିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ସହ କିଛି ପୋଲିସ ଅଧିକାରୀ ସାମିଲ ଥିବା ନେଇ ଅଂଶୀଦାର ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ତଲବ କରାଯାଇଥିଲା। ହେଲେ ସେ ଅଧିକାରୀ ଜଣକ ଉତ୍ତର ରଖିଲେ କି ନାହିଁ ଆଜି ଯାଏଁ ଜଣାପଡିନାହିଁ।

# ପିଆରଏମ୍‌ରୁ ନବଜାତ ଶିଶୁପୁତ୍ର ଚୋରି

ବାରିପଦା, ୧୧।୧୦ (ସମିସ): ପ୍ରଥମ ଗର୍ଭନଷ୍ଟ ହେବା ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବହୁ ଚେଷ୍ଟା ପରେ ମଧ୍ୟ ଆଉ ଗର୍ଭଧାରଣ କରିପାରୁନଥିଲେ। ସେପଟେ, ଧୀରେଧୀରେ ପରିବାର, ସାହିପଡ଼ିଶାଙ୍କ ତାଡ଼ନା ବଢ଼ିଲା; 'ନିଃସନ୍ତାନ' କହି ବାଟହାଟରେ ଛିଗୁଲେଇଲେ।

- ୫ ଘଣ୍ଟା ପରେ ବୈଶିଙ୍ଗାରୁ ଉଦ୍ଧାର; ମହିଳା ଅଟକ
- ଚୋରି ପଛରେ ନିଃସନ୍ତାନ ତାଡ଼ନା
- ମା'କୋଳକୁ ଫେରିଲା ଶିଶୁପୁତ୍ର

ତେଣୁ, ଏଥିରୁ ମୁକ୍ତି ପାଇବା ପାଇଁ ଶେଷରେ ଅନ୍ୟର ଛୁଆ ଚୋରି କରିବାକୁ ସ୍ଥିର କରିନେଲେ। ଗର୍ଭବତୀ ନାଟକ ରଚି ପେଟରେ କପଡ଼ା ପୂରାଇ ମେଡିକାଲରେ ଭର୍ତ୍ତି ହେଲେ ଏବଂ ସୁଯୋଗ ଦେଖି ଅନ୍ୟଜଣଙ୍କର ନବଜାତକକୁ ଚୋରି କରି ଫେରାର୍ ହୋଇଗଲେ। ବାରିପଦା ପଣ୍ଡିତ ରଘୁନାଥମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଜି ଏଭଳି ଏକ ଘଟଣା ଘଟିଛି। ମା' କୋଳରୁ ଏକ ନବଜାତ ଶିଶୁପୁତ୍ରକୁ ଜଣେ ମହିଳା ଚୋରି କରିବାର ୫ଘଣ୍ଟା ପରେ ଧରାପଡ଼ିଛନ୍ତି। ଟାଉନ୍ ଥାନା ପୁଲିସ ବୈଶିଙ୍ଗାରୁ ନବଜାତକକୁ ଉଦ୍ଧାର କରିବା ସହ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ହମିଳାଜଣଙ୍କ ହେଲେ,ପାର୍ବତୀ ହେମ୍ବ୍ରମ (୨୫)। ଏହି ଘଟଣା ପଦାକୁ ଆସିବା ପରେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ, ବାରିପଦା ସଦର ଥାନା ରାଣୀଭୋଳ ଗ୍ରାମର ଫୁଲମଣି ସୋରେନ (୨୦)ଙ୍କ ପ୍ରସବ ବେଦନା ହେବାରୁ ଶୁକ୍ରବାର ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବାଟରେ ଆମ୍ବୁଲାନ୍ସ ଭିତରେ



ଫୁଲମଣି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟର ମହିଳା ଓ ଶିଶୁ ବିଭାଗର ପ୍ରସୂତି ୱାର୍ଡ-୧ରେ ଭର୍ତ୍ତି କରାଯାଇଥିଲା। ପାର୍ବତୀ ଏହା ଜାଣିବା ପରେ ଶିଶୁଟିକୁ ଚୋରି କରିବାକୁ ଯୋଜନା କରିଥିଲେ। ସେ ଫୁଲମଣିଙ୍କ ପାଖେପାଖେ ରହିବା ସହ କଥାବାର୍ତ୍ତା ହୋଇ ତାଙ୍କ ବିଶ୍ୱାସ ଜିଣିଥିଲେ। ଏପରିକି, ପ୍ରସବଜନିତ ସରକାରୀ ସହାୟତା କରାଇଦେବେ ବୋଲି ଫୁଲମଣିଙ୍କୁ କହିଥିଲେ। ଶନିବାର ସକାଳ ପ୍ରାୟ ୬ଟାରେ ଶିଶୁର ବାପା ଧାନାଇ ହାଁସଦା ଓ ନବଜାତକକୁ ସାଥିରେ ଧରି ପାର୍ବତୀ ତାଙ୍କୁ ୫ମହଲା ତଳକୁ ଆଣିଥିଲେ। ତେବେ ଫୁଲମଣିଙ୍କ ଏକ ଫଟୋ ଆବଶ୍ୟକତା ଥିବା କହି ଧାନାଇକୁ ସେ ପୁଣି ଉପରକୁ ପଠାଇ ଦେବା ସହ ଛୁଆକୁ ନିଜେ ଧରି ଅପେକ୍ଷା କରିଛନ୍ତି ବୋଲି କହିଥିଲେ। ଧାନାଇ ଉପରକୁ ଯିବା ପରେ ପାର୍ବତୀ ଶିଶୁପୁତ୍ରକୁ ଧରି ସେଠାରୁ ଚମ୍ପଟ ମାରିଥିଲେ। ଏହା ଜଣାପଡ଼ିବା ପରେ ଫୁଲମଣି ଓ ଧାନାଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ମେଡିକାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଯାଞ୍ଚ କରି ପାର୍ବତୀଙ୍କ କାରନାମା ଜାଣିବାକୁ ପାଇଥିଲା। ପୁଲିସ ତଦନ୍ତ କରି ପ୍ରାୟ ୫ ଘଣ୍ଟା ପରେ ବୈଶିଙ୍ଗା ଥାନା ଅଞ୍ଚଳରୁ ପାର୍ବତୀକୁ ଧରିଥିଲେ।

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ପାର୍ବତୀ ଗର୍ଭବତୀ ନାଟକ ରଚି କିଛି ଦନି ତଳେ ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିଲେ। ତିନିଦିନ ରହିବା ପରେ ଡାକ୍ତର ତାଙ୍କର ପରୀକ୍ଷାନିରୀକ୍ଷା କରିବାରୁ ସତ ପଦାକୁ ଆସିଥିଲା। ପାର୍ବତୀ ପେଟରେ କପଡ଼ା ପୂରାଇ ଗର୍ଭବତୀ ହେବାର ଅଭିନୟ କରୁଥିବା ଜଣାପଡ଼ିଥିଲା। କିନ୍ତୁ ପାର୍ବତୀ ସେଠାରେ ମାନସିକ ବିକାରଗ୍ରସ୍ତଙ୍କ ଭଳି କଥାବାର୍ତ୍ତା କରିବାରୁ ତାଙ୍କୁ ଡାକ୍ତର ମାନସିକ ୱାର୍ଡକୁ ସ୍ଥାନାନ୍ତର କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ମହୁଲଡିହା/ଠାକୁରମୁଣ୍ଡା, ୧୧।୧୦ (ସମିସ): ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ। ଠାକୁରମୁଣ୍ଡା ଥାନା ଅଧୀନ ହାତୀଗୋଡ଼ା ପଞ୍ଚାୟତ ଅସନକୁଦର ପୁରୁଣା ଖଡ଼ିଆ ବସ୍ତିରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ଟୁରି ଦେହୁରି। ଠାକୁରମୁଣ୍ଡା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ସୁବୁଦ୍ଧି ଦେହୁରି (୫୦)କୁ ଗିରଫ କରିଛି। ସୁବୁଦ୍ଧି ଖେଡିଆ ଜନଜାତିର। ଏନେଇ ପୁଲିସ ନମ୍ବର ୧୧୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି।

ସୂଚନାନୁସାରେ, ଶୁକ୍ରବାର ରାତିରେ ସୁବୁଦ୍ଧି ମଦ ପିଇ ଘରକୁ ଫେରିଥିଲା। କୌଣସି କାରଣରୁ ସ୍ତ୍ରୀ ଟୁରି ସହ ତା'ର ବଚସା ହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ସେ ଏକ ଟାଙ୍ଗିଆରେ ଟୁରିଙ୍କୁ ନୃଶଂସ ଭାବେ ହାଣି ହତ୍ୟା କରିଥିଲା। ଏ ସଂପର୍କରେ ବଡ଼ପୁଅ ପବିତ୍ର ଦେହୁରି(୨୩) ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ସଦଳବଳେ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଆଜି ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ ଓ ବାରିପଦା ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

## ଗଛ କାଟୁଥିବା ବେଳେ ଚାପି ହୋଇ ଯୁବକ ମୃତ

କପ୍ତିପଦା, ୧୧।୧୦ (ସମିସ): କାଳ ହେଲା ଗଛ କାଟିବା। ଗଛ ଉପରେ ଚଢ଼ି ଡାଳ କାଟିବା ବେଳେ ଉପରେ ଆଉ ଏକ ଗଛ ଲଦି ହୋଇଗଲା। ଫଳରେ, ଗଛ ସନ୍ଧିରେ ଚାପି ହୋଇ ପ୍ରାୟ ୩ ଘଣ୍ଟା ଧରି ୩୦ଫୁଟ୍ ଉପରେ ଝୁଲି ରହିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କପ୍ତିପଦା ଥାନା ବିଶୋଳ ଗ୍ରାମରେ। ମୃତକ ହେଲେ, ଗ୍ରାମର ସୋମନାଥ ବେହେରା। ସୂଚନାନୁସାରେ, ଗ୍ରାମର ରତ୍ନାକର ପୃଷ୍ଟିଙ୍କ ଘର ବାଡ଼ିରେ ଥିବା ଏକ ବଡ଼ ଆମ୍ବ ଗଛ ଥିଲା। ତାହାକୁ କାଟିବା ପାଇଁ ସୋମନାଥ ଗଛରେ ଚଢ଼ିଥିଲେ। ପ୍ରାୟ ୩୦ ଫୁଟ୍ ଉପରେ ସେ ଗଛର ଡାଳ କାଟିବା ବେଳେ ପାଖରେ ଥିବା ଏକ ତେନ୍ତୁଳି ଗଛ ଡାଳ ତାଙ୍କ ଉପରେ ପଡ଼ିଥିଲା। ଫଳରେ ସୋମନାଥ ଦୁଇ ଗଛ ସନ୍ଧିରେ ଚାପି ହୋଇଯାଇଥିଲେ। ଏହା ଦେଖି ଗ୍ରାମବାସୀ ଦମକଳ ବିଭାଗକୁ ଖବର ଦେଇଥିଲେ। ପାଖାପାଖି ୩ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୁଲିସ ଏହି ଘଟଣାର ତଦନ୍ତ କରୁଛି।


# ଓପିଜିସିରେ ମିଶ୍ରଣ ହେବ ଓସିପିଏଲ୍

## ମିଶ୍ରଣ ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥର ପରିପନ୍ଥୀ, ହେବ ବ୍ୟାବସାୟିକ କ୍ଷତି: ଶକ୍ତି ସମୀକ୍ଷକ

ଭୁବନେଶ୍ୱର,୧୧।୧୦(ସମିସ): ରାଜ୍ୟ ସରକାର ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍(ଓପିଜିସି) ସହ ମିଶ୍ରଣ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗତ ୮ ତାରିଖରେ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ନିଷ୍ପତ୍ତି ସମ୍ପର୍କିତ ଏକ ନୋଟସିଟ ପ୍ରେରଣ କରିଛନ୍ତି। ଓପିଜିସିରେ ଓପିସିଏଲ ମିଶ୍ରଣ ନିଷ୍ପତ୍ତି ହୋଇଥିବାରୁ ଓସିପିଏଲର ସିଇଓ ପଦବୀ ପୂରଣ ପାଇଁ ବର୍ତ୍ତମାନ ଜାରି ରହିଥିବା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଏହି ନୋଟସିଟ୍‌ରେ ଉଲ୍ଲେଖ ରହିଛି। ଏହି ନୋଟସିଟ୍‌କୁ ନେଇ ଶକ୍ତି ସମୀକ୍ଷକ ତଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମିଶ୍ରଣ ନିଷ୍ପତ୍ତି କାହାର ଏବଂ କାହା ସ୍ୱାର୍ଥ ପୂରଣ ପାଇଁ ଉଦ୍ଦିଷ୍ଟ ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରିବା ସହ ଏହାଦ୍ୱାରା ବ୍ୟାବସାୟିକ କ୍ଷତି ହେବ ବୋଲ ଆଶଙ୍କା ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟ ମାସରେ ଓପିଜିସି ବୋର୍ଡ ମିଟିଂରେ ଏହାର ସହଯୋଗୀ ସଂସ୍ଥା ଓସିପିଏଲକୁ ଏହା ସହିତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ମିଶ୍ରଣ ପଛର କାରଣରେ କୁହାଯାଇଥିଲା ଯେ ଏହି ମିଶ୍ରଣ ସମ୍ଭବ ହେଲେ ମନୋହରପୁର କୋଇଲା ଖଣିରୁ ଉତ୍ପାଦିତ କୋଇଲା ଉପରେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବାକୁ ପଡିବ ନାହି। ଯାହାଫଳରେ ଓପିଜିସିର ବିଦ୍ୟୁତ୍ ମୂଲ୍ୟ କମିଯିବ। ସେହିପରି ଗତ ବିଧାନସଭା ଅଧିବେଶନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ୍ଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଅଧୀନରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ପ୍ରସ୍ତାବର ପ୍ରଭାବ ସମସ୍ତ ଦିଗରୁ ବିଶ୍ଳେଷଣ କରାଯାଉଅଛି।

ଅପରପକ୍ଷରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଯେଉଁ ଉଦ୍ଦେଶ୍ୟରେ ଓପିଜିସି ବୋର୍ଡରେ ମିଶ୍ରଣ ପ୍ରସ୍ତାବ ଅନୁମୋଦନ ହୋଇଥିଲା, ତାହା ଇତିମଧ୍ୟରେ ସମାଧାନ ହୋଇଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ କୋଇଲା ଉତ୍ପାଦନ ଉପରେ ଜିଏସଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଗତ ସେପ୍ଟେମ୍ବର ୨୨ ତାରିଖରୁ ଆଉ ଲାଗୁ କରାଯିବ ନାହିଁ। ତଦନୁଯାୟୀ କେନ୍ଦ୍ର ଜିଏସଟି ପରିଷଦ ଜିଏସଟି କ୍ଷତିପୂରଣ ସେସ୍‌କୁ ରଦ୍ଦ କରିଦେଇଛନ୍ତି। ତେଣୁ ଓସିପିଏଲ ଏବେ ଓପିଜିସିରେ ମିଶ୍ରଣ ନ ହେଲେବି ଜିଏସଟି କ୍ଷତିପୂରଣ ସେସ୍ ବାବଦରେ ଆଉ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହି। ସେହିପରି ଭାବେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ



NOTE SHEET
UOI No. 22 /PRSCM
Date: 08.10.2025

Sub: Recruitment for the post of CEO, OCPL

Considering the latest decision of the State Government to merge OCPL with OPGC, you are requested to cancel the ongoing recruitment process for the post of CEO, OCPL.

Issued with approval of Hon'ble Chief Minister.

08.X.2025
(Saswat Mishra)
Principal Secretary to Chief Minister, Odisha

Principal Secretary
Energy Department

ଅଗଷ୍ଟ ୨୨ ତାରିଖରେ ଓସିପିଏଲକୁ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲା ଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ଓସିପିଏଲକୁ ପୂର୍ବରୁ ଆବଣ୍ଟିତ ହୋଇଥିବା ମନୋହରପୁର କୋଇଲା ଖଣି ସମ୍ପୂର୍ଣ୍ଣରୂପେ ଓପିଜିସି ବିଦ୍ୟୁତ ଉତ୍ପାଦନ ପାଇଁ ସମର୍ପିତ ରହିଛି। ଇତିମଧ୍ୟରେ ଓସିପିଏଲ ମନୋହରପୁର କୋଇଲା ଖଣିରୁ ଗତ ୬ ବର୍ଷ ଧରି କୋଇଲା ଉତ୍ପାଦନ କରି ଏହି ବିଭାଗରେ ଆବଶ୍ୟକୀୟ ଦକ୍ଷତା ଓ ଅଭିଜ୍ଞତା ହାସଲ କରିଛି। ତେଣୁ ଓସିପିଏଲ ନିଲାମ ପ୍ରକ୍ରିୟାରେ ମିଳିଥିବା ଟାଙ୍ଗରଡିହି କୋଇଲା ଖଣିକୁ ଉତ୍ତମ ପରିଚାଳନା କରିବା ପାଇଁ ସକ୍ଷମ। ଏପରି ସମୟରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ରାଜ୍ୟର ପ୍ରବଳ ବ୍ୟାବସାୟିକ ଓ ଅର୍ଥନୈତିକ କ୍ଷତି ହେବ ବୋଲି ଶ୍ରୀ ମହାପାତ୍ର ଯୁକ୍ତି ବାଢ଼ିଛନ୍ତି।

ଓପିଜିସି ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଗଠନ ହୋଇଥିଲା। ଓସିପିଏଲକୁ ଓପିଜିସିରେ ମିଶ୍ରଣ କରି ଯଦି ଟାଙ୍ଗରଡିହି ଖଣିରୁ କୋଇଲା ବ୍ୟବସାୟ କରିବାପାଇଁ ରାଜ୍ୟ ସରକାର ଓପିଜିସିକୁ ଅନୁମତି ଦିଅନ୍ତି, ତେବେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଦକ୍ଷତା ବୃଦ୍ଧି ପାଇଁ ନୂତନ କୋଇଲା କମ୍ପାନୀ ଏନ୍ଏମ୍ଏଲ୍‌କୁ ଏନ୍‌ଟିପିସି କୋଇଲା ଖଣି ହସ୍ତାନ୍ତର କରୁଥିବାବେଳେ ରାଜ୍ୟ ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ଶକ୍ତି ସମୀକ୍ଷକମାନେ ଯୁକ୍ତି ବାଢ଼ିଛନ୍ତି।

## ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ବାଲେଶ୍ୱରରେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି

ବାଲେଶ୍ୱର,୧୧ ।୧୦(ସମିସ)







ପୁଲିସ ଏସ୍ଆଇ ପରୀକ୍ଷାରେ ବ୍ୟାପକ ଜାଲିଆତି ବିରୋଧରେ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚନ୍ମୟ ସାହୁ ଯୋଗଦେଇ କହିଲେ ଚୁପ ବସିବନି ଯୁବଛାତ୍ର ସମାଜ, ଭବିଷ୍ୟତକୁ ନେଇ ବିଜେପି ସରକାର କରୁଥିବା ରାଜନୀତିର ହେବ ଅନ୍ତ । ପରୀକ୍ଷା ବାତିଲ ଏବଂ କେଳେଙ୍କାରୀର ହେବ ପର୍ଦ୍ଦାଫାସ । ଓଡ଼ିଶାର ଭବିଷ୍ୟତ ପାଇଁ ଏ ଲଢେଇ ବଜାୟ ରହିବ ବୋଲି ସେ କହିଥିଲେ । ସେହିପରି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଇପସିତା ସାହୁ ସିବିଆଇ ତଦନ୍ତ, ଓପିଆରବି ଚେୟାରମ୍ୟାନ ଯେପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ । ବିଜେପିର ବଡ଼ ପଣ୍ଡା ମାନେ ଖସି ଯିବାକୁ ଯେଉଁ ବ୍ୟବସ୍ଥା କରୁଛନ୍ତି ଏହାର ବିଜେଡି ପର୍ଦ୍ଦାଫାସ କରିବ । ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା ପ୍ରମୁଖ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ ।

ବିଜେପି ପ୍ରଥମେ ଭୋଟ ଚୋରି କରି ଶାସନ ଗାଦିକୁ ଆସିଥିବା ବେଳେ ଏବେ ଯୁବକମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି । ସେମାନଙ୍କୁ ୨୫ଲକ୍ଷ ଟଙ୍କା ନେଇ ପୁଲିସ ଚାକିରି ଦେଉଥିବା ବେଳେ ଏହି ସ୍କାମ ଏବେ ଧରାପଡିଯାଇଛି । ଯାହା ଫଳରେ ବିଜେପିର ଅସଲ ମୁଖା ଖୋଲି ଯାଇଛି । ବିଜେପି ଶାସନକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶା ଏବେ ଅଶାନ୍ତ ହୋଇପଡ଼ିଛି । ପୁଲିସ ଏସଆଇ ଚାକିରି ପାଇଁ ଯୁବକମାନଙ୍କ ଠାରୁ ଟଙ୍କା ନେଇ ଚାକିରି କରାଇବ ବୋଲି ଏହି ଯୋଜନା ଏବେ ଧରାପଡିଯାଇଥିବା ବେଳେ ପୁଲିସ କିପରି ଭାବେ ସଠିକ ନିଜ ଦାୟିତ୍ୱ ଗ୍ରହଣ କରିବ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହ ଏହାର ସିବିଆଇ ତଦନ୍ତ ଦାବି କରାଯାଇଛି । ଏହି ଅବସରରେ ପ୍ରଥମେ ସିନେମା ଛକ ସ୍ଥିତ ସହିଦ ପାର୍କରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯିବା ପରେ ଏକ ବିଶାଳ ପଟୁଆରରେ ସହର ପରିକ୍ରମା କରାଯାଇ ଫକୀର ମୋହନ କଲେଜ ଛକରେ ପହଞ୍ଚି ଥିଲା । ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗରି, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରଞ୍ଜନ ବାଗ, ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡା ପ୍ରମୁଖ ପ୍ରତିବାଦ ସଭାରେ ଯୋଗଦେଇ ମୋହନ ମାଝୀ ସରକାରଙ୍କ ଦୁର୍ନୀତିଗ୍ରସ୍ତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ବାଲେଶ୍ୱର,୧୧ ।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ଅଡିଟରୀୟମଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଏହି ଆନ୍ତର୍ଜାତୀୟ ଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ,ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହର, ସୁରକ୍ଷା ଅଧିକାରୀ ଯୁଥିକା ରାୟ, ପ୍ରୋଗ୍ରାମ ଅଫିସର ସ୍ୱପ୍ନା ପ୍ରହରାଜ, ସହକାରୀ ଜିଲ୍ଲାପାଳ ଅସ୍ମିତା ଦାସ ଏବଂ ଡ. ପରେଶଚନ୍ଦ୍ର ନନ୍ଦୀ ଯୋଗ ଦେଇଥିଲେ । ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ମହାନ୍ତି କନ୍ୟା ସନ୍ତାନର ଆବଶ୍ୟକତା, ଉପାଦେୟତା ଏବଂ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । କନ୍ୟା ସନ୍ତାନ ଅଲୋଡ଼ା ନୁହେଁ ରାଷ୍ଟ୍ର ଗଠନରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହିତ କନ୍ୟା ସନ୍ତାନ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ସଚେତନ କରାଇବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣଗ୍ରାହୀ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

## ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ସମାରୋହ



ବାଲେଶ୍ୱର,୧୧ ।୧୦(ସମିସ): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନା ଓ ଡାଲି ଜାତୀୟ ଫସଲର ଆତ୍ମ ନିର୍ଭରତା ମିଶନ ଅଭିଯାନକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ଅନୁସୁୟା ନାୟକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇ ସଶକ୍ତ କରିବା ସହିତ ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ସୁଦୃଢ଼ ବିକଶିତ ରାଷ୍ଟ୍ର ରୂପେ ସୁନିଶ୍ଚିତ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ଏହାଛଡା କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିର ଉନ୍ନତ ମାନର ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ କୃଷି ଓ କୃଷକମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ସୁବିଧା ଉପଲବ୍ଧ,କୃଷି କ୍ଷେତ୍ରରେ ଡାଲି ଜାତୀୟ ଫସଲରେ ଓଡ଼ିଶାରେ ୪ଟି ଜିଲ୍ଲାକୁ ନେଇ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବା ସମ୍ପର୍କରେ ଅବଗତ କରିବା ସହିତ ଧନ୍ୟବାଦ ଦେଇଥିଲେ । ଏହି ସମାରୋହରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ ଶହେରୁ ଅଧିକ ଚାଷୀ,ସମସ୍ତ କୃଷି ଅଧିକାରୀ,କର୍ମଚାରୀ ସାମିଲ ହୋଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗ ପରିଚାଳନା କରିଥିଲେ ।

## ପଶ୍ଚିମବଙ୍ଗ ଗଲା ବାଲେଶ୍ୱର ଜିଲ୍ଲା ପ୍ରଶାସନର ଟିମ୍

ବାଲେଶ୍ୱର,୧୧।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ମେଡିକାଲ କଲେଜରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ ନିମନ୍ତେ ଆଜି ବାଲେଶ୍ୱର ଜିଲ୍ଲାରୁ ଏକ ଟିମ୍ ସେଠାକୁ ଯାଇଛନ୍ତି । ସାଧାରଣ ପ୍ରଶାସନ ଓ ପୁଲିସର ମିଳିତ ଟିମ୍ (ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବାଲେଶ୍ୱର ଡିଏସପି, ଆଇୟୁସିଏଡବ୍ଲୁ) ଦୁର୍ଗାପୁର ଗସ୍ତ କରିଛନ୍ତି ।

## ଦୁଇଦିନିଆ ଜଉକଣ୍ଢେଇ ପ୍ରଶିକ୍ଷଣ ଶିବିର




ବାଲେଶ୍ୱର,୧୧।୧୦(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଦୁଇ ଦିନ ଧରି ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବାଲେଶ୍ୱରୀ ଜଉକଣ୍ଢେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତ ସରକାରଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଭୋକାଲ ଫର୍ ଲୋକାଲକୁ ଆଗେଇ ନେବା ପାଇଁ ପ୍ରତ୍ୟେକ ସ୍କୁଲ କଲେଜ ମାଧ୍ୟମରେ ସ୍ଥାନୀୟ କଳା ସଂସ୍କୃତି ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରିନ୍ସିପାଲ ସରୋଜ ବେହେରା ଦୁଇ ଦିନିଆ ବାଲେଶ୍ୱରୀ ଜଉକଣ୍ଢେଇ କର୍ମଶାଳା ଉଦଘାଟନ କରି କରିଥିଲେ । ପ୍ରଶିକ୍ଷକ ଭାବେ ଶିଳ୍ପୀ କେଶୁଦାସ ବାଲେଶ୍ୱରୀ ଜଉକଣ୍ଢେଇର ଇତିହାସ ଓ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ବିଶ୍ୱର ବିଶାଳ କଣ୍ଢେଇ ବଜାରରେ ଭାରତୀୟ କଣ୍ଢେଇର ଭାଗିଦାରୀ ବଢ଼ାଇବା ପାଇଁ ହେଲେ, ଆମକୁ ତୃଣମୂଳ ସ୍ତରରୁ କାମ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର କଳା ଶିକ୍ଷକା ସସ୍ମିତା ସାହୁ କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଅନ୍ୟତମ ଜଉକଣ୍ଢେଇ ପ୍ରଶିକ୍ଷକା ମାୟା ନାୟକ ଛାତ୍ରଛାତ୍ରୀଙ୍କୁ ସୁନ୍ଦର ସୁନ୍ଦର ଜଉକଣ୍ଢେଇ ଗଢ଼ିବା ଶିଖାଇ ଥିଲେ । ଛାତ୍ରଛାତ୍ରୀମାନେ ପ୍ରଥମ ଦିନ ବର କନିଆଁ କଣ୍ଢେଇ ସହ ଗଣେଶ, ଚଢ଼େଇ ଓ ହାତୀ ଇତ୍ୟାଦି ମାଟିରେ ଗଢ଼ିବା ସହ ଜଉରୁ ଜଉରଙ୍ଗ କାଠି ଓ ସୂତା ପ୍ରସ୍ତୁତ ଶିଖିଥିବା ବେଳେ ଦ୍ୱିତୀୟ ଦିନ ପୋଡ଼ା ମାଟି କଣ୍ଢେଇରେ ରଙ୍ଗ ଭରିବା ଶିଖିଥିଲେ ।

● ଟ୍ରେନରେ ଟିକଟ ଯାଞ୍ଚ ଅଭିଯାନ

## ୩୧ଜଣଙ୍କଠୁ ୧୦ହଜାର ଜରିମାନା ଆଦାୟ

ବାଲେଶ୍ୱର,୧୧ ।୧୦(ସମିସ): ଆଜି ଖଡଗପୁର ଡିଭିଜନର ରୁପସା-ବାରିପଦା-ବାଙ୍ଗିରିପୋଷୀ ସେକସନରେ ସହକାରୀ ବାଣିଜ୍ୟ ପ୍ରବନ୍ଧକଙ୍କ ତତ୍ତ୍ୱାବଧାନରେ ଟିକଟ ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନ ସମୟରେ ଟିକେଟ ଯାଂଚ କର୍ମଚାରୀମାନେ ବିନା ଟିକେଟରେ ଯାଉଥିବା ୩୧ଜଣ ଯାତ୍ରୀଙ୍କୁ ଚିହ୍ନଟ କରିଥିଲେ ।



ସେମାନଙ୍କଠାରୁ ୧୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ଖଡଗପୁର ଡିଭିଜନରେ ଟିକଟ ବିନା ଯାତ୍ରାକୁ ରୋକିବା ଉଦ୍ଦେଶ୍ୟରେ ଏହି ଯାଂଚ କରାଯାଇଥିଲା । ଏହାସହ ସେମାନଙ୍କୁ ଟିକଟ ସହ ଯାତ୍ରା କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି ।

## ଯୋଗ ବିଜ୍ଞାନ କର୍ମଶାଳା ଓ ଆଲୋଚନାଚକ୍ର




ବାଲେଶ୍ୱର,୧୧ ।୧୦(ସମିସ): ରେମୁଣା ବ୍ଲକ ବିଦ୍ୟାଧରପୁରସ୍ଥିତ ସରକାରୀ ପଲିଟେକନିକ ସମ୍ମିଳନୀ କକ୍ଷରେ ଯୋଗ ବିଜ୍ଞାନ ଶୀର୍ଷକ ଏକ କର୍ମଶାଳା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡ, ଲକ୍ଷ୍ମୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆନନ୍ଦମାର୍ଗର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଭବେଶାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସଂଘର ରାଜ୍ୟ ସଂଯୋଜକ ଭାସ୍କର ଜେନା ଯୋଗଦେଇଥିଲେ । କର୍ମଶାଳାରେ ମହର୍ଷି ପତଞ୍ଜଳୀଙ୍କ ପ୍ରଣୀତ ଅଷ୍ଟାଂଯୋଗ, ନିୟମ, ଆସନ, ପ୍ରାଣାୟାମ,ପ୍ରତ୍ୟାହାର ଧାରଣା,ଧ୍ୟାନ ଓ ସମାଧୀ ଉପରେ ଆଲୋଚନା କରିଥିଲେ । ଯୋଗ ସାଧନା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ସ୍ମରଣ ଶକ୍ତି,ଏକାଗ୍ରତା, ଆତ୍ମବିଶ୍ୱାସ, ଦକ୍ଷତା ବୃଦ୍ଧି କରିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ନିରୁପମା ପଣ୍ଡା, ହିମାଂଶୁ ଶେଖର ଭୂୟାଁ, ମୁକ୍ତିକାନ୍ତ ପାଢ଼ୀ, ପ୍ରକାଶ ଦାସ, ବିନ୍ଦୁଶ୍ରୀ ସାହୁ, ସଙ୍ଗିତା ମହାନ୍ତି, ବିଭାଗର ସହାୟକ କୃତିବାସ ମହାପାତ୍ର ଆଦି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଅଣ୍ଡା ଦିବସ

ବାଲେଶ୍ୱର,୧୧।୧୦(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଓ ସମ୍ଭବ ସି.ପି. ବିଦ୍ୟାଳୟ ପରିସରରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ବିଶ୍ୱ ଅଣ୍ଡା ଦିବସ ଆୟୋଜନ କରାଯାଇଥିଲା । ଏହି ଦିବସରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନରେଶ କୁମାର ମହାପାତ୍ର (ଭିଏସ ରସାଲପୁର), ଡ. ମନୋରଞ୍ଜନ ମହାପାତ୍ର (ବିଭିଓ ବାହାନଗା), ଉତ୍ତମ କୁମାର ଆଚାର୍ଯ୍ୟ, ଦିବ୍ୟେନ୍ଦୁ କୁମାର ମାଝୀ ଓ ଶିବାଜୀ ଦତ୍ତ ଉପସ୍ଥିତ ରହିଥିଲେ । ଡ. ନରେଶ କୁମାର ମହାପାତ୍ର ବିଶ୍ୱ ଅଣ୍ଡା ଦିବସ ପାଳନର ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ତାତ୍ପର୍ଯ୍ୟ ବାବଦରେ ଉପାଦେୟ ତଥ୍ୟ ରଖିଥିଲେ । ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



### ଦୋକାନ ଓ ହୋଟେଲରେ ବାସି ମିଠା ଓ ନିଷିଦ୍ଧ ଖାଦ୍ୟ ରଙ୍ଗ

# ୩୦ କେଜି ବାସି ମିଠା ନଷ୍ଟ କଲା ଚଢ଼ଉ ଟିମ୍

ବାଲେଶ୍ୱର,୧୧।୧୦(ସମିସ)





**୧୨ ହଜାର ଜରିମାନା ଆଦାୟ**

ଦୋକାନ ଓ ହୋଟେଲରେ ରହୁଛି ବାସି ମିଠା ଓ ଖାଦ୍ୟ । ଏଥିସହିତ ନିଷିଦ୍ଧ ଖାଦ୍ୟ ରଙ୍ଗ ମଧ୍ୟ ବ୍ୟବହାର ହେଉଛି । ଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ପାଲଟୁଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢାଉ ଓ ଯାଞ୍ଚ ବେଳେ ୩୦ କେଜି ବାସି ମିଠା ଖାଦ୍ୟ ନଷ୍ଟ କରାଯାଇଥିବା ବେଳେ ନିଷିଦ୍ଧ ଖାଦ୍ୟ ରଙ୍ଗ ଜବତ କରାଯାଇଛି । ବାଲେଶ୍ୱର ଜିଲ୍ଲାର ମାର୍କୋଣା ବଜାରର ବିଭିନ୍ନ ସ୍ଥାନରେ ଖାଦ୍ୟ ଯାଞ୍ଚ କରାଯାଇଥିଲା । ତେବେ ଦୁଇଟି ମିଠା ଦୋକାନରୁ ୧୦ ହଜାର ଏବଂ ଜାତୀୟ ରାଜପଥ କଡରୁ ହୋଟେଲରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହାବ୍ୟତୀତ ମିଠା ଦୋକାନରେ ଫ୍ରିଜର୍ ଭିତରେ ଭର୍ତ୍ତି ହୋଇ ରହିଥିଲା ଗଦା ଗଦା ମିଠା । ହଠାତ୍ ଚଢାଉ ବେଳେ ଏସବୁ ଧରା ପଡ଼ିବାରୁ ସେସବୁ ମିଠା ଗାଈଙ୍କୁ ଦିଆଯିବ ବୋଲି ଦୋକାନୀ ଚଢ଼ାଉ ଟିମ୍‌କୁ ସଫେଇ ଦେଇଥିଲେ । ଦୀର୍ଘ ଦିନର ବାସି ମିଠା ରହି ରହି ଖରାପ ହୋଇଯାଇଥିଲେ ବି ସେସବୁ ଫ୍ରିଜର୍ ଭିତରେ ରଖାଯାଇ ଲୋକଙ୍କୁ ବିକ୍ରି ପାଇଁ ପ୍ରୟାସ କରାଯାଉଛି । ମିଠା ଦୋକାନୀମାନେ ମିଠା ବିକ୍ରିର ନିୟମ ବି ମାନୁନାହାନ୍ତି । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଖାଦ୍ୟ ଯାଞ୍ଚ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ପକ୍ଷରୁ ମାର୍କୋଣା ବଜାରର ମିଠା ଦୋକାନରେ ଯାଞ୍ଚ କରାଯାଇଥିଲା । ପ୍ରାୟ ଦୁଇଟି ମିଠା ଦୋକାନରୁ ୩୦ କେଜିର ବାସି ମିଠା ନଷ୍ଟ କରାଯାଇଛି । ଯାହା ଦୋକାନର ଫ୍ରିଜର୍ ଭିତରେ ରଖାଯାଇଥିଲା । ଏ ନେଇ ସେମାନଙ୍କୁ ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହିତ ସାତ ଦିନ ପରେ ପୁଣି ଯାଞ୍ଚ କରାଯିବା ନେଇ ଟିମ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଥାଉ କି, ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣ(ଏଫଏସଏସଏଆଇ) ନିୟମ ଅନୁଯାୟୀ, ଦୋକାନୀମାନେ ବାସି ମିଠା ବିକ୍ରି କରିପାରିବେ ନାହିଁ । ଦୋକାନରେ ବିକ୍ରି ହେଉଥିବା ପ୍ରତି ମିଠା ଟ୍ରେ'ରେ ମିଠାର ତିଆରି ଏବଂ ଅବଧିର ତାରିଖ ଲେଖିବା ବାଧ୍ୟତାମୂଳକ କରାଯାଇଛି । ଅର୍ଥାତ୍ ଅବଧି ଶେଷ ପୂର୍ବରୁ ସବୁ ମିଠା ବିକ୍ରି ହେବା ଦରକାର । ତାପରେ ଆଉ ସେଇ ମିଠା ବିକ୍ରି କରିବାର ନିୟମ ନାହିଁ । ମାତ୍ର ବାଲେଶ୍ୱର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । କୌଣସି ମିଠା ଦୋକାନୀ ଏହି ନିୟମ ପାଳନ କରୁନାହାନ୍ତି । ଏମିତିକି ମିଠାକୁ ଫ୍ରିଜର୍‌ରେ ରଖି ବିକ୍ରି କରୁଥିବା ଘଟଣା ସାମ୍ନାକୁ ଆସିଛି । ଏ ନେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ମିଠା ଦୋକାନରେ ଯାଞ୍ଚ କରିବା ବେଳେ ଏଭଳି ଚିତ୍ର ସାମ୍ନାକୁ ଆସିଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ମିଠା ଦୋକାନରେ ଚଢ଼ଉ କରିଥିଲା । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ କହିବା ଅନୁସାରେ, ମିଠା ଦୋକାନ ଓ ହୋଟେଲରେ ଚଢଉ ହୋଇଥିଲା । ମାର୍କୋଣା ଅଞ୍ଚଳରେ ପୂର୍ବରୁ ଚଢ଼ାଉ ବେଳେ ଏହି ଦୁଇ ଦୋକାନ ବନ୍ଦ ରହୁଥିଲା । ଅନେକ ଥର ଯାଞ୍ଚ ସମୟରେ ଏହି ଦୋକାନ ବନ୍ଦ ଥିବାର ଆମେ ଦେଖିଛୁ । ମାତ୍ର ଆଜି ଏହା ଖୋଲାଥିବାର ଦେଖି ହଠାତ୍ ଚଢଉ କରିଥିଲୁ । ଦୋକାନରୁ ଫ୍ରିଜର୍ ଭିତରୁ ଅନେକ ବାସି ମିଠା ବାହାରିଥିଲା । ସେମାନେ ଏହାକୁ ଗାଈଙ୍କୁ ଦେବା ପାଇଁ ରଖିଥିଲେ ବୋଲି କହୁଥିଲେ । ହେଲେ ଗାଈଙ୍କୁ ଦବାର ଥିଲେ ଫ୍ରିଜର୍ ଭିତରେ ଏସବୁ ରଖିବାର କୌଣସି କାରଣ ନାହିଁ । ତେଣୁ ଆମେ ଦୁଇଟି ମିଠା ଦୋକାନରୁ ୩୦ କେଜି ବାସି ମିଠା ନଷ୍ଟ କରିଛୁ । ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସାତ ଦିନ ପରେ ପୁଣି ଥରେ ଯାଞ୍ଚ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

■ ଘର ପଛରୁ ପୁଅର ମୃତଦେହ ଉଦ୍ଧାର ଘଟଣା

## ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ; ଏସ୍‌ପିଙ୍କୁ ଭେଟିଲେ ପିତା



ବାରିପଦା, ୧୧।୧୦(ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ହାତୀମଡ଼ା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ଅବସ୍ଥାରେ ଘର ପଛରୁ ମୃତଦେହ ଉଦ୍ଧାର ଘଟଣା ଏକ ଭିନ୍ନ ମୋଡ଼ ନେଇଛି । ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରୁଥିବା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ । ଯାହାକୁ ନେଇ ମୃତକଙ୍କ ବାପା ଶନିବାର ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଅଭିଯୋଗ ବାବଦରେ ଜଣାଇଛନ୍ତି । ହାତୀମଡ଼ା ଗ୍ରାମର ଯୁବକ ଶାନ୍ତିରଞ୍ଜନ ନାଏକଙ୍କ ମୃତଦେହ ଗତ ସେପ୍ଟେମ୍ବର ୧ ତାରିଖ ସକାଳୁ ଘର ପଛ ପଟୁ ଉଦ୍ଧାର ହୋଇଥିଲା । ସେ ତା ପୂର୍ବ ଦିନରୁ ସାଙ୍ଗମାନଙ୍କ ସହିତ ଯାଇଥିବା ବେଳେ ଘରୁ ଆସି ନ ଥିଲେ । କିନ୍ତୁ ତହିଁ ପରଦିନ ଘର ପଛରେ ତାଙ୍କର ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଚାନ୍ଦୁଆ ଥାନା ପୁଲିସ ଖବର ପାଇ ତଦନ୍ତ କରିଥିଲା । ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲେ । ତେବେ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଥିଲା; କିନ୍ତୁ ପୁଲିସ ରିପୋର୍ଟ ଆସିନଥିବା କହି ତଦନ୍ତ ପ୍ରକ୍ରିୟାକୁ ଘୁଞ୍ଚାଇ ଚାଲିଛନ୍ତି । ତାଙ୍କ ପୁଅକୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ଦୁଇ ଜଣକୁ ସନ୍ଦେହ କରୁଥିବା ନେଇ ପୁଲିସକୁ ମଧ୍ୟ ଜଣାଇଥିଲେ । ପରନ୍ତୁ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ।

## ଧାନ ଫସଲରେ ଚକଡ଼ା ଓ ଜାୱା ରୋଗ ପୋକ

ରାସଗୋବିନ୍ଦପୁର,୧୧।୧୦(ସମିସ): ବର୍ଷା ଅନିୟମିତତା ପରେ କ୍ରମାଗତ ୬ ଥର ବନ୍ୟା ଆସି ରାସଗୋବିନ୍ଦପୁର ଅଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଛି । ବିଶେଷକରି ଏହି ବନ୍ୟାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଛି । ଚାଷୀ ବହୁ ଖର୍ଚ୍ଚାନ୍ତ ହୋଇ ବିଭିନ୍ନ ସ୍ଥାନରୁ ଧାନତଳି ସଂଗ୍ରହ କରି ଧାନରୋଇଥିଲା । ହେଲେ ବର୍ଷା ସବୁ ଧୋଇନେଇ ଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏବେ ଗର୍ଭଣା ସଂକ୍ରାନ୍ତି ପାଖେଇ ଆସୁଥିବା ବେଳେ ଧାନ ଥୋଡରେ ଚକଡା ଓ ଜାୱା ପୋକ ଲାଗିଲାଣି । ଫଳରେ ରାସଗୋବିନ୍ଦପୁର ବ୍ଲକ ୧୬ଟି ପଞ୍ଚାୟତର ବ୍ୟାପକ ଧାନ ଫସଲ କ୍ଷତିହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ରୋଗପୋକ ନିରା କରଣ ସମୟରେ ଚାଷୀଙ୍କୁ ପରାମର୍ଶ ଦେବାକୁ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ । ଚାଷୀ ବିଭିନ୍ନ କୀଟନାଶକ ବ୍ୟବସାୟୀଙ୍କ ପରାମର୍ଶ କ୍ରମେ ଜମିରେ ଔଷଧ ସିଞ୍ଚନ କରୁଥିବା ବେଳେ ଅନେକ ସ୍ଥାନରେ ଔଷଧ କାମ କରୁନି । ଅନ୍ୟପଟେ ବାରମ୍ବାର ଲଗାଣ ବର୍ଷା ଯୋଗୁଁ ଔଷଧ ପ୍ରୟୋଗ କରିବାରେ ବାଧା ସୃଷ୍ଟି କରୁଛି ବୋଲି ଚାଷୀ ପ୍ରକାଶ କରିଛନ୍ତି । ହେଲେ ବର୍ଷା ଯୋଗୁଁ ଠିକ ସମୟରେ ଔଷଧ ପ୍ରୟୋଗ କରିପାରୁ ନାହାଁନ୍ତି । ଫଳରେ ଚାଷ ଉଜୁଡ଼ି ଯିବା ଆଶଙ୍କା ଦେଖାଦେଇଛି । ଚଳିତ ବର୍ଷ ରାସଗୋବିନ୍ଦପୁର ବ୍ଲକରେ ୧୫,୬୦୭.୫୩୧ ହେକ୍ଟର ଚାଷ ଜମିରୁ ୧୪,୮୧୮.୪୫୪ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବାବେଳେ ୨୫ରୁ ୩୫ ପ୍ରତିଶତ ଚକଡା ଓ ଜାୱା ପୋକ ଲାଗିଥିବାରୁ ଚାଷୀଙ୍କ ନିଦ ହଜିଗଲାଣି । ରାସଗୋବିନ୍ଦପୁର ବ୍ଲକର ଅନ୍ୟତମ ପ୍ରମୁଖ ଧାନ ଉତ୍ପାଦନ ଅଞ୍ଚଳ ବନ୍ଧମୁଣ୍ଡି, ପୂର୍ଣ୍ଣଚନ୍ଦ୍ରପୁର, ଗାଁ ଅମରଦା, ଗଡ଼ିଘାଟି, ଖୁଣ୍ଟପାଳ ତଥା ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଜମି ଚକଡା ରୋଗରେ କବଳିତ ହୋଇଛି ।



# ତ୍ରିବିନ୍ଧା ବୈତରଣୀ ଟାପୁରେ ୧୨ ଘଣ୍ଟା ଫସିଲେ ହାତୀପଲ

**ଆକ୍ରମଣରେ ଯୁବକ ଆହତ, ଗୁଲୁଦିପଶି ସ୍କୁଲରେ ଉପଦ୍ରବ**

ଡୁରୁମୁଙ୍ଗା, ୧୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଗତ ଦୁଇଦିନ ଧରି ଆତଙ୍କ ଖେଳାଇ ରହିଥିବା ହାତୀପଲ ଶୁକ୍ରବାର ବିଳମ୍ବିତ ରାତିରେ ଡୁମୁରିଗୋଡା ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ବୈତରଣୀ ନଦୀ ପାରି ହୋଇ ମୟୂରଭଞ୍ଜ ଜିଲ୍ଲା ଆଡ଼କୁ ଯାଉଥିବା ସମୟରେ ତ୍ରିବିନ୍ଧା ବୈତରଣୀ ନଦୀର ତିନି



ଧାରିଆଠାରେ ଏକ ଟାପୁରେ ଫସି ରହିଥିଲେ । ଏକ ଆହତ ଛୁଆ ହାତୀ ଥିବାରୁ ହାତୀପଲ କୁଆଡେ ଯାଇ ନପାରି ଟାପୁରେ ଫସିରହିଥିଲେ । ହାତୀପଲଙ୍କୁ ଖାଦ୍ୟ ଦେବା ପାଇଁ ବିଭାଗ ପକ୍ଷରୁ ଚେଷ୍ଟା କରାଯାଇଥିଲା ହେଲେ ସମ୍ଭବ ହୋଇ ପାରି ନଥିଲା । ଦୀର୍ଘ ୧୨ ଘଣ୍ଟା ଧରି ଫସିରହିଥିବା ବେଳେ ନିଜେ ଟାପୁରୁ ବାହାରି ପୁନର୍ବାର ପାଟଣା ରେଞ୍ଜକୁ ପ୍ରବେଶ କରିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀପଲ ପାଟଣା ରେଞ୍ଜର ରାଇକଳା ଗାଁ ନିକଟରେ ଥିବା ଜଣାପଡିଛି । ସେହିପରି ହାତୀପଲଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ କଇଣ୍ଡା ନିକଟ ଚିଙ୍ଗିରିପଶି ଗାଁର ସଦାନନ୍ଦ ମୁଣ୍ଡାଙ୍କୁ ୧୦୮ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପାଟଣା ସେକ୍ସନ ଅଞ୍ଚଳରେ ବୁଲୁଥିବା ୪ ଗୋଠଛଡ଼ା ଦନ୍ତା ମଧ୍ୟରୁ ଏକ ଗୋଠଛଡ଼ା ଦନ୍ତା ଗୁଲୁଦିପଶି ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍କୁଲ ପାଚେରି ସହ ପାଇଖାନା ଘର ଭାଙ୍ଗି ଦେଇଛନ୍ତି ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତେଲକୋଇ, ୧୧।୧୦(ସମିସ): ତେଲକୋଇ ଥାନା ଦନ୍ଧୁଆମୁଣ୍ଡା ଗ୍ରାମ ଗୋଲେଖ ବିହାରୀ ନାୟକଙ୍କ ପୋଖରୀରୁ ସ୍ଥାନୀୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ସେହି ଗ୍ରାମର ନରୋତ୍ତମ ଧୀବର (୩୨) । ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗୋଲେଖ ନାୟକ ମଧ୍ୟ ଗୁରୁତର ହୋଇଥିବା ଜଣାପଡ଼ିଛି । ଗୋଲଖ ନାୟକ ତାଙ୍କ ପୋଖରୀରେ ମାଛ ଚାଷ କରିଥିବା ବେଳେ ମାଛ ଚୋରିକୁ ରୋକିବା ପାଇଁ ନରୋତ୍ତମଙ୍କ ସହ କିଛି ବାଉଁଶ ଗଛ କାଟି ପୋଖରୀ ଭିତରେ ପକାଉଥିଲେ । ପୋଖରୀ ଉପରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ଯାଇଥିବାରୁ ବାଉଁଶ ପକାଇବା ବେଳେ ବିଦ୍ୟୁତ୍ ଆଘାତରେ ପୋଖରୀ ଭିତରେ ଖସି ପଡ଼ିଥିଲେ । ପରେ ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି ।

## କଲେଜରୁ ଚୋରି ଅଭିଯୋଗ

ବଡ଼ସାହି,୧୧।୧୦(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରୁ ଚୋରି ଅଭିଯୋଗ ହୋଇଛି । କଲେଜରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୧୨ଟି ଫ୍ୟାନ, ୮ଟି କ୍ରିକେଟ ବ୍ୟାଟ ଓ ଅନ୍ୟାନ୍ୟ ଖେଳ ସାମଗ୍ରୀ ଚୋରି କରି ନେଇଥିବାର ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା, ୧୧।୧୦(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ବାଉଁଶୁଳି ପଞ୍ଚାୟତ ଭଁଅରପୁର ଗ୍ରାମର ଶ୍ରବଣ ମହାନ୍ତ(୪୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳେ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକଙ୍କ ସ୍ତ୍ରୀ ବର୍ଷାରାଣୀ ମହାନ୍ତଙ୍କ ଅଭିଯୋଗ ଆଧାରରେ ଥାନା ଏସଆଇ ସୁରେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି ।

## ଗୋରୁ ଚାଲାଣ ଘଟଣାରେ ୫ ଗିରଫ

ହାଟଡିହୀ,୧୧।୧୦(ସମିସ): ଛେନାପଦି ଛକ ଦେଇ ବାରିପଦା ଯାଉଥିବା ୨ଟି ଗାଈ ବୋଝେଇ ଆଇଚର ଟ୍ରକକୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଶୁକ୍ରବାର ଅପରାହ୍ଣରେ ଅଟକାଇଥିଲେ । ବେଆଇନ ଗୋରୁ ଚାଲାଣ ସନ୍ଦେହ କରି ଯୁବକମାନେ ଗାଈଗୁଡ଼ିକୁ ଗାଡିରୁ ଓହ୍ଲାଇ ଦେଇଥିଲେ । ସେସବୁ କୌଣସି ସରକାରୀ ଯୋଜନା ଅନୁସାରେ ମହାରାଷ୍ଟ୍ର କାନପୁରରୁ ମୟୂରଭଞ୍ଜ ଜିଲ୍ଲା ବାରିପଦା ଲୁଲୁଙ୍ଗ ନିକଟ କାକରପାଣିସ୍ଥିତ ଜୟଶ୍ରୀ ଗ୍ରୀନଲ୍ୟାଣ୍ଡ ଡାଏରୀ ଫାର୍ମକୁ ଯାଉଥିଲା ବୋଲି ଜଣାପଡ଼ିଛି । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଶନିବାର ଏଥିରେ ସମ୍ପୃକ୍ତ ୫ ଜଣ ଯୁବକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଆକାଶ ସା, ନନ୍ଦ ଜେନା, ଅନାଦି ମହାନ୍ତି, ପଙ୍କଜ ସା, ରାଜକିଶୋର ଜେନାଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଗତକାଲି ଉକ୍ତ ଫାର୍ମକୁ ପ୍ରତିଟି ଟ୍ରକରେ ୯ଟି ଲେଖାଏଁ ୮ଟି ଟ୍ରକରେ ସମୁଦାୟ ୭୨ଟି ଗାଈ ଯାଉଥିଲା । ଛଅଟି ଟ୍ରକରେ ୫୪ଟି ଗାଈ ଉକ୍ତ ଜୟଶ୍ରୀ ଗ୍ରୀନଲ୍ୟାଣ୍ଡ ଫାର୍ମରେ ପହଞ୍ଚି ସାରିଥିବା ବେଳେ ୧୮ଟି ଗାଈ ନେଇ ଯାଉଥିବା ଏହି ୨ଟି ଟ୍ରକ ୫୩ନଂ ରାଜ୍ୟ ରାଜପଥ ଭଦ୍ରକ ରାସ୍ତା ପରିବର୍ତ୍ତେ ଭୁଲବଶତଃ ଆଗରପଡ଼ା ରାସ୍ତାରେ ପଶି ଯାଇଥିଲେ । ୫ଜଣ ଡ୍ରାଇଭରଙ୍କୁ ସେମାନେ ଅଟକାଇ ମାଡ଼ ମାରିବା ସହ ଗାଡ଼ିର ପରିବହନ କାଗଜପତ୍ର ଚିରିଦେବା ଏବଂ ସେମାନଙ୍କ ନିକଟରୁ ଟଙ୍କା ଛଡ଼ାଇ ନେବା ଭଳି ଅଭିଯୋଗ ହୋଇଛି ।

## ପାଟଣା, ଘଷିପୁରା, ବାଂଶପାଳ ଓ ଝୁମ୍ପୁରାରେ ହେବ ପ୍ରଥମ ଶ୍ରେଣୀ ଅଦାଲତ

ଡୁରୁମୁଙ୍ଗା, ୧୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣାରେ ଫାଷ୍ଟଟ୍ରାକ କୋର୍ଟ ସ୍ଥାପନ ପାଇଁ ଗୁରୁବାର ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପାଟଣାରେ ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା ହେବା ବିଜ୍ଞପ୍ତି ପ୍ରକାଶ ପରେ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି । ଆଡିସନାଲ ସେକ୍ରେଟାରୀ ଭବେଶ କୁମାର ନାୟକଙ୍କ ଦସ୍ତଖତରେ ବିଜ୍ଞପ୍ତି ସଂଖ୍ୟା ୩୭୯୭୦/ଅକ୍ଟୋବର ୯ ତାରିଖରେ ଏହା ପ୍ରକାଶ ପାଇଛି । ସେହିଭଳି ସମାନ ଦିନରେ ଜିଲ୍ଲାର ଘଷିପୁରା, ବାଂଶପାଳ ଓ ଝୁମ୍ପୁରାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ପ୍ରତିଷ୍ଠା ପାଇଁ ୩ ପୃଥକ ବିଜ୍ଞପ୍ତି ପ୍ରକାଶ ପାଇଛି ।

■ ଗେଡ଼ମା ସରପଞ୍ଚଙ୍କ ୩ ସନ୍ତାନ ପ୍ରସଂଗ

## ତଦନ୍ତ କରିବ କମିଟି

ହାଟଡ଼ିହୀ,୧୧।୧୦(ସମିସ): ଦୁଇରୁ ଅଧିକ ସନ୍ତାନ ଥିଲେ ପଞ୍ଚାୟତ ନିର୍ବାଚନରେ ଭାଗ ନେଇ ପାରିବେନି ବୋଲି କଟକଣା ରହିଛି; ମାତ୍ର ଗେଡମା ସରପଞ୍ଚ ନିର୍ବାଚନ ସମୟରେ ସତ୍ୟପାଠ କରିଆରେ ଏହି ତଥ୍ୟକୁ ଲୁଚାଇ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ଏଥିନେଇ ଗେଡମା ଅଞ୍ଚଳର ବିଶ୍ୱଜିତ ଦାସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାର ସବିଶେଷ ଯାଞ୍ଚ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ପକ୍ଷରୁ ଏକ କମିଟି ଗଠନ ହୋଇଛି । କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ଗେଡମା ସରପଞ୍ଚ ଶୀଲାରାଣି କାଣ୍ଡି ୩ ସନ୍ତାନର ଜନନୀ ହୋଇଥିବାରୁ ପଞ୍ଚାୟତରାଜ ନିୟମ ଅନୁସାରେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ କଟକଣା ଥିଲେ ମଧ୍ୟ ସେ ବେଆଇନ୍ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । କେନ୍ଦୁଝର ଜିଲ୍ଲାପାଳ ଆଦେଶ ନମ୍ବର ୧୦୯/୪।୧୦।୨୫ରେ ଏକ କମିଟି ଗଠନ କରି ସବିଶେଷ ଯାଞ୍ଚ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟିରେ ଆନନ୍ଦପୁର ଉପଜିଲ୍ଲାପାଳ ଅଧ୍ୟକ୍ଷ ରହିଥିବା ବେଳେ ହାଟଡ଼ିହୀ ବିଡିଓ ନୋଡ଼ାଲ ଅଫିସର, ସିଡିପିଓ ଓ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ସଦସ୍ୟ ରହିଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ବାରିକଙ୍କ ଦେହାନ୍ତ

କରଞ୍ଜିଆ, ୧୧।୧୦(ସମିସ): କରଞ୍ଜିଆ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ୍‌ଙ୍କ ଗତକାଲି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ସ୍ୱର୍ଗତ ବାରିକ ସହରର ୧୫ ନମ୍ବର ୱାଡର୍ ମଙ୍ଗଳା ମନ୍ଦିର ସାହିରେ ଅବସ୍ଥାନ କରୁଥିଲେ । ଏହି ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଖବର ପାଇ ବହୁ ଛାତ୍ରଛାତ୍ରୀ ମଧ୍ୟ ପହଞ୍ଚି ଶେଷଦର୍ଶନ କରିଥିଲେ । ସେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟରୁ ଅବସରର ଗ୍ରହଣ କରିଥିଲେ । ସେ ଜଣେ ଛାତ୍ରପ୍ରେମୀ ଥିଲେ । କରଞ୍ଜିଆ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି । ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।






# ଲାଇନମ୍ୟାନ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ସେଦିନ ଅଧରାତିରେ ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମରଟା ହଠାତ୍ ପୋଡ଼ିଗଲା। ଗାଁଟା ସାରା ଅନ୍ଧାର। ଏଇବେଳେ କୋଉ ଇଲେକ୍ଟ୍ରି ଅଫିସ୍‌ରୁ କର୍ମଚାରୀ ଧାଇଁ ଆସିବେ ଯେ, ଏ ମଫସଲ୍ ଗାଁକୁ? କାହାର କ'ଣ ଯାଉଛି, ଇଲେକ୍ଟ୍ରି ଅଫିସ୍‌ରେ ଯାଇ ଫେରାଦ ଦବ! ଘରେ ଘରେ ହିଟର୍, ପ୍ରତି ପାଞ୍ଚ ମିଟରକୁ ପାଞ୍ଚ ମିଟର ଛାଡ଼ି ମେନ୍ ଲାଇନ୍ ତାର ଉପରେ ଜମ୍ପର। ଇଲେକ୍ଟ୍ରି ଅଫିସର୍ ଆଇଲା ମାନେ ସବୁ ଚୋରି ଧରା ପଡ଼ିବା ସୁନିଶ୍ଚିତ। ତେଣୁ କିଏ ଯିବ ହାତରୁ ଖାଇ ବାଟରେ ଗଡ଼ିବାକୁ? ସେଇ ଭିଡ଼ ଭିତରୁ କିଛି ଜଣ କହୁଥାନ୍ତି ଆରେ ଏତେ କଥା କ'ଣ, ଆମ ସନାର ବାଁ ହାତର ଖେଳ ବା ଇଏ। ଡାକରେ ସନା ଲାଇନିବାଲାକୁ ଡାକ।

× × ×

-"ମା' ତ କହୁଥିଲା ତମେ କାଳେ ହାପୁଲେ ପାଠ ପଢ଼ିଛ? ବଡ଼ ଚାକିରି କରିଛ? କିନ୍ତୁ ଏ ଲାଇନବାଲା କ'ଣ?"

-"ଆରେ ସେଇଟା ଲାଇନମ୍ୟାନ୍। ତୁ ସହରରେ ପାଠ ପଢ଼ି ବେଶିକୁ କେମିତି ହାପୁଲେ କହୁଛୁ! ଏ ଗାଁ ଲୋକେ ବି ଠିକ୍ ସେମିତି ଲାଇନମ୍ୟାନ୍‌କୁ ଲାଇନବାଲା କହୁଛନ୍ତି।" ଖାଉ ଖାଉ ମାମୁଁ କହିଲେ।

- "ସେ ଯାହା ହଉ ତମେ ତ ଡକ୍ଟର କି ଇଞ୍ଜିନିଅର୍‌ଟେ ହେବାକଥା କିନ୍ତୁ ଏ ଲାଇନ୍‌ମ୍ୟାନ କ'ଣ?"

-"ଇଏ ଡକ୍ଟର, ଇଞ୍ଜିନିଅରଠୁ ବି ଆହୁରି ବଡ଼ ଚାକିରି... ତୋ ମା' କହିନି ତୋତେ? ହଉ ଆଉ ବେଶି ମୁଣ୍ଡ ଖର୍ଚ୍ଚ କରେନା, ଯା ଶୋଇପଡ଼ିବୁ।"

ପ୍ରତିଦିନ ବଡ଼ିଭୋର୍‌ରୁ ଗୋଟେ ଝୁଲା ଭର୍ତ୍ତି ଯନ୍ତ୍ରପାତି ଧରି ମାମୁଁ ବାହାରି ଯାଆନ୍ତି ଗାଧୋଇପାଧୋଇ। ଫେରନ୍ତି ଗୋଟାଏ ମଳିମୁଣ୍ଡିଆ ଲୋକଟେ ଭଳି ଠିକ୍ ଅଧରାତିରେ। ଖାଇବା ବଢ଼ା ହେଇ କେତେ ବେଳୁ ଥୁଆ ହେଇଥାଏ ମାଣ୍ଡିଆ ତଳେ। ମୁଁ କିଛି ପଚାରିବି ବୋଲି ଭାବି ଭାବି ଶୋଇଯାଏ ସେ ଫେରିବା ପୂର୍ବରୁ।

ମାମୁଁଙ୍କ ରୁମ୍ ସାରା ଯୁଆଡ଼େ ଚାହିଁବ କେବଳ ବହି ହିଁ ବହି। ସେଥିରୁ ଗୋଟେ ବହି ଏପଟସେପଟ ହେଇଗଲେ ଘରସାରା ସେଦିନ ତୁମ୍ବିତୋଫାନ।

ମୁଁ ଥରେ ଆଈଙ୍କୁ ପଚାରିଲି- "ଏତେ ସାରା ବହି ନେଇ ମାମୁଁ କରନ୍ତି କ'ଣ?"

ଆଈ କହେ – "ସେ ବହୁତ ପଢ଼େ। ସ୍କୁଲ,କଲେଜରେ ଫାଷ୍ଟ ହଉଥିଲା। ଏଇ ପାଠ ପାଇଁ ଆମ ଗାଁ ସରପଞ୍ଚ ବଳ ବାବୁଙ୍କଠୁ କେତେ ଯେ ପୁରସ୍କାର ପାଇଛି, ତାର ହିସାବ ନାହିଁ।"

-"ବେଶି ପାଠ ପଢ଼ିଲେ କ'ଣ ଲାଇନ୍‌ମ୍ୟାନ ହୁଅନ୍ତି, ଆଈ?"

ଆଈ ଆଖିରେ ଜକେଇ ଆସେ ଲୁହ, ମୁଁ ପଚାରି ପାରେନି କାହିଁକି?

ଆଜି ମାମୁଁ ଘରୁ ବାହାରୁଥିବାବେଳେ ମୁଁ କହିଲି: "ଆଜି ମୁଁ ତୁମ ସହିତ ଯିବି ମାମୁଁ, ତୁମ ଅଫିସ୍‌କୁ।"

-"କୋଉ ଅଫିସ୍?"

-" ଏଇ ତମର ସେ ଅଫିସ୍, ଯାହା ରବିବାର ବି ଖୋଲା ରହେ! ଯୋଉ ଅଫିସରେ ବଡ଼ି ଭୋର୍‌ରୁ ରାତି ଯାଏଁ କାମ ଲାଗିରହେ!

-"ଆରେ ଗଧ, ବିନା ଫ୍ୟାନ୍‌ରେ ତୁ ମୁହୂର୍ତ୍ତଟେ ରହିପାରୁଛୁ? ଆମେ ଦିନରାତି କାମ ନ କଲେ ତୁ କ'ଣ ଆଲୁଅ ଦେଖିପାରିବୁ? ଯା ଯା ପଢ଼ିବୁ।"

- "ଅଜା,ମାମୁଁଙ୍କ ବାହାଘର କାହିଁକି କରିଦେଉନ ଯେ? ମାଇଁ ଆସିଲେ ଆଉ ଏମିତି ଚିଡ଼୍‌ନ୍ତେନି ମାମୁଁ। ଯେତେବେଳେ ଦେଖ ଖାଲି ପଢ଼ ପଢ଼ ପଢ଼।"

-"ନିଜେ ପଢ଼ିକି କ'ଣଟା ଓପାଡ଼ି ପକେଇଛି କି? ବାବୁ ଦିନେ ଓଏଏସ୍ ଅଫିସର୍ ହେବାର ଦିବାସ୍ୱପ୍ନ ଦେଖୁଥିଲେ ଏବେ ରେଞ୍ଚି, ସ୍କୃ ଡାଇଭର ଝୁଲା ଧରି ଗାଁ ଗାଁ ବୁଲା ହଉଛି! ଛିଃ ଛିଃ ଛିଃ। ଘରର ବଡ଼ ପୁଅ ହେଇ ଇଜ୍ଜତ ବଢ଼େଇବ କ'ଣ! ଯାହା ଟିକକ ଥିଲା ତାକୁ ବି ମାଟିରେ ମିଶେଇ ଦେଲା!"

- "ଆଉ ଦି ଦିନ ପରେ ସାବିତ୍ରୀ ବ୍ରତ। ଘରେ ଭାଇଟିଏ ଥିଲେ ବାହା ହେଲା ଭଉଣୀକୁ ସାହସ। ମାସେ ଆଗରୁ ଭାରଥୁର ପହଞ୍ଚି ଯିବା କଥା। କୋଉଠୁ କ'ଣ ଆସିବ ସେକଥା କଣ ଚିନ୍ତା ଅଛି ବାବୁଙ୍କର?"

ଅଜାଙ୍କଠୁ ଏମିତି ଉତ୍ତରଟେ ମୁଁ କେବେ ବି ଆଶା କରିନଥିଲି! କେଜାଣି କେମିତି ଲାଗିଥିବ ମାମୁଁଙ୍କୁ??

ଓହୋ କେତେ ଟିଙ୍ଗ୍ ଟିଙ୍ଗ୍ କରୁଛି ସେ ଜରିବାଲାଟା ସକାଳୁ ସକାଳୁ! ମୁଁ ଯାଇ ଦେଖେତ ମାମୁଁ ବହିଖାତା ସବୁ ଗୋଟି ଗୋଟି କରି ପକାଉଛନ୍ତି ଦଣ୍ଡିରେ। ଖାଲି ଡାଏରୀ ଖଣ୍ଡକ ଛଡ଼ା।

-" ମାମୁଁ ତମେ ଏସବୁ ବିକି ଦଉଚ! ଆଈ ତମେ ବି ବସିଛ ଏଇଠି ଠାକୁର ଭଳି?"

- "ହଁ ଆଉ କ'ଣ କରିବି?" ମାମୁଁଙ୍କ ରୁଦ୍ଧ ଗଳାରେ ଉତ୍ତର।

-"ହେଲେ ତମେ କାହିଁକି ବିକି ଦଉଚ? ଜାଣିଚ ବହି ବିକିଲେ ପାଠ ହୁଏନି!"

-"ହାଃ ହାଃ... ମୁଁ କ'ଣ ପାଠ ପଢୁଛି,ନା ପଢ଼ିବି ଆଉ? ମୁଁ ପା ଚାକିରି କଲିଣି!"

ମୁଁ ଆଉ କିଛି ପଚାରିଥାନ୍ତି ହେଲେ ଠିକ୍ ସେଇ ସମୟରେ ଗୋଟେ ଅଦ୍ଭୁତ ବେଶଧାରୀ ଲୋକଟେ ଗେଟ୍ ଭିତରକୁ ପଶିଆସି ପଚାରିଲା-"ଏଇଟା ସନା ଲାଇନ୍‌ବାଲାର ଘର ନା?"

ମୋ ଆଈର ଲୁଗାକାନିରେ ହାତପୋଛି ମାମୁଁ ଗଲେ ସେ ଲୋକ ପାଖକୁ। କିଛି ସମୟ ପରେ ଫେରି ଆସିଲେ ତାଙ୍କ ଯନ୍ତ୍ରପାତି ଝୁଲାଟିକୁ ନେବା ପାଇଁ।

ଆଈ କହିଲେ: "କିରେ କ'ଣ ଖାଇଦେଇ ଯା!"

"ଆଜି ଗୋଟେ ବଡ଼ କାମ ହାତରେ ଲାଗିଛି। ଫେରୁ ଫେରୁ ଅଧରାତି ହେଇଯାଇପାରେ। ମୋତେ ଅନେଇ ବସିବୁନି। ଆଉ ହଁ ଯେତିକି ଟଙ୍କା ହେଲା ଏ ବହି ବିକାରୁ, ଦି ନାନୀ ଘରକୁ ଭାର ପାଇଁ ଦେଇଦବୁ। ଏତିକି କହି ଆଗେଇ ଯାଉଥିବା ବେଳେ ହଠାତ୍ ପଛକୁ ମୋଡ଼ି ମୋତେ ଚାହିଁ କହିଲେ, ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ...।"

× × ×

ଦୂରରୁ ମାଇକରେ ଖଣ୍ଡି ଖଣ୍ଡି ଶୁଭୁଛି ଅଗାପୁରରେ ରଙ୍ଗମହଲ ଯାତ୍ରାର ସଂଳାପ। ଯା ଭିତରେ ସତର ଥର ମାମୁଁଙ୍କ ଫେରିବା କଥା ପଚାରି ଗଲେଣି ଅଜା। ଆଈ ବସିଛି ବାଟପାଖ ପିଣ୍ଡାରେ ଡେରା ଦେଇ। ମୁଁ ମଝିରେ ମଝିରେ କହୁଥାଏ: "ଆଈ ଘରକୁ ପଳେଇବା ଚାଲ, କାକର ପଡ଼ିଲାଣି।"

ତାଟି ପାଖରୁ ଘେରାଏ ବୁଲିଆସି ଅଜା କହୁଥିବେ: "ଏ ଟୋକାର କ'ଣ ଚିନ୍ତା କିଛି ଅଛି? ରାତି ଆସି କେତେଟା ହେଲାଣି?"

ଫର୍ଚ୍ଚା ଫର୍ଚ୍ଚା ଦିଶିଲାଣି ଆକାଶ। ଅଗାପୁର ଯାତ୍ରା ଭାଙ୍ଗିଲାଣି। ଧାଡ଼ିବାନ୍ଧି ଫେରୁଛନ୍ତି ଯେ ଯା ଗୋଠକୁ। ହଁ ମ ମଦୁଆଟେ ତ! ସବୁଦିନ ତ ମଦ ପିଇ ଫେରୁଥିଲା ଘରକୁ, କିଏ କହୁଥିଲା ମଦ ପିଇ ଇଲେକ୍ଟ୍ରି ଖୁଣ୍ଟି ଚଢ଼ିବାକୁ! ଆଉ କିଏ ତାଳ ଦେଇ କହୁଥିଲେ,ହଁ ମ ବୁଢ଼ା ବାପ ମାଆ କର୍ମରେ ଏଇଯା ଥିଲା ଶେଷକୁ! କି ପାପ କରିଥିଲେ କେଜାଣି?

ମୋ ଆଖିରେ ଲୁହ,ଆଈ ଆଖିରେ ଲୁହ।

ଏଇବେଳେ ଭିଡ଼ ଭିତରୁ କେହି ଜଣେ କହି ଉଠିଲା: "ସନା ଲାଇନ୍‌ବାଲା ଅମର ରହେ।" ଆଉ ସହିପାରିଲିନି ମୁଁ, ଚିତ୍କାର କରି କହି ଉଠିଲି: "ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ, ଲାଇନ୍‌ମ୍ୟାନ,ଲାଇନ୍‌ମ୍ୟାନ!! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍: ୭୫୬୦୦୧
ମୋ: ୭୭୮୯୭୭୨୭୬

# କାଳିଜାଈ

ଅଜୟ ସ୍ୱାଇଁ





ଭୋକିଲା ଚଢ଼େଇ ପଲ
କୁଆଡୁ ଭାସିଆସି
ଗଣ୍ଡ ଉପରେ ଆସର ଜମେଇଥିବା
ପାଗଳ ପବନ।
ଢେଉଢ଼େଉକା ମନର ଉତ୍ତାଳ ଲହଡ଼ି
ଏଣେ ମଟର ଡଙ୍ଗା
ତେଣେ କାଳ କାଳ ନଳବଣ... ।

କୁଆଡ଼େ ହଜିଗଲା ଖିଏ କାନ୍ଦଣାର ଧାର
ଯାହା କିଛି କାଳ ବଞ୍ଚିଥିଲା
ଚଟି ବହିରେ। ପାଠଶାଠ ଜାଣି ନଥିବା
ନିଧି ଡଙ୍ଗାରୀର ନାକୁଆ ସ୍ୱରରେ।
ତଥାପି କିଛି କାନ୍ଦଣା ଲାଖିଥିଲା
ଲୁହ ହୋଇ ସୋଲରୀ କାନ୍ଦରେ...।

ମତେ ଏ ସବୁକୁ ଆଉଥରେ
ମନେ ପକେଇଥିବା ମୋ ପ୍ରିୟ କବି
ଆଉ ନାହିଁ ବାଲୁଗାଁରେ ।

ହଜି ଯାଇଚି କାଳ ସ କାନ୍ଦ
ଆଲୁଅ ସହ ଆଶା।

ଖାଲି ଯା' ବାଆଁରା ଗୀତଟିଏ
ପବନରେ ଅଛି ଧିମା କାନ୍ଦ ପରି
ଯେ ଯାଏ ଚିଲିକା ଅଛି...
ମାଗନ୍ତା ପକ୍ଷୀମାନେ ଅଛନ୍ତି...
ଚଢ଼େଇ ହଗା ଅଛି... ।


ଯେ ଯାଏ ଚିଲିକା କୂଳରେ ଅଛି
ପ୍ରିୟ କବିଙ୍କର ରଙ୍ଗଛଡ଼ା ସମାଧି।
ସେ ଯାଏ ସବୁ ଠିକ୍ ଅଛି ।
ସେ ଯାଏ ସୂର୍ଯ୍ୟାସ୍ତ ଭାସୁଚି
ଗୋଟେ ରଙ୍ଗିନ୍ ଡଙ୍ଗା ହୋଇ
ଚିଲିକା ଜଳରେ ॥ ■

ମୋ: ୯୧୭୮୫୫୮୫୦୮

# ଜନ୍ମଦିନ

ରବି ଶତପଥୀ





କେତେ କେତେ
ପ୍ରେମ ଆଉ ପ୍ରାର୍ଥନାରେ
ରାତି ପାହେ ସେଦିନ,
ଶୁଭେଚ୍ଛା ଓ ଆଶୀର୍ବାଦରେ
କାନ୍ଦ କାନ୍ଦ ଲାଗେ ସକାଳ ।
କେଉଁଠି ଲୁଚିଥାଏ କେଜାଣି
ବୟସ ପାଖରେ
ମିଶାଣ ଚିହ୍ନଟିଏ ଦେଇ
ଚତୁରତାର ସହ ଖସିଯାଏ ସମୟ ।

ଆଲୁଅକୁ ଆଲିଙ୍ଗନ କରି
ଜଳି ପୁଣି ଲିଭିଯାଏ
ଗୋଟେ ଶୁଭ ମହମବତୀ,
ବଢ଼ିଲା ବୟସରେ
ବେଲୁନ୍‌ଟେ ଫାଟିଗଲେ ବି
ଭୟରେ ଥରିଯାଏ ଛାତି ।

କିଛି ଅଭିନନ୍ଦନ ଓ ଫୁଲତୋଡ଼ା
ଚିତ୍ର ହୋଇ ଆସି
ଜମା ହୁଏ ଫୋନ୍‌ର ଚିତ୍ରଶାଳାରେ,
ଧୀରେ ଧୀରେ ଗଛରେ
ହଳଦିଆ ପଡ଼ିଆସୁଥିବା
ପତ୍ର ପରି ଜନ୍ମଦିନ
ବୟସ୍କ ହୁଏ ଅପରାହ୍ଣରେ ।


ସଂଜବେଳକୁ
ଫେରିଯିବାକୁ ସଜବାଜ ହୁଏ
ଆସିଥିବା ଜନ୍ମଦିନ,
ଖାଲି ଖାଲି ହାତ
ଅଥଚ ଭାରି ଭାରି ଛାତି
ଅନ୍ଧାରରେ ବାଟ ଭୁଲିଯିବା
ଭୟରେ ବି ସେ ବାଟ ଖୋଜେ
ଫେରିଯାଏ ପୁଣି ଯାଇପାରେ ନାହିଁ ।। ■

ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

## ପୂଜା । ପତ୍ରିକା । ପରିଚୟ

### ଝୁମୁକା

**ସଂପାଦକ : ମାନସ ରଞ୍ଜନ ସାମଲ**




୧୪୪-ଗଭର୍ଣ୍ଣମେଣ୍ଟ, ଆଇ/ଟି
ଚାରବାଟିଆ, କଟକ-୭୫୪୦୨୮
ମୂଲ୍ୟ:୫୦ ଟଙ୍କା

ଶିଶୁ କିଶୋର ତ୍ରୈମାସିକୀ 'ଝୁମୁକା'ର ଶାରଦୀୟ ବିଶେଷାଙ୍କ-୨୦୨୫ ଆକର୍ଷଣୀୟ ହୋଇଛି। ମାନସ ରଞ୍ଜନ ସାମଲଙ୍କ ସଂପାଦନାରେ ପ୍ରକାଶିତ 'ଝୁମୁକା'ର ଏହି ସଂଖ୍ୟାରେ ଗପ ବିଭାଗରେ ପ୍ରତିଭା ରାୟଙ୍କ 'ଅଳସୁଆ ନାଗସାପ', ମହେଶ୍ୱର ମହାନ୍ତିଙ୍କ 'ନଡ଼ିଆ ଭୂତ', ରମେଶ ପତ୍ରୀଙ୍କ 'ବିପଦ ଟଳିଗଲା', ନରେନ୍ଦ୍ର ପ୍ରସାଦ ଦାସଙ୍କ 'ମୂଷା ମଲେ ମାତ୍ର ଭୋକ ରହିଲା' ଆଦି ଗପଗୁଡ଼ିକ ଯୁଗୋପଯୋଗୀ ଓ ଶିକ୍ଷଣୀୟ ହୋଇଛି। ସେହିପରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଗାଁ ମୋ ପିଲାଦିନ', ଗୌରହରି ଦାସଙ୍କ 'ମୋ ଗାଁ', ନିରୁପମା ଆଚାର୍ଯ୍ୟଙ୍କ 'ଆର ଜନ୍ମକୁ କାଠବେଙ୍ଗ' ଆଦି ଲେଖାରେ ଲେଖକ, ଲେଖିକାମାନେ ନିଜ ଗାଁର ପ୍ରାକୃତିକ ପରିବେଶରେ ବିତାଇଥିବା ପିଲାଦିନର ସ୍ମରଣୀୟ ମୁହୂର୍ତ୍ତ, ଗାଁର ଅନୁଭବ ଓ ଅନୁଭୂତିକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ସେଭଳି ଜୟନ୍ତିକାଙ୍କ 'ଗାଁ କଥା ମନେପଡ଼େ', ସୁନାମଣି ରାଉତଙ୍କ 'ଆଜି ସେ ଗାଁ କାହିଁ!', ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ସୁଷମା ଅପ୍ରକାଶ' ଆଦି କବିତାର ଗାଁର ମନୋରମ ଦୃଶ୍ୟ ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ୨୦୨୫ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରକାଶ ପାଇଛି। ଏହା ସହିତ ଅନୁବାଦ ଗପ, ଏକାଙ୍କିକା, ପୂଜା ବିଶେଷ କବିତାଗୁଡ଼ିକ ମନଛୁଆଁ ହୋଇଛି। 'ଝୁମୁକା'ର ଶାରଦୀୟ ବିଶେଷାଙ୍କ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ନୋବେଲ ସାହିତ୍ୟ ପୁରସ୍କାର -୨୦୨୫

# କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇ

କ୍ଷୀରୋଦ ପରିଡ଼ା



ଚଳିତ ୨୦୨୫ ମସିହା ପାଇଁ ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ନୋବେଲ ପୁରସ୍କାର ପ୍ରଦାନ କରାଯିବ ହଙ୍ଗେରୀର କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇଙ୍କୁ ତାଙ୍କର ଅସାମାନ୍ୟ କଥାଶିଳ୍ପ ପାଇଁ। ଆସନ୍ତା ଡିସେମ୍ବର ଦଶ ତାରିଖ ଦିନ ସ୍ୱୀଡ଼େନର ଷ୍ଟକ୍‌ହୋମ୍‌ଠାରେ ଭାରତୀୟ ମୁଦ୍ରାରେ ଦଶ କୋଟି ଛପନ ଲକ୍ଷ ଟଙ୍କା ଅର୍ଥରାଶି ସହ ନୋବେଲ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସ୍ୱୀଡ଼ିଶ ଏକାଡେମୀ ଓ ନୋବେଲ ଫାଉଣ୍ଡେସନ୍ ଏହି ବିଶ୍ୱ ସାହିତ୍ୟର ଅନନ୍ୟ ବିଜୟୀ କଥାଶିଳ୍ପୀଙ୍କ ସାହିତ୍ୟ ସର୍ଜନା ବିଷୟରେ ଘୋଷଣା କରିଛି ଯେ, "ତାଙ୍କ ରଚନାରେ ରହିଛି ମନୋମୁଗ୍ଧକର ଏବଂ ଦୂରଦର୍ଶୀ ସୃଜନକର୍ମ ଯାହା ସମକାଳର ବିଶ୍ୱର ଭୟ ଓ ଆତଙ୍କର କୁହେଳି ଭିତରେ ବି ସାରସ୍ୱତ ସୃଜନଶିଳ୍ପର ଶକ୍ତିକୁ ଦୃଢ଼ ଓ ସୁନ୍ଦର ଭାବେ ଛିଡ଼ା କରାଇବା କଳା, ଯହିଁରେ ସେ ଜଣେ ସମର୍ଥ ଓ ସଫଳ କଥାଶିଳ୍ପୀ।"

ଲାସ୍ଲୋଙ୍କ ଜନ୍ମ ଜାନୁଆରୀ ୫ ତାରିଖ ୧୯୫୪ ମସିହାରେ ହଙ୍ଗେରୀର ଗ୍ୟୁଲା ପ୍ରଦେଶରେ। ବୃତ୍ତିଗତ ଭାବେ ସେ ଜଣେ ଔପନ୍ୟାସିକ ଓ ପଟ୍ଟଚିତ୍ର ଲେଖକ। ପ୍ରକାଶ ଥାଉ କି ତାଙ୍କ ଉପନ୍ୟାସ ଉପରେ କେତେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ତାଙ୍କ ରଚନାକୁ ଉତ୍ତର ଆଧୁନିକ ବୋଲି କୁହାଯାଇଛି। ସେ ମୁଖ୍ୟତଃ ହଙ୍ଗେରୀ ଭାଷାରେ ଲେଖନ୍ତି, ଯାହା ଇଂରାଜୀ ସମେତ ଅନ୍ୟ କେତୋଟି ୟୁରୋପୀୟ ଭାଷାରେ ଅନୂଦିତ ହୋଇ ତାଙ୍କୁ ବେଶ୍ ଲୋକପ୍ରିୟ କରିଛି। ତାଙ୍କ ରଚିତ ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶ ପାଏ ୧୯୮୫ରେ ଏବଂ ତାହାର ଦଶ ବର୍ଷ ପରେ 'ୱାର୍ ଆଣ୍ଡ ୱାର' ଓ 'ବ୍ୟାରେନ୍ ୱକ୍‌ହେନ୍ସ ହୋମକମି' ୨୦୧୬ ମସିହାରେ ପ୍ରକାଶ ପାଏ। ଏହି ଉପନ୍ୟାସ ତ୍ରୟୀରେ ରହିଛି ବ୍ୟାପକ ଓ ଗଭୀର ଭାଷା ପ୍ରୟୋଗ, ଦର୍ଶନର ପାଣ୍ଡିତ୍ୟ, ଆବେଶିତ ଚରିତ୍ରମାନ ଓ କର୍ଦ୍ଦମାସିକ୍ତ ଭୂଚିତ୍ରାବଳି। ଏସବୁ ହେତୁ କେହି କେହି ତାଙ୍କୁ କ୍ଲିଷ୍ଟ ଉତ୍ତର ଆଧୁନିକ ଗଦ୍ୟଶିଳ୍ପୀ ବୋଲି ଅଭିହିତ କରିଥା'ନ୍ତି। ମାତ୍ର ଏହା ପଛରେ ରହିଛି ଶାସ୍ତ୍ରୀୟ ବୌଦ୍ଧ ଦର୍ଶନ, ଯାହା ସହିତ ସମକାଳର ପାଠକମାନେ ବେଶ୍ ପରିଚିତ ନୁହନ୍ତି। କିନ୍ତୁ ତାଙ୍କ ରଚନାରେ ରହିଛି ମଣିଷ ଜୀବନକୁ ନେଇ ମାର୍ଜିତ, ସୂକ୍ଷ୍ମ ଓ ମଜାଳିଆ କଥନ, ଯାହା ସାଧାରଣ ପାଠକପାଠିକାମାନଙ୍କୁ ମୁଗ୍ଧ କରିଥାଏ। ଏଇ ଗାମ୍ଭୀର୍ଯ୍ୟ, ଗୁରୁତ୍ୱବାହୀ ଓ ଗୁଣାଢ଼୍ୟ ବର୍ଣ୍ଣନା ଚାତୁରୀ ତାଙ୍କୁ ଜଣେ ଗମ୍ଭୀର କଥାଶିଳ୍ପୀ ଭାବେ ପରିଚିତି ଦେଇଛି। ଏଇ ଶତାବ୍ଦୀର ପ୍ରଥମ ଭାଗରେ ଏହି ସବୁ ଧାରାରେ ପ୍ରକାଶ ପାଇଛି ତାଙ୍କର ତିନୋଟି ଗଳ୍ପ ସଂକଳନ – 'ଆନିମଲ ଇନ୍‌ସାଇଡ୍' (୨୦୧୦), ଭୌଗୋଳିକ ସୀମା ଅତିକ୍ରମିତ ଗଳ୍ପ ସଂକଳନ 'ଡେଷ୍ଟ୍ରକ୍ସନ ଆଣ୍ଡ ସରୋ ବେନିଥ୍ ଦି ହେଭେନ୍' (୨୦୦୪) ଏବଂ 'ସୈବୋ ଦେୟାର୍ ବିଲୋ' (୨୦୦୮)।

ସେ ତାଙ୍କ ଆଦ୍ୟ ରଚନା ବିଷୟରେ ସ୍ପଷ୍ଟ ଭାବେ କହନ୍ତି – "ମୁଁ ଭାବେ ଆମର ବାସ୍ତବ ଓ ସତ ଜୀବନ ଥାଏ। ଅନ୍ୟ କେଉଁଠି ଯାହାକୁ ଆମେ ଖୋଜି ଚାଲିଥାଉ ଅହରହ। ଲେଖାଲେଖି ଆରମ୍ଭ କରିବା ପୂର୍ବରୁ ଫ୍ରାଞ୍ଜ କାଫ୍‌କାଙ୍କ 'ଦି କ୍ୟାସେଲ୍' ଓ ମାଲ୍‌କମ୍ ଲୋରୀଙ୍କ 'ଅଣ୍ଡର୍ ଦି ଭଲ୍‌କାନୋ' ଥିଲା ମୋର ଅତି ପ୍ରିୟ ପୁସ୍ତକ ଦୁଇଟି। ଗତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ମୁଁ ଚାହୁଁ ନଥିଲି ଜଣେ ଲେଖକ ହେବି। ଅବଶ୍ୟ ଭାବିଥିଲି କେବଳ ଗୋଟିଏ ଗଳ୍ପ ବହି ରଚନା ପରେ ମୁଁ ସଂଗୀତ ଉପରେ ଓ ଅନ୍ୟ କେତେକ ବିଷୟରେ ଲେଖାଲେଖି କରିବି। ସେତେବେଳେ ମୁଁ ଭାବୁଥିଲି ଗରିବ ଲୋକମାନଙ୍କ ମେଳ ଭିତରେ ରହିବି ଯେଉଁମାନେ ଭୋଗନ୍ତି ବାସ୍ତବ ଜୀବନ, ସତ୍ୟବଦ୍ଧ ଜୀବନ। ନ ହେଲେ ସେମାନେ କହିଁକି ଗରିବ ହୋଇଥା'ନ୍ତେ। ତେଣୁ ମୁଁ ଅତି ଦରିଦ୍ର ଗାଆଁରେ ବସବାସ କରିଛି, ଜାଗା ଓ ଘର ବଦଳାଇଛି ଜୀବନକୁ ଆହୁରି ଆହୁରି ନିକଟରୁ ଦେଖିବାର ଲକ୍ଷ୍ୟ ନେଇ। ବାଧ୍ୟତାମୂଳକ ମିଲିଟାରୀ ସେବାରୁ ଖସି ପଳାଇ ଆସିଛି। ତା'ପରେ ଛୋଟ ଛୋଟ ଲେଖା ଲେଖିଛି ଓ ପ୍ରକାଶିତ ହୋଇଛି। ପୁଲିସ୍ ମତେ ଖୋଜିଛି, ଧରିଛି। ମୁଁ କିଛିଟା ଅପରାଜିତ ବୋଲି ଭାବିଛି। କାରଣ ତାଙ୍କର ପ୍ରତିଟି ପ୍ରଶ୍ନର ଉତ୍ତରରେ କହିଛି – "ମୋତେ ବିଶ୍ୱାସ କର, ମୁଁ ରାଜନୀତିର କୌଣସି ଧାର ଧରେ ନାହିଁ। ନା, ମୁଁ ସମକାଳର ରାଜନୀତି ନେଇ କିଛି ଲେଖି ନାହିଁ କି ଲେଖେ ନାହିଁ। ଆପଣମାନେ କ'ଣ କେବେ ଭାବି ପାରୁଛନ୍ତି ଯେ ମୁଁ ଆପଣମାନଙ୍କ ଚରିତ୍ର, ଜୀବନ ଦର୍ଶନ ବିଷୟରେ କିଛି ଲେଖିବି ବୋଲି? ଅବଶ୍ୟ ମୋର ପାସ୍‌ପୋର୍ଟ ରଦ୍ଦ କରାଯାଇଛି। ଏଇ କଥାବସ୍ତୁକୁ ନେଇ ମୁଁ ଲେଖିଥିଲି ମୋର ପ୍ରଥମ ଉପନ୍ୟାସର କାହାଣୀ, ଯାହା ପ୍ରକାଶିତ ହୋଇଥିଲା ଜଣେ ଅବସରପ୍ରାପ୍ତ ଉଚ୍ଚ ପଦସ୍ଥ ପୁଲିସ୍ ଅଧିକାରୀ ଓ ପରବର୍ତ୍ତୀ ସମୟରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ହୋଇଥିବା ବ୍ୟକ୍ତିଙ୍କ ସୌଜନ୍ୟରୁ।



ବୃତ୍ତିଗତ ଭାବେ ମୁଁ ଖଣି ଶ୍ରମିକ ଭାବେ କାମ କରିଛି। ତାପରେ ବୁଦାପେଷ୍ଟର ପାଖ ଗାଆଁଗୁଡ଼ିକରେ ସାଂସ୍କୃତିକ ନିର୍ଦ୍ଦେଶକ ହୋଇଛି। ଗୀତ ସଙ୍ଗୀତରେ ଭାଗ ନେଇଛି, ପିଲାମାନଙ୍କ ସହ ଘନିଷ୍ଠ ଭାବେ ମିଶିଛି। ପେଟ ପୋଷିବା ପାଇଁ ତିନି ଶହ ଗାଈ ରହୁଥିବା ଏକ ଫାର୍ମରେ ରାତ୍ରୀ ଜଗୁଆଳି ଭାବେ କାମ କରିଛି। ସେଇଠି ସହର ନାହିଁ କି ଗାଆଁ ନାହିଁ- ଏକ ବିସ୍ତୀର୍ଣ୍ଣ ଶୂନ୍‌ଶାନ ଅଞ୍ଚଳ। କେହି ବୋଲି କେହି ନଥା'ନ୍ତି ସେଇଠି। କେବଳ ମଣିଷ ଭାବେ ମୁଁ ଓ ମୋ ପାଖରେ ଥାଏ 'ଅଣ୍ଡର୍ ଦି ଭଲ୍‌କୋନୋ' ବହି ଓ ଦସ୍ତୋଭସ୍କିଙ୍କ ବହି!

ମୁଁ ସଦାବେଳେ ଆମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆସିଛି। ମୋ ରଚନାରେ ଉଚ୍ଚ ମୂଲ୍ୟବୋଧର ମାନବୀୟ ଉଚ୍ଚାରଣ ପ୍ରତି ଅନୁଗତ ରହିଆସିଛି। କିନ୍ତୁ ସଂସ୍କୃତିର ମୂଳଟି ମିଥ୍ୟାଚାର ଉପରେ ଛିଡ଼ା ହୋଇ ରହିଥିବା ପରି ଲାଗିଥାଏ। ଏହାର କାରଣ ହୁଏତ ଏପରି ହୋଇଥାଇ ପାରେ ଯେ, ଆମେ ପିଢ଼ି ପରେ ପିଢ଼ି ସେହି ସଂସ୍କୃତି ପାଇଁ କିଛି କରନ୍ତି ନାହିଁ। ଯେମିତି ତାହା ଗଡ଼ି ଗଡ଼ି ଚାଲିଥାଏ, ଆପଣା ଛାଏଁ। ଆମେ ବିଶ୍ୱାସ କରି ନେଇଥାଉ ଯେ, ଏହା ସେପରି ଚାଲୁଥାଉ। ଏ ବିଷୟରେ ଆମର କୌଣସି ଭାବନା, ରଚନା ଓ ତର୍ଜମା ହିଁ ନଥାଏ। ଇଏ କ'ଣ ? ଇଏ କିପରି ଗଡ଼ି ଗଡ଼ି ଚାଲୁଛି? ଏ ସବୁ ବିଷୟରେ ଆମେ ପ୍ରଶ୍ନ ବି ପଚାରି ନଥାଉ। କିନ୍ତୁ ଏହି କଥାଟି ଏକ ଗୁରୁତ୍ୱପୂର୍ଣ୍ଣ ହୋଇ ଆମ ସାମ୍ନାରେ ଛିଡ଼ା ହୋଇ ରହେ।

ରଚନା କର୍ମ ହେଉଛି କଳାର ଏକ ଅନନ୍ୟ ରୂପ। ଏହାର ସଂସ୍କାର ବି ଲୋଡ଼ା ହୋଇଥାଏ। ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟର ପୁନରାବୃତ୍ତି ହେଉଥାଏ। ବହିଟିଏ ପରେ ବହି ଲେଖି ଚାଲିଲେ ଏପରି ଅନୁଭବ ହେବା ସ୍ୱାଭାବିକ। ଏପରି ସମୟଟିଏ ଆସି ଚେତେଇ ଦିଏ ଯେ ଆମକୁ ଆମ ସାହିତ୍ୟର ପାଠକମାନଙ୍କ କଥା ମନେ ପକାଇବାକୁ ହେବ। କାରଣ ସବୁ ପିଢ଼ିରେ ବା କାଳଖଣ୍ଡରେ ପାଠକ ତା' ଭାଷାର ସାହିତ୍ୟକୁ ଅପେକ୍ଷା କରିଥାଏ। ହୋଇପାରେ ଏଇ ସାହିତ୍ୟ ଏକ ସାନ ପରିସରର ଯେଉଁଠି ଗଳ୍ପ, ଉପନ୍ୟାସ ଓ କବିତା ରହିଛି। କିନ୍ତୁ ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ଯେ ସେଇଠି ପାଠକ ବି ରହିଛି। ଲେଖକ ଓ ପାଠକଙ୍କ ଭିତରେ ଏକ ସର୍ବସାଧାରଣ ଚଳପ୍ରଚଳର ପଡ଼ିଆଟିଏ ରହିଛି। ପଡ଼ିଆଟିର ଆୟତନକୁ ଛୋଟ ବୋଲି ବିଚାରି ନିଜ ରଚନାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରିବା ବି ଏକ ନିର୍ବୋଧପଣ। ଏ ପୃଥିବୀର ଯେତେ କ୍ଷୁଦ୍ରାଞ୍ଚଳ ଥାଉନା କାହିଁକି, ପ୍ରତ୍ୟେକଟିର ରହିଛି ନିଜସ୍ୱ କାଳଖଣ୍ଡ, ସୁଗନ୍ଧ, ଅସାମାନ୍ୟ ସୃଜନ ସମ୍ଭାର, ଚରିତ୍ରମାନ ଓ ନାନାଦି ଘଟଣା ଓ ଅଘଟଣ। ତେଣୁ ପ୍ରତି କାଳଖଣ୍ଡ ପାଇଁ ରହିଛି ସ୍ୱତନ୍ତ୍ର ବା ଭିନ୍ନ ସ୍ଥାନମାନ। ଆମେ ଏଇଠି ଛିଡ଼ା ହୋଇଛୁର ଅର୍ଥ ହେଉଛି ନିଖିଳ ବିଶ୍ୱର ବିଶାଳ ପରିଧି ଭିତରେ ଏକ ଛୋଟିଆ ମାନବୀୟ ପରିସରରେ ରହିଛୁ।

ଏଇ ବିଶିଷ୍ଟ କଥାଶିଳ୍ପୀଙ୍କ ରଚନା ବିପୁଳ ଆକାରର ନୁହେଁ, କିନ୍ତୁ ଜୀବନ ଦର୍ଶନ ଓ ଦୁଃସ୍ଥିତିକୁ ସାମ୍ନା କରି କରି ମଣିଷ କେମିତି ବଞ୍ଚି ରହେ ଓ ମଧୁମୟ ବିଶ୍ୱ କଥା ଚିନ୍ତା କରିଥାଏ, ତାହା ହିଁ ତାଙ୍କ ରଚନାକୁ ଆଜି ବିଶ୍ୱ ପ୍ରସିଦ୍ଧ କରିଛି। ଏଇ ପ୍ରାଚ୍ୟ ବା ବୌଦ୍ଧ ଦର୍ଶନ ପୃଥିବୀର ଅନ୍ୟ ପ୍ରାନ୍ତରର ପାଠକମାନଙ୍କ ପାଇଁ ଏତେ ପରିଚିତ ନୁହେଁ, ତେଣୁ ତାହାକୁ କ୍ଲିଷ୍ଟକର ରଚନା କହିବାରେ କିଛି ବିଚିତ୍ରତା ନାହିଁ।

ଏହି ଲେଖକ ନିଜ ମାତୃଭାଷା ହଙ୍ଗେରୀୟ ଭାଷାରେ ଲେଖନ୍ତି ଏବଂ ଇଂରାଜୀ ସମେତ ବିଭିନ୍ନ ୟୁରୋପୀୟ ଭାଷାରେ ପ୍ରକାଶିତ ବିପୁଳ ପାଠକୀୟତା ଅର୍ଜନ କରିଛି। ବିଶ୍ୱ ସାହିତ୍ୟରେ ତାଙ୍କୁ ୨୦୧୫ ମସିହା ବୁକର୍ ଇଣ୍ଟରନ୍ୟାସନାଲ୍ ପ୍ରାଇଜ୍ ମାଧ୍ୟମରେ ତାଙ୍କ ପ୍ରଥମ ଉପନ୍ୟାସ 'ସାତାନତାନ୍‌ଗୋ' ପାଇଁ ମିଳିଥିଲା ୬୧ ବର୍ଷ ବୟସରେ। ଆଉ ଏବେ ୭୧ ବର୍ଷ ବୟସରେ ନୋବେଲ ସାହିତ୍ୟ ପୁରସ୍କାର। ସେ ଲେଖକ ହୋଇ ଉଠିଥିଲେ କାଫ୍‌କାଙ୍କ ଅନୁଚାରୀ ଭାବେ ଏବଂ ଆମେରିକୀୟ ବିଟ୍ ପୋଏଟ୍ ଆଲେନ୍ ଜିନ୍ସବର୍ଗଙ୍କ ସତୀର୍ଥ ଭାବେ। ଆଲେନ୍ ହେଉଛନ୍ତି ଏକଦା ଓଡ଼ିଶା ରେଭେନ୍‌ସା ଓ କବି ଜୟନ୍ତ ମହାପାତ୍ରଙ୍କ କିଛି କାଳର ବନ୍ଧୁ, ଯାହା ଆମର ସ୍ମର୍ତ୍ତବ୍ୟ।

ଏବେ ଏହି ପୁରସ୍କୃତ କଥାଶିଳ୍ପୀଙ୍କ 'ଦି ୱାର୍ଲ୍ଡ ଗୋଜ୍ ଅନ୍' ଗଳ୍ପ ସଂକଳନର ସବାଶେଷ ଗଳ୍ପ 'ଏଇଠୁ ମୋର କିଛି ଲୋଡ଼ା ନାହିଁ'ର ଅନୁବାଦ ଉପସ୍ଥାପନ କରୁଛି।

**'ଏଇଠୁ ମୋର କିଛି ଲୋଡ଼ା ନାହିଁ'**

ମୁଁ ଏଇଠି ହିଁ ସବୁକିଛି ଛାଡ଼ି ଚାଲିଯିବି। ଏଇଠି ରହିଯିବ ସବୁଜ ଉପତ୍ୟକା, ପାହାଡ଼, ପରିଚିତ ବାଟ ଓ ବଗିଚାର ଆହ୍ଲାଦିନୀ ଚଢ଼େଇମାନଙ୍କୁ। ମୁଁ ଛାଡ଼ି ଦେଇ ଚାଲିଯିବି ଏଇଠୁ ଦିଶୁଥିବା ଆକାଶ ଓ ପୃଥିବୀ, ଝରଣା, ଜଳପ୍ରପାତ ଓ ମୋର ପୋଷା କୁକୁଡ଼ାମାନଙ୍କୁ। ଏପରିକି ମୁଁ ଛାଡ଼ି ଚାଲିଯିବା ସବୁ ପ୍ରସ୍ଥାନ ପଥ, ଶରତ, ବସନ୍ତ, ମୋର ଅନ୍ତିମ ପ୍ରେମିଳ ଦୃଷ୍ଟି।

ମୁଁ ଛାଡ଼ି ଚାଲି ଯିବି ଏଇଠୁ ସହରକୁ ଲମ୍ବି ଯାଇଥିବା ସମସ୍ତ ବାଟ ଓ ସେ ବାଟରେ ପଡ଼ି ରହିଥିବା ପ୍ରିୟ ଧୂଳି କଣାଗୁଡ଼ିକକୁ ଓ ଗୋଧୂଳି ବେଳାକୁ। ବିଚ୍ଛିନ୍ନ ହୋଇଯିବ ମୋଠାରୁ ଏହାରି ମାଧ୍ୟାକର୍ଷଣ ଶକ୍ତି, ମୋହ, ମାୟା, ଆଶା ଓ ନିରାଶା। ଏଇଠି ଛାଡ଼ି ଦେଇ ଯିବି ମୋର ନିକଟତମ ମଣିଷମାନଙ୍କୁ, ପ୍ରିୟଜନଙ୍କୁ ଯେଉଁମାନଙ୍କ ସହିତ ମୋର ଥିଲା ସାନ୍ନିଧ୍ୟ, ଯେଉଁମାନଙ୍କ ସ୍ପର୍ଶ ମୋତେ କରି ଆସିଥିଲା ବିଭୋର। ଏସବୁ ସଂପର୍କ ମୋତେ ମୁଗ୍ଧ ଓ ଚକିତ କରିରଖି ଥିଲା ଏବଂ ଚଳମାନ ଓ ଜାଗ୍ରତ କରି ରଖିଥିଲା।

ମୁଁ ଏଇଠି ଛାଡ଼ି ଚାଲିଯିବି ସବୁ ମହତ ଓ ମନୋରମ ଅନୁଭବ ଏବଂ ଉଦୟମାନ ଅଙ୍କୁର, ପ୍ରତିଟି ଜନ୍ମ ଓ ଅସ୍ତିତ୍ୱ। ଏଇଠି ରହିଯିବ ସବୁତକ ମନ୍ତ୍ର, ମାନ୍ତ୍ରିକ ଉଚ୍ଚାରଣ, ରହସ୍ୟ, ଦୂରତ୍ୱ, କ୍ଷୟହିନତା ଓ ଅନନ୍ତକାଳର ମାଦକତା। ମୁଁ ଏଇ ପୃଥିବୀ ଓ ଚିକିମିକି ତାରାମାନଙ୍କୁ ଏଇଠି ହିଁ ଛାଡ଼ି ଚାଲିଯିବି କାରଣ ଏଇଠୁ ମୁଁ କିଛି ହିଁ କିଛି ସାଥିରେ ନେଇ ଚାଲିଯିବି ନାହିଁ – ସବୁ କିଛି ଛାଡ଼ି ଚାଲି ଯିବି।

ମୁଁ ରିକ୍ତ ଭାବେ ଚାଲି ଯିବି କାରଣ କ'ଣ ସବୁ ଆଗକୁ ଆସିବ ତାହାକୁ ମୁଁ ଦେଖି ପାରୁଛି ଏବଂ ଏଠିକାର କିଛି ବି ମୋର ପ୍ରୟୋଜନ ନାହିଁ। ଏଇ ଜାଗା ମୋର ପ୍ରୟୋଜନ ଲୋଡ଼ିବ କି ନାହିଁ ତାହା ମୋର ଜାଣିବାର ପ୍ରୟୋଜନ ନାହିଁ। ମୁଁ ଚାଲି ଯାଉଛି... ■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧

# ଡିଜିସିଏ ମ୍ୟାପ୍‌ରେ ଶ୍ରୀମନ୍ଦିର

## ଘୋଷଣା ହେଲା ରେଡ୍ ଜୋନ୍

**ପୁରୀ, ୧୧।୧୦(ସମିସ):** ରେଡ୍-ଜୋନ୍ ଅନ୍ତର୍ଭୁକ୍ତ ହେଲା ଶ୍ରୀମନ୍ଦିର। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ୍ (ଡିଜିସିଏ) ମ୍ୟାପ୍‌ରେ ଯୋଡ଼ି ହେଲା ଶ୍ରୀମନ୍ଦିର। ଡିଜିସିଏର ଏୟାରସ୍ପେସ୍ ମ୍ୟାପ୍‌ରେ ବଡ଼ଦେଉଳ ଚତୁଃପାର୍ଶ୍ୱକୁ ରେଡ୍-ଜୋନ୍ ଦର୍ଶାଯାଇଛି। ଏହାର ଅବଧି ୩ବର୍ଷ ରହିଛି। ଅର୍ଥାତ୍ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟ ସୀମା ପୂରଣ ହେବ। ପୁନର୍ବାର ଶ୍ରୀମନ୍ଦିର ଉପରକୁ ନିଷିଦ୍ଧାଞ୍ଚଳ କରିବାକୁ ଆବେଦନ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ଏବେ ରେଡ୍ ଜୋନ୍ ଘୋଷଣା ହେବା ବଡ଼ଦେଉଳର ସୁରକ୍ଷାକୁ ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି।

ଶୁକ୍ରବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ବେଳେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅପରେଟ୍ କରୁଥିବା ଯୁବକକୁ ପୁଲିସ ଧରିବାରେ ସଫଳ ହୋଇଥିଲା। ଏବେ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଭାବେ ଘୋଷଣା ହେବା ପରେ ଡ୍ରୋନ୍ ଉଡ଼ାଣ ବିଷୟରେ ଜାଣିପାରିବେ ବାହାରୁ ଆସୁଥିବା ୟୁଟ୍ୟୁବର।

ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ୍। ଏହା ଜଣାପଡ଼ିବା ପରେ ତତ୍ପରତା ଦେଖାଉଛନ୍ତି ମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛି ଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ତଥା ପରିକ୍ରମା ମାର୍ଗରେ ଡ୍ରୋନ୍ କ୍ୟାମେରା ଘୂରି ବୁଲୁଥିବାର ନଜିର ରହିଛି।

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା। ଏତଦ୍‌ବ୍ୟତୀତ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଅଞ୍ଚଳ ଉପରେ ଅଧିକ କଟକଣା ରହିଥାଏ। ୨୦୧୪ରୁ ଭଏସ୍ ଅଫ୍ କମନ୍ ମ୍ୟାନ୍ ଅନୁଷ୍ଠାନ ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ କରିବା ପାଇଁ ଦାବି କରିଆସୁଥିଲା। ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ସହ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଶେଷରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରିଛି। ଏହାଦ୍ୱାରା ମନ୍ଦିର ଉପରେ କୌଣସି ଉଡ଼ାଣ ହୋଇପାରିବ ନାହିଁ। ଯଦି କେହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଏହାର ଉଲ୍ଲଂଘନ କରନ୍ତି, ରେଡ୍ ଜୋନ୍ ନିୟମ ଅନୁଯାୟୀ ପୁଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବୈଷୟିକ ଓ ନିଜସ୍ୱ ଉଦ୍ୟମରେ ପୁଲିସ ତୀକ୍ଷ୍ଣ ନଜର ରଖିବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣକୁ ପ୍ରତିହତ କରିପାରିବ। ସେହିପରି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବହାର କରି ଡ୍ରୋନ୍‌ଗୁଡ଼ିକୁ ଖସାଯାଇପାରିବ। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିର ରେଡ୍ ଜୋନ୍ ଘୋଷଣା ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ବାଣ ତିଆରି ବେଳେ ବିସ୍ଫୋରଣ, ମା'-ପୁଅ ଗୁରୁତର

**ଜଳେଶ୍ୱର, ୧୧।୧୦(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମରେ ବାଣ ତିଆରି ବେଳେ ବିସ୍ଫୋରଣ ଘଟି ମା' ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ, ଗାଁର ଆଶିଷ ଦତ୍ତଙ୍କ ସ୍ତ୍ରୀ ସୁମିତ ଦତ୍ତ(୩୦) ଓ ପୁଅ ରଣଜିତ ଦତ୍ତ(୧୨)। ଉଭୟଙ୍କୁ ପ୍ରଥମେ ଜିକେ ଭଟର ହସ୍ପିଟାଲ ଓ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ମା'-ପୁଅ ବାଣ ତିଆରି କରୁଥିବା ବେଳେ ବାରୁଦରେ ହଠାତ ନିଆଁ ଲାଗିଯିବାରୁ ଉଭୟ ଗୁରୁତର ଭାବେ ଜଳି ଯାଇଛନ୍ତି।

# ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼ିବାକୁ ନବୀନ ଦେଲେ ଗୁରୁମନ୍ତ୍ର

**ନବୀନଙ୍କୁ ଭେଟିଲେ ଦଳୀୟ ମୁଖପାତ୍ର**

**ରାଜ୍ୟସ୍ୱାର୍ଥ ଏବଂ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା**

**ଭୁବନେଶ୍ୱର, ୧୧।୧୦ (ସମିସ):** ଶନିବାର ବିଜେଡିର ମୁଖପାତ୍ରମାନେ ଦଳୀର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟସ୍ୱାର୍ଥ ଏବଂ ରାଜ୍ୟ ଙ୍କାରଙ୍କ ବିଭିନ୍ନ ଜନମାରଣ ନୀତି ଏବଂ ବିଫଳତା ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ଏବଂ ସରକାରଙ୍କଠାରୁ ଲୋକେ କିପରି ନ୍ୟାୟ ଏବଂ ହକ୍ ପାଇବେ ସେନେଇ ଲଢ଼େଇ କରିବାକୁ ପ୍ରେରଣା ଦେଇଛନ୍ତି। ଲୋକମାନଙ୍କ ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ ଜାରି ଏହି ଅବସରରେ ନବୀନ ଦଳୀୟ ମୁଖପାତ୍ରଙ୍କୁ ପରାମର୍ଶ ଦେଇଥିବା ଦଳର ଉପସଭାପତି ତଥା ବରିଷ୍ଠ ନେତା ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଯେପରି ମହିଳାଙ୍କ ପ୍ରତି ନିର୍ଯାତନା ହେଉଛି, ସେପରି ଘଟଣା ଦୈନିକ ଲୋକଲୋଚନକୁ ଆସୁଛି। ଚାଷୀଙ୍କୁ ଏଯାବତ୍ ସାର ମିଳିଲା ନାହିଁ। ନିଯୁକ୍ତି କ୍ଷେତ୍ରରେ ସବୁ ୧୬ ପରୀକ୍ଷାରେ ଦୁର୍ନୀତି ହୋଇଛି। ରାଜ୍ୟରେ ଏକ ବଡ଼ ନିଯୁକ୍ତି ସ୍କାମ ହୋଇଥିବା ବେଳେ ବିଜେପି ସମର୍ଥନକୁ ଚାକିରୀ ଦେବାକୁ ଉଦ୍ୟମ କରାଯାଉଛି। ଏନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ବିରୋଧୀ ଦଳ ନେତା ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କ ନ୍ୟାୟ ପାଇଁ ଲଢ଼ିବାକୁ ଗୁରୁମନ୍ତ୍ର ଦେଇଛନ୍ତି। ସେହିପରି ଖୁବଶୀଘ୍ର ନବୀନ ପଟ୍ଟନାୟକ ନୂଆପଡ଼ା ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ କଟକ ପରି ଭାଇଚାରା ସହର ଆଜି ଅଶାନ୍ତ ହୋଇ ପଡ଼ିଛି। ଦୁଇଜଣ କୁଖ୍ୟାତ ଅପରାଧୀ ଜେଲରୁ ପଳାଇଗଲେ। ବ୍ରହ୍ମପୁରରେ ବିଜେପିର ଜଣେ ଦଳୀୟ ନେତା ତଥା ବରିଷ୍ଠ ଆଇନଜୀବିଙ୍କୁ ହତ୍ୟା କରାଗଲା। ମୁଖ୍ୟମନ୍ତ୍ରୀ କହିଲେ ଅପରାଧୀ ପାତାଳରେ ଥିଲେ ମଧ୍ୟ ବାହାର କରି ଅଣାଯିବ। ସେ ପାତାଳ କୋଉଠି ଏବଂ ଅପରାଧୀ କାହିଁକି ଧରା ପଡ଼ିନାହାନ୍ତି ବୋଲି ଶ୍ରୀମତି ଦେଓ ପ୍ରଶ୍ନ କରିଛନ୍ତି।

# ଦେଶରେ ଖୁଚୁରା ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୧।୧୦(ସମିସ):** ଭାରତର ଖୁଚୁରା ବିଦ୍ୟୁତ୍ ବଜାରକୁ ସାରା ଦେଶରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ଯୋଜନା କରାଯାଉଛି। ଯାହା ଅଧିକାଂଶ ରାଜ୍ୟରେ ରାଜ୍ୟ ପରିଚାଳିତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଆଧିପତ୍ୟକୁ ଶେଷ କରିବ। କେନ୍ଦ୍ରୀୟ ବିଦ୍ୟୁତ୍ ମନ୍ତ୍ରଣାଳୟର ଏକ ଚିଠା ବିଲ୍‌ରୁ ଏହା ଜଣାପଡ଼ିଛି। ଏହି ପଦକ୍ଷେପ ସାରା ଦେଶରେ ଅଦାନୀ ଏଣ୍ଟରପ୍ରାଇଜେସ, ଟାଟା ପାୱାର, ଟୋରେଣ୍ଟ ପାୱାର ଏବଂ ସିଇଏସ୍‌ସି ଭଳି ଘରୋଇ କମ୍ପାନୀମାନଙ୍କ ଉପସ୍ଥିତିକୁ ମଜବୁତ କରିବାରେ ସାହାଯ୍ୟ କରିବ।

୨୦୨୨ରେ ଏକ ସମାନ ପ୍ରୟାସ କରାଯାଇଥିଲା, ଯାହାକୁ ରାଜ୍ୟ ବିତରଣ କମ୍ପାନୀଗୁଡ଼ିକ ବିରୋଧ କରିଥିଲେ। ବର୍ତ୍ତମାନ ଭାରତର କେବଳ କିଛି ବିଦ୍ୟୁତ୍ ବିତରଣ ଅଞ୍ଚଳ ଯେପରି ଜାତୀୟ ରାଜଧାନୀ ଅଞ୍ଚଳ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଶିଳ୍ପ ଉନ୍ନତ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଘରୋଇକରଣ ହୋଇଛି। ଅଧିକାଂଶ ଅଞ୍ଚଳ ରାଜ୍ୟ ନିୟନ୍ତ୍ରଣରେ ରହିଛି। ବିଦ୍ୟୁତ ବଣ୍ଟନ କମ୍ପାନିଗୁଡ଼ିକ ଗଭୀର ଆର୍ଥିକ କ୍ଷତିରେ ଚାଲୁଛି। ରାଜ୍ୟମାନଙ୍କ ଉପରେ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକର କ୍ଷତି ହ୍ରାସ କରିବା, ଆର୍ଥିକ ସ୍ୱଚ୍ଛତା ଏବଂ ପୁରୁଣା ଭିତ୍ତିଭୂମି ଉନ୍ନତ କରିବା ପାଇଁ ଚାପ ରହିଛି। ଚଳିତ ବର୍ଷର ଆରମ୍ଭରେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଏହାର ଚାରୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରୁ ଦୁଇଟିକୁ ଘରୋଇକରଣ ପାଇଁ ବିଡ୍ ଆହ୍ୱାନ କରିଥିଲା। ୨୦୨୫ ଜୁନ ସୁଦ୍ଧା ରାଜ୍ୟ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକ ବିଦ୍ୟୁତ୍ ଉତ୍ପାଦକମାନଙ୍କୁ ପ୍ରାୟ ୬.୭୮ ବିଲିୟନ ଡଲାର ଦେବାର ଥିଲା। ଏହା ସ୍ୱାଧୀନ ବିଦ୍ୟୁତ ଉତ୍ପାଦକମାନଙ୍କ ପାଇଁ ଗମ୍ଭୀର ନଗଦ ସଙ୍କଟ ସୃଷ୍ଟି କରିଛି ଏବଂ ଫଳସ୍ୱରୂପ ଏହି କ୍ଷେତ୍ରକୁ ଋଣ ପ୍ରବାହ ବାଧାପ୍ରାପ୍ତ ହୋଇଛି ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜୀ ଇକୋନୋମିକ୍ସ ଆଣ୍ଡ ଫାଇନାନ୍ସିଆଲ ଆନାଲିସିସ ସେପ୍ଟେମ୍ବରରେ କହିଥିଲା।

ବିଦ୍ୟୁତ୍ ମନ୍ତ୍ରଣାଳୟର ଚିଠା ପ୍ରସ୍ତାବ ମଧ୍ୟ ଏକ ଅଞ୍ଚଳରେ ଏକାଧିକ ଘରୋଇ କମ୍ପାନୀମାନଙ୍କ ପାଇଁ ଖୁଚୁରା ବିଦ୍ୟୁତ୍ ବଜାର ଖୋଲିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନର ବିଦ୍ୟୁତ୍ ଆଇନରେ ସେଭଳି ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଘରୋଇ କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ) ପ୍ରତିଷ୍ଠା କରିବାକୁ ଅନୁମତି ଦେବାକୁ ଚାହୁଁଛନ୍ତି।

**ଟାଇମ୍‌ସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬**

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୧।୧୦(ସମିସ):** ପ୍ରକାଶ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନରେ ଉନ୍ନତି ଆଣିଛି। ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ରହିବା ସହ ଆକାଡେମିକ୍ ଏକ୍ସଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି। ଟାଇମ୍‌ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ୍ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ତେବେ ଟାଇମ୍‌ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରିଥିବା ବେଳେ ଓଡିଶାରେ ପ୍ରତିଷ୍ଠା ହୋଇ ମଧ୍ୟ ବିଶ୍ୱରେ ପରିଚୟ ସୃଷ୍ଟି କରିଛି। କିଟ୍ ଓଡିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ରାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି।

କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ସଫଳତା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି। ଏହା ଓଡିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଶ୍ଚିମବଙ୍ଗରେ ଓଡ଼ିଆ...

କରାଯାଇଛି। ଏନେଇ ଅଭିଯୋଗ ହେବା ପରେ ସେଠାକାର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ମେଡିକାଲ କଲେଜର କର୍ମଚାରୀ, ଯୁବତୀଙ୍କ ସାଙ୍ଗଙ୍କ ସମେତ ଅନ୍ୟ ବ୍ୟକ୍ତିମାନଙ୍କୁ ପଚରାଉଚରା କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

୨୦୨୪ ମସିହାରେ ଆରଜି କର ମେଡିକାଲ କଲେଜର ଜଣେ ମହିଳା ଡାକ୍ତରଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିବା ପଶ୍ଚିମବଙ୍ଗରେ ପୁଣି ଜଣେ ଡାକ୍ତର ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ସାରା ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ପୀଡ଼ିତାଙ୍କ ବାପା ଗଣମାଧ୍ୟମରେ କହିଛନ୍ତି ଯେ ଝିଅର ସାଙ୍ଗଠାରୁ ମୁଁ ଏ ବାବଦରେ ଜାଣିବା ପରେ ହସ୍ପିଟାଲରେ ପହଞ୍ଚିଥିଲି। ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ମୋ ଝିଅର ଅବସ୍ଥା ଗୁରୁତର ଥିଲା ଏବଂ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିଲା। ସେ ଆହୁରି କହିଛନ୍ତି ଯେ ତାଙ୍କ ଝିଅଙ୍କ ପୁରୁଷବନ୍ଧୁ ୱାସିଫ ଅଲ୍ଲୀ ତାଙ୍କୁ ଭେଟିବାକୁ ଡାକିଥିବାରୁ ସେ କ୍ୟାମ୍ପସ ବାହାରକୁ ଗୁପଚୁପ୍ ଖାଇବାକୁ ଯାଇଥିଲେ। କ୍ୟାମ୍ପସ ଗେଟ୍ ପାଖରେ ପ୍ରାୟ ଚାରିରୁ ପାଞ୍ଚଜଣ ବ୍ୟକ୍ତି ଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଝିଅକୁ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନେ ଝିଅର ମୋବାଇଲ୍ ଛଡ଼ାଇ ନେଇଥିଲେ ଏବଂ ଫେରସ୍ତ କରିବା ପାଇଁ ୩ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ପରେ ତାଙ୍କ ଝିଅ ସହ ଥିବା ତାଙ୍କ ପୁରୁଷବନ୍ଧୁ ଜଣକ ତାଙ୍କୁ ଫେରାଇ ଆଣିଥିଲେ। ମୋ ଝିଅକୁ ଡାକ୍ତର କରିବା ପାଇଁ ଉକ୍ତ କଲେଜରେ ନାମ ଲେଖାଇଥିଲି। ମୁଁ ମୋ ଝିଅ ପାଇଁ ନ୍ୟାୟ ଚାହୁଁଛି। ଏଭଳି ଘଟଣା ଅନ୍ୟ କୌଣସି ଝିଅ ସହିତ ନ ଘଟୁ। କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ ଅଭିଯୋଗ କରିଛନ୍ତି।

ଏ ସଂପର୍କରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର କହିଛନ୍ତି, ଆଇନଗତ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ଘଟଣା ହେଉଛି ପଶ୍ଚିବମଙ୍ଗର। ଏଣୁ ପୀଡ଼ିତାଙ୍କ ପରିବାର ପକ୍ଷରୁ କୌଣସି ସହାୟତା ଆବଶ୍ୟକ ହେଲେ କିମ୍ବା ତାଙ୍କୁ ସହଯୋଗ କରିବା ପାଇଁ ହେଲେ ଗୋଟିଏ ଟିମ୍ ଗଠନ କରାଯାଇ ଏହାର ତଦନ୍ତ କରାଯିବ।

### ଉଦ୍‌ବେଗ ପ୍ରକାଶ...

ମଧ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

### ପଶ୍ଚିମବଙ୍ଗ ଯିବ...

ସେନେଇ ଆଲୋଚନା କରିବାର ରହିଛି। ପୁଲିସ ମହାନିର୍ଦ୍ଦେଶକ ଛୁଟିରେ ଥିବାର ଅତିରିକ୍ତ ଡିଜି ଏନେଇ ପଶ୍ଚିମବଙ୍ଗ ପୁଲିସ ଡିଜି ସହ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି।

### ନବୀନ ନିବାସରେ...

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ନିର୍ବାଚକୁ ଦଳ କିପରି ସଫଳ ଭାବେ ଲଢ଼ିବ ସେନେଇ ଆଲୋଚନା ହେଲା। ସଭାପତି ସମ୍ଭାବ୍ୟ ପ୍ରାର୍ଥୀତ୍ୱ ନେଇ ତର୍ଜମା କରୁଛନ୍ତି। ଖୁବଶୀଘ୍ର ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଏବେବି ନବୀନ ବାବୁଙ୍କ ଉପରେ ପୂର୍ବବତ୍ ଲୋକଙ୍କ ଆସ୍ଥା ଅତୁଟ ରହିଛି। ତେଣୁ କିଏ କୋଉଠି ମିଶିବେ ତାହା ଦଳ ଉପରେ ସାମାନ୍ୟତମ ପ୍ରଭାବ ପକାଇବ ନାହିଁ। ନବୀନ ବାବୁ ଯାହାକୁ ଦଳୀୟ ପ୍ରାର୍ଥୀ କରିବେ, ସେ ବହୁ ଭୋଟରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'...

ଏ ସମସ୍ତ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ପାଇବା ସହ ଓଡ଼ିଶା ତଥା ଭାରତର ଗୌରବ ବୃଦ୍ଧି କରିଛନ୍ତି। ୧୯୯୩ରୁ ପ୍ରତ୍ୟେକ ବର୍ଷ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ ବା ଇମ୍ପାକ୍ଟ ପକ୍ଷରୁ ଏହି ପୁରସ୍କାର ରାଜ୍ୟର ୨୫ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ପ୍ରଦର୍ଶନକାରୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯାଏ। ଏକଲବ୍ୟ ପୁରସ୍କାର କମିଟ ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟି ବିଜେତାଙ୍କ ନାମ ଚୟନ କରିଛି। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଇମ୍ପାକ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

# କୁଳଡିହାରେ ଦନ୍ତାହାତୀ ମୃତ

**ନୀଳଗିରି, ୧୧।୧୦ (ସମିସ):** ନୀଳଗିରି କୁଳଡ଼ିହା ଅଭୟାରଣ୍ୟରେ ଗତ କିଛି ବର୍ଷ ହେବ ହାତୀ ମୃତ୍ୟୁ ହେଉଥିବା ବେଳେ ପୁଣି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। କୁଳଡ଼ିହା ଅଭୟାରଣ୍ୟର ପାଦଦେଶ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡ଼ି ପଞ୍ଚାୟତ ଆମ୍ବଝରର ନିକଟସ୍ଥ ଏକ ବିଲରେ ଦନ୍ତାଟି ମରି ପଡ଼ିଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଗତ ଶୁକ୍ରବାର ରାତିରେ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶନିବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏ.ସି.ଏଫ୍ ତଟନି ସେଠି, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ଫରେଷ୍ଟର ହୃଷୀକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିବା ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

**AFFIDAVIT**
I, Subhashis Mohanty, aged about 41 years, S/o- Madhabananda Mohanty, resident of At/Po- Uttamapur, PS- Cuttack Sadar, Dist- Cuttack, Odisha, PIN- 753011 declared by this affidavit No. 2052, dtd- 10/10/2025 that now onwards I shall be known as **SUBHASISH MOHANTY** for all future purposes.

O-878
E-Mail ID: eerw_titilagarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH

e Procurement Notice

IFB IDENTIFICATION NO. EETIG-online-05/2025-26

| | | | |
|---|---|---|---|
| 1. | Name of work | : | Road works |
| 2. | Total no of works | : | 01(One) no. |
| 3. | Approximate Estimated Cost | : | Varies from Rs 10.04 lakh |
| 4. | Time for completion | : | 01 (One) calendar month |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | | As per TCN No. EETIG-online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-05/2025-26 | 13.10.2025 at 11.00 A.M | 23.10.2025 upto 5.00PM | 22.10.2025 to 11.00AM | 24.10.2025 at 11.30A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

OIPR-25078/11/0024/2526
Executive Engineer
R.W. Division, Titilagarh

**AFFIDAVIT**
By virtue of an affidavit, S.L. No.1163, dated 01.10.2025, before the Notary Public, Deogarh, I, Swami Nigamananda, resident of Station Road, Po/Ps.- Paralakhemundi, Dist.- Gajapati have changed my name from Brahmachari Surya Chaitanya to Swami Nigamananda for all purposes.

**ଶପଥପତ୍ର**
ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଧରିତ୍ରୀ ରାଣା, ସ୍ୱାମୀ - ରଞ୍ଜନ କୁମାର ରାଣା, ଗ୍ରାମ : ରାଇସୁଆଁ, ଥାନା - ବସ୍ତା, ଜିଲ୍ଲା - ବାଲେଶ୍ୱର, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୦୮୨୦୦୧୦୬୬, ତା - ୦୭.୦୯.୨୦୨୦, ଖାତା ନଂ. ୫୭୩/୯୩, ମୁଁ ତା ୧୪.୦୭.୨୦୨୫ରିଖରେ ରାଇସୁଆଁରେ ଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ ନଂ.- ୮୪୨୦୦୧୧୯୮୫, ନାମ : ସୋମନାଥ ପଟ୍ଟନାୟକ

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an Affidavit before Notary Public, Malkangiri, I, **Jagamaya Ghoshal**, aged about 27 years, W/o.: Samrat Ghosal, D/o.: Benumadhab Chakraborty resident of Village: M.V-23, PO.: Mariwada, P.S.: Korukonda, Dist.: Malkangiri, Odisha, declare by this Affidavit No.: 1429/2025, Dated: 09.10.2025 that I have changed my name from Jagamaya Chakraborty to **Jagamaya Ghoshal**, Henceforth I shall be known as **Jagamaya Ghoshal** for all future purposes.

**ଦଲିଲ ହଜିଛି**
ମୁଁ **ସ୍ୱର୍ଣ୍ଣମୟୀ ଦାସ,** ସ୍ୱାମୀ: ସନ୍ତୋଷ କୁମାର ଦାସ, ଘୋଷଣା କରୁଛି କି, ମୂଳ ବିକ୍ରୟ ଦଲିଲ ନଂ.: ୧୪୨୮, ତା.୧୧.୦୯.୨୦୦୦, ମୌଜା: ଗୋଡିପୁଟ, ମାଟିଆପଡା, ତହସିଲ: ପିପିଲି, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୧୨୮୦/୧୧୭, ପ୍ଲଟ୍ ନଂ.: ୧୪୭୩/୪୫୮୨ କୁ ୧୫.୦୩.୨୦୨୪ ଅପରାହ୍ନ ୧୨.୪୫ରେ କେଉଁଠାରେ ହଜିଯାଇଛି ମୁଁ ଏହାକୁ ଖୋଜି ପାଉନାହିଁ । ଉପରୋକ୍ତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ- ଆଡଭୋକେଟ ପ୍ରଭାକର ପଟ୍ଟନାୟକ, ମୋ.: ୯୭୭୮୦୭୦୫୯୦

**AFFIDAVIT**
By virtue of an affidavit No. 10654, Dtd.08.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as Ashish Kumar Biswal for all purposes.

**LOST**
ମୁଁ ଶ୍ରୀ ରତିକାନ୍ତ ନନ୍ଦ, ଗ୍ରାମ: କୃଷ୍ଣପଲ୍ଲୀ ପାଟଣା ଜି: କଟକ ସର୍ବସାଧାରଣଙ୍କୁ ଅବଗତ କରୁଅଛି । ଗତ ୦୭/୧୦/୨୦୨୫ ରିଖ ଅପରାହ୍ନ ୩ଟା ସମୟରେ ମୋର ଏକ୍ଟିଭା ସ୍କୁଟର ( OD 33-Z-9725) ନମ୍ବର ଥିବା ପଛ ପାଖ ପ୍ଲେଟ ଟି ଖଣ୍ଡଗିରି -ଢୁମ୍ ଢୁମା ରାସ୍ତାରେ କେଉଁଠି ଖସିପଡ଼ିଛି । ଯଦି କେହି ସହୃଦସ୍ଥ ବ୍ୟକ୍ତି ଏହାକୁ ପାଇଥାନ୍ତି ବା ଦୃଷ୍ଟିରେ ପଡ଼ିଥାଏ ତେବେ ୯୪୩୯୯୭୭୨୯୨ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ନମ୍ବର୍ ପ୍ଲେଟକୁ ଯଦି କେହି ଅସତ୍ ବିନିଯୋଗ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ।

**AFFIDAVIT**
By virtue of an affidavit, S.L. No.2579, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Basanti Kanhar have changed my minor daughter's name from Banki Kanhar to Banaki Kanhar. Henceforth she will be known as **Banaki Kanhar** for all purposes.
**Sd/- Basanti Kanhar**

**AFFIDAVIT**
I Devi Debashisha Sahu, S/o- Parsuram Sahu, resident of Vill- Nuabandha Sahi, Jilundi, Dist- Ganjam, , PIN-761133, Odisha declare by this affidavit No-757 dated- 06.08.2025, that now onwards I shall be known as **DEVI DEBASISH SAHU** for all future purposes.

**AFFIDAVIT**
By virtue of an affidavit, S.L. No.2578, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Gunduri Mallick have changed my minor daughter's name from Baijanti Mallick to Kumari Baijayanti Mallick. Henceforth she will be known as **Kumari Baijayanti Mallick** for all purposes.
**Sd/- Gunduri Mallick**

**AFFIDAVIT**
I, Harshvardan Pal S/o Shri Sampat Singh Pal presently residing at Qtr No B/ 295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6109 dtd 08.10.2025 that now onwards I shall be known as **HARSHVARDHAN SINGH PAL** for all future purposes.

**AFFIDAVIT**
I, Kamlakanta , S/o- Raghunath Behera, resident of At/Po/Ps- Bhograi, District Balasore pin 756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**
I, Munni Devi Pal W/o Shri Harshvardhan Singh Pal, presently residing at Qtr No B/295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6110 dtd 08.10.2025 that now onwards I shall be known as **MUNNI DEVI** for all future purposes.

**AFFIDAVIT**
By virtue of an affidavit, S.L. No.359, dated 10.10.2025, in the court of the Executive Magistrate, Semiliguda, Dist.- Koraput, I, Ritu Bagh, D/o- Jayadan Bagh, have changed my name from Rutu Bagh, D/o- Jighnadan Bagh and Date of Birth 03.02.1999 to Ritu Bagh, D/o- Jayadan Bagh and Date of Birth 13.05.2000 for all purposes.
**Sd/- Ritu Bagh**

**AFFIDAVIT**
By virtue of an affidavit sworn before Notary Public Bhubaneswar, dated- 10/10/2025. I, **Preeti Panigrahi,** W/o- Premananda Panigrahi, Address At- Shanti Niwas Angaradia, Satsang Colony, Po- Balasore, Dist- Balasore, Odisha, Pin- 756001 declare that I have changed my name from **Anima Dash** (old Name) to **Preeti Panigrahi** (new Name). Henceforth, I shall be known as **PREETI PANIGRAHI** for all purposes.
**PREETI PANIGRAHI**

**AFFIDAVIT**
By virtue of an affidavit before the Executive Magistrate, Dharakote, Sl. No-306/2025, I Sri Simanchala Gouda, Vill.: Bharatapalli, Po- Baradabilli, Ps.: Dharakote, Dist.- Ganjam have changed my minor son's name from Sibaprasad Gouda to Sibu Prasada Gouda, S/o- Simanchala Gouda. Henceforth he shall be known as **Sibu Prasada Gouda** for all purposes.
**Sd/- Simanchala Gouda**

**AFFIDAVIT**
By virtue of an affidavit before the Executive Magistrate, Affidavit NO-2406, dated 09-10-2025, I SK Tamijuddin, Resident of Vill- Aminabad, P.O- Gujidarada, P.S.: Bhadrak (R), Dist-Bhadrak, Odisha, Pin-756128, declare that, I have changed my name from SK Tamsuddin to SK Tamijuddin. Henceforth I shall be known as SK TAMIJUDDIN for all future Purposes.
**SD/- SK TAMIJUDDIN**

**AFFIDAVIT**
By virtue of an affidavit before the Executive Magistrate, Bhubaneswar, on dated- 13/09/2025. I, **Saibalini Nanda,** aged about 48 years, W/o- Raj Kishor Pattanaik, resident of Flat No. 002, Block-C, Vaisakha Enclave, Bomikhal, Rasulgarh, Bhubaneswar, Dist- Khordha, Odisha, PIN- 751010 have changed my minor daughter's name from **Omm Sree** (old name) to **Omm Sree Pattanaik** (new name). Henceforth, she shall be known as **Omm Sree Pattanaik** (new name) for all purposes.
**Saibalini Nanda**

# କୁସେଇ ବାଲି ଘାଟରୁ ଅବାଧ ବାଲି ଉଠାଣ



- ଚୋରା ଚାଲାଣ ରୋକିବାକୁ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ
- ମିଳିତ ଚଢ଼ଉ; ତିନି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବେଲବାହାଲି, ୧୧।୧୦(ସମିସ): ଆନନ୍ଦପୁର ଉପଖଣ୍ଡ ବେଲବାହାଲି କୁସେଇ ନଦୀରୁ ବେଆଇନ ବାଲି ଖନନ ଓ ଚୋରା ଚାଲାଣ ରୋକିବା ପାଇଁ ବେଲବାହାଲି ପଞ୍ଚାୟତର ସରପଞ୍ଚ ଦୀପ୍ତି ସାହୁ କେନ୍ଦୁଝର ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇଛନ୍ତି। ଏହାସହ ତୁରନ୍ତ ପ୍ରତିକାର ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆନନ୍ଦପୁର ତହସିଲଦାର, ବିଡିଓ ଏବଂ ଜିଲ୍ଲା ଖଣିଜ ବିଭାଗ ଅଧିକାରୀଙ୍କୁ ମଧ ଏହି ବାଲି ଚୋରି ବିଷୟରେ ଜଣାଇଛନ୍ତି।

ଅନ୍ୟପକ୍ଷରେ, ଶନିବାର ମଧ୍ୟାହ୍ନ ସମୟରେ ଘସିପୁରା ଥାନା ଭାଟିସିରା ଏବଂ ସରେଇ ବାଲି ଘାଟରୁ ବେଆଇନ ଭାବରେ ବାଲି ଚାଲାଣ ସମୟରେ କେନ୍ଦୁଝର ଖଣି ବିଭାଗ ପୁଲିସ ସହଯୋଗରେ ଚଢ଼ଉ କରିଛି। ଏଥିରେ ଚୋରା ବାଲି ବୋଝେଇ ତିନିଟି ଟ୍ରାକ୍ଟର ଜବତ ହୋଇଛି। ଟ୍ରାକ୍ଟର ଚାଳକମାନେ ଗାଡ଼ି ଛାଡ଼ି ଛତ୍ରଭଙ୍ଗ ଦେଇଛନ୍ତି। ଟ୍ରାକ୍ଟରଗୁଡିକୁ ଘସିପୁରା ଥାନାରେ ଜିମା ଦିଆଯାଇଛି। ଏନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଆନନ୍ଦପୁର ଉପଖଣ୍ଡ ଘସିପୁରା ତହସିଲର କୁସେଇ ନଦୀର ଭାଟିସିରା, ସରେଇ, ବେଲବାହାଳି, ଟୋଲଙ୍କପଡା, ହରିଡ଼ାପାଳ ଘାଟଗୁଡିକରୁ ଏକାଧିକ ଟ୍ରାକ୍ଟର ବାଲି ଉତ୍ତୋଳନ କରି ଗୋଟିଏ ସ୍ଥାନରେ ଗଦା କରି ହାଇୱା ଗାଡି ଯୋଗେ ଜିଲ୍ଲା ବାହାରକୁ ବେଆଇନ ଭାବରେ ବାଲି ଚଢ଼ା ଦରରେ ବିକ୍ରି କରାଯାଉଛି। ଏଥିରେ ବାଲି ମାଫିଆମାନେ ମାଲେମାଲ ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା।

ଏହି ପରିପ୍ରେକ୍ଷୀରେ ସରପଞ୍ଚ ଦୀପ୍ତି ସାହୁଙ୍କ ଅଭିଯୋଗରୁ ଜଣାପଡିଛି ଯେ ବର୍ତ୍ତମାନ ବେଲବାହାଳି ପଞ୍ଚାୟତ କୁସେଇ ନଦୀର ଏକାଧିକ ସ୍ଥାନରେ ବେଆଇନ ଭାବରେ ବାଲି ଖନନ ଦ୍ୱାରା ବେଆଇନ ବାଲି ଖନନ ଓ ପରିବହନ ପାଇଁ ଏକାଧିକ ଟ୍ରାକ୍ଟର, ହାଇୱା ଓ ମେସିନ ଯାତାୟାତ କରୁଛନ୍ତି। ନଦୀକୂଳର ପରିବେଶ ନଷ୍ଟ ହୋଇଥିବା ବେଳେ ନଦୀର ତଟଗୁଡିକ ଭାଙ୍ଗିଯାଇଥିବା ଯୋଗୁଁ ନଦୀକୁ ଯିବା ପାଇଁ ଲୋକମାନେ ବହୁ ଅସୁବିଧାରେ ପଡୁଛନ୍ତି। ଅବୈଧ ବାଲି ଖନନ ପାଇଁ ଗ୍ରାମର ରାସ୍ତା ଓ ପ୍ରାକୃତିକ ଅବସ୍ଥା ମଧ କ୍ଷୟ ହେବାରେ ଲାଗିଛି। ଗ୍ରାମବାସୀଙ୍କ ଅସନ୍ତୋଷ ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବାଲି ସୈରାତଗୁଡିକୁ ନିଲାମ କରାଯାଇ ନଥିବାରୁ ଏଠାରେ ବାଲି ଯୋଗାଣ ନେଇ ସମସ୍ୟା ହେଉଥିବାର ସୁଯୋଗ ନେଇ ଚୋରା ଚାଲାଣକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ସରକାର ରାଜସ୍ୱ ହରାଉଥିବା ଦୃଷ୍ଟିରୁ ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନେଇପାରୁ ନାହିଁ। ଫଳରେ ସ୍ଥାନୀୟ ପରିବେଶ ନଷ୍ଟ ହେବା ସହ ଆଗାମୀ ଦିନରେ ଜନଅସନ୍ତୋଷ ଉଗ୍ର ରୂପ ନେବାର ଆଶଙ୍କା ପ୍ରକାଶ ପାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ ବାଲି ମିଳୁ ନଥିବାରୁ ଚୋରା ବାଲି ଉପରେ ସେମାନେ ନିର୍ଭର କରୁଛନ୍ତି। ଏହା ବାଲି ମାଫିଆଙ୍କ ଅବୈଧ ଭାବରେ ବାଲି କାରବାର ପାଇଁ ପ୍ରୋତ୍ସାହିତ କରୁଥିବା ବେଳେ ସେମାନେ ଏହି ଚୋରା ବାଲିକୁ ଚଢ଼ା ଦରରେ ବିକ୍ରି ଚାଲିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

● ବୈତରଣୀ ତଟରେ ଚୋରା ବାଲି ପାହାଡ଼

## ଟ୍ରାକ୍ଟରର ପମ୍ପ ଖୋଲି ଚାଲିଗଲା ଖଣି ବିଭାଗ



ଆନନ୍ଦପୁର, ୧୧।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲର ବିଭିନ୍ନ ସ୍ଥାନରେ ଚୋରା ବାଲିର ପାହାଡ଼; ଯାହାକି ପ୍ରଶାସନ ଖଣି ବିଭାଗ ଓ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ବୈତରଣୀ ନଦୀର କୋଡପଡା ଗୌଡ଼ଡିହା ବୁଢୀକୁଦ ତାନେଇପାଳ ଭୋଗପୁର ଗେଣ୍ଡାବସା କନ୍ତଲା ଘାଟରୁ ବାଲି ଉତ୍ତୋଳନ ହୋଇ ବାଲି ଗଦା ଯାଇଥିଲା ବେଳେ ଖଣିବିଭାଗ ଓ୍ ପୁଲିସ ମିଳିତ ଚଢ଼ଉ କରିଥିଲେ। କୁମଡ଼ ଘାଟରେ ବାଲି ବୋଝେଇ ସମୟରେ ଚାରି ଟ୍ରାକ୍ଟରକୁ କାବୁ କରାଯାଇଥିଲେ ମଧ ସେଗୁଡିକ ନଦୀ ଘାଟରେ ହାୱା ଖୋଲିଦେଇ ଖଣିଅଧିକାରୀ ଚମ୍ପଟ ମାରିବା ଅଭିଯୋଗ ହେଉଛି। ଚୋରା ବାଲି ଚାଲାଣ ପାଇଁ ଭୋଗପୁର-ବୁଢୀକୁଦ ରାସ୍ତା ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି। ରାତିରେ ହାଇୱା ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଆନନ୍ଦପୁର ତହସିଲ ଗୌଡ଼ଡିହାଘାଟରୁ ରାତିରେ ବାଲି ଚୋରା ଚାଲାଣ ସମ୍ପର୍କରେ କେନ୍ଦୁଝର ଜିଲ୍ଲାପାଳ, ଏସ୍‌ପି ଓ ଲଘୁଖଣିଜ ବିଭାଗକୁ କେତେକ ସଚେତନ ନାଗରିକ ଅବଗତ କରିଥିଲେ।

## କାହ୍ନୁଚରଣ ଲଘୁଖଣିଜ ବିଭାଗ ନିର୍ଦ୍ଦେଶକ



ଆନନ୍ଦପୁର, ୧୧।୧୦ (ସମିସ): ବରିଷ୍ଠ ଓଏଏସ ଅଧିକାରୀ କାହ୍ନୁଚରଣ ଧୀରଙ୍କୁ ଓଡିଶା ସରକାରଙ୍କ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କ ଘର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗ୍ରାମରେ। ଅଳତି ହାଇସ୍କୁଲର ପୂର୍ବତନ ଛାତ୍ର ହୋଇଥିବାରୁ ସେହି ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ରତିକାନ୍ତ ବରାଳ ସମେତ ଅନେକ ପୂର୍ବତନ ଛାତ୍ର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ନିଯୁକ୍ତି ଫଳରେ କେନ୍ଦୁଝର ଜିଲ୍ଲା ସମେତ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଚୋରା ବାଲି ଚାଲାଣ ରୋକାଯାଇ ପାରିବ ବୋଲି ଚର୍ଚ୍ଚା ପରିସରକୁ ଆସିଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ଯୋଡ଼ା, ୧୧।୧୦(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଙ୍ଗ ନିକଟରେ ଟ୍ରେନ ଧକ୍କା ଦେବା ଦ୍ୱାରା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୁକୁଟୁ ନାଏକ (୩୯) ଶନିବାର ଭୋର ସମୟରେ ଡିଉଟି ଯାଉଥିବା ବେଳେ ଅସାବଧାନତା ହେତୁ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ଯୋଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## ପାଗଳକୁକୁରକୁ ଆୟତ୍ତ କଲେ ଯୁବକ

ଯୋଡ଼ା, ୧୧।୧୦(ସମିସ): ଯୋଡ଼ା ପୌରପାଳିକା ୪ ନମ୍ବର ୱାର୍ଡ ପେଟ୍ରୋଲ ପମ୍ପ ନିକଟରେ ଶନିବାର ପୂର୍ବାହ୍ନ ସମୟରେ ଏକ ପାଗଳା କୁକୁରକୁ ଜଣେ ଯୁବକ କାବୁକରି ପ୍ରଶଂସାର ପାତ୍ର ହୋଇଛନ୍ତି। କୁକୁର ରାସ୍ତାରେ ଯାଉଥିବା ଲୋକଙ୍କୁ ଘଉଡ଼ାଇ କାମୁଡି ଭୟଭୀତ କରୁଥିଲା। ଜଣେ ମହିଳା, ଜଣେ ଛୋଟ ଝିଅକୁ କାମୁଡି ପକାଇଥିଲା। ସେହି ସମୟରେ ଏକ ଭୁଦୁ ନାମକ ଟେମ୍ପୋ ଚାଳକ ସେମାନଙ୍କୁ ବଞ୍ଚାଇବାକୁ ଗଲାବେଳେ ତାକୁ ମଧ ପେଟ ଓ ଦେହରେ କାମୁଡ଼ିଥିଲା। ଏହାକୁ ଖାତିର ନ କରି ସେ ପାଗଳା କୁକୁର ଉପରେ ମାଡି ବସି ଅନ୍ୟ ଲୋକଙ୍କ ସହାୟତାରେ କୁକୁରର ଗୋଡ଼ ଓ ମୁହଁକୁ ବାନ୍ଧି ପକାଇଥିଲେ।

## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ




କେନ୍ଦୁଝର, ୧୧।୧୦(ସମିସ): କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ଶୁକ୍ରବାର ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ବସନ୍ତ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ କେଶରୀ ସାମନ୍ତରାୟ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସହ ୧୨ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଏବଂ ସମଗ୍ର ଜିଲ୍ଲାର ପ୍ରାୟ ୧୫୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଯୋଗ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ୯୯ ବର୍ଷୀୟ ରାଜକିଶୋର ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ହାଟଡ଼ିହି ବ୍ଲକ ଓରାଳିର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ଓଝାଙ୍କୁ ତାଙ୍କ ବାସଭବନରେ ସମ୍ମାନିତ କରାଯାଇଥିଲା। କେନ୍ଦୁଝରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ ଏକ ସୁମଧୁର ସ୍ୱାଗତ ଗୀତ ଏବଂ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ।

## ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ଆନନ୍ଦପୁର, ୧୧।୧୦ (ସମିସ): ଘଷିପୁରା ମହିଳା ଓ ଶିଶୁ ବିକାଶ ଅଧିକାରୀ ସକୁନ୍ତଳା ନାୟକଙ୍କ ତତ୍ୱାବଧାନରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଘଷିପୁରା ବିଡିଓ ବିନାତା ବିଜୟିନୀ, ସମ୍ମାନିତ ଅତିଥି ଭାବେ ବିଏଫଓ ମାୟା ମାରାଣ୍ଡୀ ଯୋଗ ଦେଇଥିଲେ। ମଧୁମେହ, ହୃଦରୋଗ, କିଶୋରୀ ବାଳିକା ମା' ଓ ଶିଶୁର ଉତ୍ତମ ପୋଷଣ ତଥା ସୁସ୍ଥ ଜୀବନ ଉପରେ ବିଶେଷ କରି ସଚେତନ କରାଯାଇଥିଲା। ଇନ୍ଦ୍ରଦ୍ୟୁମ୍ନ ସାହୁ ପରିଚାଳନା କରୁଥିବା ବେଳେ ମହିଳା ଓ ଶିଶୁ ବିକାଶ କର୍ମଚାରୀ ରମାମଣି ରାଉତ, ଛବି ଜେନା, ଚନ୍ଦ୍ରମଣି ସେଠୀ, ଘାସିନୀ ମାଝୀ, ସୀତା ନାୟକ, ସୌମ୍ୟରଞ୍ଜନ ରାଉତ, ଅଭିଷେକ ବେହେରା ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ସେବା ଦିବସ



ଆନନ୍ଦପୁର, ୧୧।୧୦ (ସମିସ): ଆନନ୍ଦପୁର ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ସେବା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତିର ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲା ବେଳେ ପ୍ରଧାନଆଚାର୍ଯ୍ୟ ଶତୃପ୍ତିରାଣୀ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁରୁମା ଜ୍ୟୋତିର୍ମୟୀ ତ୍ରିପାଠୀ, ଗୁରୁଜୀ ବିଶ୍ୱଜିତ ଖୁଣ୍ଟିଆ ଗୋପବନ୍ଧୁଙ୍କ ସେବା କାର୍ଯ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଷଷ୍ଠ ଶ୍ରେଣୀର ଛାତ୍ରୀ ଅମ୍ରିତା ପରିଡା ଗୋପବନ୍ଧୁଙ୍କୁ ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା କିରଣବାଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁମନ୍ଦିର ପିଲାଙ୍କ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଗୁରୁଜୀଗୁରୁମା' ଓ ଷଷ୍ଠ, ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ପଞ୍ଚମୁଖୀ ହନୁମାନ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଙ୍ଗଲରେ ଫୁଟ୍ ପାଟ୍ରୋଲିଂ



ନାରଦପୁର, ୧୧।୧୦(ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନର ଚମକପୁର ଜଙ୍ଗଲରେ ଶନିବାର ବନ ବିଭାଗ ପକ୍ଷରୁ ଫୁଟ୍ ପାଟ୍ରୋଲିଂ କରାଯାଇଛି। ଏଥିରେ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ସ୍କ୍ୱାଡ୍ ସାମିଲ ହୋଇ ଜୀବଜନ୍ତୁ ଓ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ଭିତରେ ପଇଁତରା ମାରିବା ସହିତ କଡା ନଜର ରଖା ଯାଇଥିବା ଫରେଷ୍ଟ ଗାର୍ଡ କିରାଣି ମହାରଣା ପ୍ରକାଶ କରିଛନ୍ତି। ଏହି ପାଟ୍ରୋଲିଂରେ ଏଲିଫେଣ୍ଟ ସ୍କ୍ୱାଡ ଉମେଶ ନାଏକ, ଗୋବିନ୍ଦ ମାଝୀ, ପୁକାମ ମୁଣ୍ଡା, ପଦ୍ମଲୋଚନ ମହାନ୍ତଙ୍କ ସମେତ ସ୍କ୍ୱାଡ ସାମିଲ ଥିଲେ।

## ଘସିପୁରାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୧।୧୦ (ସମିସ): ଘଷିପୁରା ବ୍ଲକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଘଷିପୁରା ବିଡିଓ ବିନିତା ବିଜୟିନୀ, ମହିଳା ଓ ଶିଶୁ ସୁରକ୍ଷା ଅଧିକାରିଣୀ ସକୁନ୍ତଳା ନାୟକ, ଦମୟନ୍ତି କିସ୍କୁ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଜେନା, ସାମାଜିକ ସୁରକ୍ଷା କନିଷ୍ଠ କିରାଣି ସବିତା ପଣ୍ଡିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ସାରଥୀ ପରିଡା, ଶିଳ୍ପୀ ହରେକୃଷ୍ଣ ମହାରଣା, ବ୍ୟଙ୍ଗ କବି ଘନଶ୍ୟାମ ବୋଇତେଇ, ଦାସକାଠିଆ ଗାୟକ ବୈକୁଣ୍ଠନାଥ ଦାସ, ପାଲା ଗାୟକ ଗୋପାଳଚନ୍ଦ୍ର ପଣ୍ଡା, ଶିଳ୍ପୀ ପ୍ରମୋଦ ବରାଳଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ନାଗରିକ ହରିପ୍ରସାଦ ମିଶ୍ର, ଶରତଚନ୍ଦ୍ର ରାଉତ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଚନା ପ୍ରତିଯୋଗିତାରେ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ର ସ୍ୱସ୍ତିକାନ୍ତ ଲେଙ୍କା, ଗଡ଼ବାନ୍ଧଗୋଡା କଲ୍ୟାଣୀ ବିଦ୍ୟାପୀଠର ଛାତ୍ରୀ ଅର୍ପିତା ନାୟକ, ବଳରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ପରମେଶ୍ୱର ବେହେରା ପୁରସ୍କୃତ ହୋଇଥିଲେ।

## ଦେଓଗାଁରେ ପାଠକ ମଞ୍ଚର ପୂଜ୍ୟପୂଜା ସମ୍ବର୍ଦ୍ଧନା



ଆନନ୍ଦପୁର/ବେଲବାହାଳି, ୧୧।୧୦ (ସମିସ): କୁଶଳେଶ୍ୱର ଦେଓଗାଁଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଭାଗୃହରେ କେନ୍ଦୁଝର ଜିଲ୍ଲା ପାଠକ ମଞ୍ଚ ପକ୍ଷରୁ ପୂଜ୍ୟପୂଜା ପ୍ରଣାମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠକ ମଞ୍ଚର ସଭାପତି ତଥା ଆଇନଜୀବୀ ଦୁଷ୍ମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଓ ବସନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତାସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଓଝା ଓ କେଶଦୁରାପାଳର ଅବରସରପ୍ରାପ୍ତ ଶିକ୍ଷାଧିକାରୀ ଜନାର୍ଦ୍ଦନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ବୈଲୋଚନ ସାହୁ, ଅନନ୍ତ ଚରଣ ରାଉତ, ଡଃ ରାମଚନ୍ଦ୍ର ନାୟକ, ଡଃ ହାଡିବନ୍ଧୁ ପଟ୍ଟନାୟକ, ଓକିଲ ସଂଘର ସଭାପତି ଦୟାନିଧି ଦାଶ, ବରିଷ୍ଠ ଆଇନଜୀବୀ ରାଜକିଶୋର ଭୂୟାଁ, ସୁବାସଚନ୍ଦ୍ର ବିଶ୍ୱାଳ, ଅଧିବକ୍ତା ଭାଗୀରଥୀ ଦାଶ ପ୍ରମୁଖ ଅତିଥି ଭାବରେ ଭଗବତ୍ ଗୀତା, ରାମଚରିତ ମାନସର ମାନବ ଜୀବନରେ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଯାହା ମନୁଷ୍ୟର ବିକାଶ କରିଥାଏ ସେପରି ବିଳୟ କରିପାରେ ବୋଲି ସଚେତନ କରିଥିଲେ। କୁଶଳେଶ୍ୱର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ରବିନାରାୟଣ ଶିଅଳ, ରବିନ୍ଦ୍ରନାଥ ଚନ୍ଦ, ହୃଷୀକେଶ ଚକ୍ର, ବସନ୍ତ ପଣ୍ଡା, ଜୟକୃଷ୍ଣ ପାଗଳ, ଜଗବନ୍ଧୁ ପଣ୍ଡା, ଶ୍ରୀକାନ୍ତ ବାରିକ, ପ୍ରଭାକର ବିଶ୍ୱାଳ, ମୁରଲୀଧର ରାଉତ, ମନୋରଞ୍ଜନ ପତି, ଶରତ ରାଉତ, ସୁବ୍ରତ ସାହୁ, ଅମ୍ବିକା ପ୍ରସାଦ ଦାଶ ଆଇନଜୀବୀ କହ୍ନେଇ ଚରଣ ସାହୁ ପ୍ରମୁଖ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ଆନନ୍ଦପୁର, ୧୧।୧୦(ସମିସ): ଘସିପୁରା ବ୍ଲକ୍ ନାରଙ୍ଗପୁର ଛକରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସାମ୍ବାଦିକ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପଞ୍ଚାନନ ରାଉତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଶିଷ୍ଠ ସାମ୍ବାଦିକ ଭାରତ ବେହେରା, ରଜିଲ ବେଜ, କୃଷ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ରଙ୍କନାଥ ସାହୁ, ବିଶ୍ୱନାଥ ଶତପଥୀ, ଭରତ ବେହେରା, ଶିଶିର




ସାହୁ, ହୃଷୀକେଶ ପୃଷ୍ଟି, ଗୋବିନ୍ଦଚନ୍ଦ୍ର ଶା, ଗଙ୍ଗାଧର ସାହୁ, ଚିତରଞ୍ଜନ ସାହୁ, ଡାକିଲା କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦେଓଗାଁଠାରେ ସାମ୍ବାଦିକ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଦ୍ୟୁମ୍ନ ପଣ୍ଡା ଯୋଗ ଦେଇଥିଲେ। ମନୋରଞ୍ଜନ ପତି, ଅରୁଣ ରାଉତ, ହଳଧର ଆଚାର୍ଯ୍ୟ, ପ୍ରଦୀପ ପଣ୍ଡା, ଦିପୁ ସାହୁ, ଜଗବନ୍ଧୁ ପଣ୍ଡା, ଭାରତ ବେହେରା, ବ୍ରଜକିଶୋର ବଳ, ବିଜୟକୃଷ୍ଣ ଆଚାର୍ଯ୍ୟ, ବାଇଧର ବାରିକଙ୍କ ସହ ସାମ୍ବାଦିକ ଭାରତ ବେହେରା ଯୋଗ ଦେଇଥିଲେ।

ଶାଳପଡ଼ାରେ ରାସ୍ତା ଦେଉଛି ଯନ୍ତ୍ରଣା

# ନିର୍ମାଣ ସରିବା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ଦାବି



ଆନନ୍ଦପୁର, ୧୧।୧୦ (ସମିସ): ଜାତୀୟ ରାଜପଥର ଶାଳପଡ଼ାଠାରେ ରାସ୍ତା ନିର୍ମାଣ ସରିବା ପର୍ଯ୍ୟନ୍ତ ଏହି ରାସ୍ତାରେ ଲୁହାପଥର ପରିବହନ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ପ୍ରଶାସନ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଖୁବଶୀଘ୍ର ଅଞ୍ଚଳବାସୀ ଓ କେତେକ ସ୍ୱେଚ୍ଛାସେବୀ ସଂଗଠନ ରାସ୍ତା ଅବରୋଧ କରିବାକୁ ସଜବାଜ ହେଉଥିବା ଆଲୋଚନାରୁ ଜଣାଯାଇଛି। ଦୁଇ ପାର୍ଶ୍ୱ ସର୍ଭିସ ରୋଡକୁ ମଜବୁତ ନକରି ଜାତୀୟ ରାଜପଥକୁ ବନ୍ଦ କରି ଭିୟୁପି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ଠିକସଂସ୍ଥାର ଅବଧି ଶେଷ ହୋଇ ଚାରିଥର କଣ୍ଟ ଖିଲାପ କରିଥିଲେ ମଧ ଏଯାଏ ନିର୍ମାଣ କାର୍ଯ୍ୟ ସରୁ ନଥିବାରୁ ସାଧାରଣରେ ଅସନ୍ତୋଷ ଖୁବ ଶୀଘ୍ର ବିସ୍ଫୋରିତ ହେବା ଆଶଙ୍କା ପ୍ରକାଶ ପାଇଛି । ସର୍ଭିସ ରୋଡ ଅବସ୍ଥା ପ୍ରତିମୁହୂର୍ତ୍ତରେ ଶୋଚନୀୟ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ ବସ ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁନାହିଁ। ଏଣୁ ଏହି ରାସ୍ତାରେ ଲୁହାପଥର ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ଅକ୍ଟୋବର ମାସ ଅଧା ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଆନନ୍ଦପୁରର ଗୁରୁତ୍ୱପୂର୍ଣ୍ଣ ଶାଳପଡ଼ା ଛକ କେନ୍ଦୁଝରେ, ମୟୂରଭଞ୍ଜ, ଯାଜପୁର ଓ୍ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୯ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦକରି ସମସ୍ତ ଗାଡ଼ି ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରି ଗାଡ଼ି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି।

## ପୂର୍ବତନ ବିଧାୟକ ଜୟନାରାୟଣଙ୍କ ଜୟନ୍ତୀ



ବାଲିଆପାଳ, ୧୧।୧୦ (ସମିସ): ବାଲିଆପାଳରେ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଜନନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ୭୫ ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଥିବା ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବ୍ଲକ ଛକ ଠାରେ ଲଡୁ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବାଲ୍ୟ ବନ୍ଧୁ ମୂରଲୀ ମୋହନ ସାହୁ, ମଧୁସୂଦନ ବାରିକ, ବ୍ରଜମୋହନ ଭୂୟାଁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ଯୋଗଦେଇ ଜୟନାରାୟଣ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଦୁଇ ଥର ବିଧାୟକ ରହି ବାଲିଆପାଳର ବିନ୍ଧାଣି ସାଜିଥିଲେ ବୋଲି କହିଥିଲେ। ପୁଅ ସତ୍ୟକାମ, ଦିବ୍ୟକାମଙ୍କ ସମେତ ଶୁଭେନ୍ଦୁ ଦାସ, ନୃସିଂହ ବିଶ୍ୱାଳ, ସୁଶାନ୍ତ ନାୟକ, ପଦ୍ମ ଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଖଇରାକୁ ଏନ୍ଏସି ଘୋଷଣା ପ୍ରସଙ୍ଗ

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ସ୍ଥଗିତ

ଖଇରା,୧୧।୧୦ (ସମିସ)



ବାଲେଶ୍ୱର ଜିଲା ଖଇରା ସହର ଏନଏସି ତାଲିକାରୁ ବାଦ ପଡିବା ପରେ ଖଇରାର ସମସ୍ତ ସଙ୍ଗଠନ ସ୍ୱାଭିମାନ ମଞ୍ଚ ବ୍ୟାନର ରେ ସେପ୍ଟେମ୍ବର ୧୫ ତାରିଖରୁ ଗଣଧାରଣାରେ ବସି ରହିଥିଲେ। ଶନିବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଫୋନ ମାଧ୍ୟମରେ ଖଇରାକୁ କିଭଳି ଏନଏସି ତାଲିକାରେ ସାମିଲ କରାଯିବ ସେକଥା ସେ ବୁଝିବେ ବୋଲି ମଞ୍ଚକୁ ପ୍ରତିଶ୍ରୁତି ଦେବା ପରେ ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ଆଲୋଚନା କରିବା ପରେ ଗଣଧାରଣା ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ମତାମତ ନେବାରେ ଏନଏସି ମାନଦଣ୍ଡ ଆଧାରରେ ଆଉ ଥରେ କାଗଜପତ୍ର ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି। ଖଇରାରେ ମେଡିକାଲ, କୋର୍ଟ, ତହସିଲ ରହିବା ସହ ଏନଏସି ପାଇଁ ସବୁ ପ୍ରକାର ଭିତ୍ତିଭୂମି ରହିଛି। ଯଥାଶୀଘ୍ର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ପୂର୍ବରୁ ବିଜେଡି ସରକାର ସମୟରେ ୫୭ଟି ସହରକୁ ଏନଏସି ଭାବେ ଘୋଷଣା କରାଯାଇଥିବା ବେଳେ ଏଥିରେ ଖଇରାର ନାମ ମଧ୍ୟ ଥିଲା। ହେଲେ ନୂତନ ଭାବେ ଭାଜପା ସରକାର ଏହି ଘୋଷଣାନାମାକୁ ରଦ୍ଦ କରିବା ସହ ନୂତନ ଭାବେ ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ଘୋଷଣା କରାଯାଇଥିବା ବେଳେ ଏଥିରୁ ଖଇରା ବାଦ ପଡିଥିଲା। ପ୍ରତିବାଦରେ ସ୍ୱାଭିମାନ ସଦସ୍ୟ ମାନେ ଖଇରାକୁ ଏନଏସି ଘୋଷଣା ଦାବିରେ ଧାରଣାରେ ବସି ରହିଥିଲେ। ଆଲୋଚନାରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଉପସ୍ଥିତ ଥିଲେ।

## ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ବାଲେଶ୍ୱର,୧୧।୧୦(ସମିସ): ସାରା ବିଶ୍ୱରେ ଅକ୍ଟୋବର ୧୦ ତାରିଖରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଶନିବାର ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସହରର ମାନସିଂ ବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ରିତିକ ଜୀଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ତରୁଲତା ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରେରଣାଦାୟକ ବକ୍ତା ସରିତା ପରିଡ଼ା ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନସିକ ଦୁଶ୍ଚିନ୍ତାରୁ କିପରି ରକ୍ଷା ପାଇବେ ସେ ନେଇ ବିଭିନ୍ନ ପ୍ରକାର ଉପଦେଶ ଦେଇଥିଲେ। କ୍ଲବର ନିର୍ଦ୍ଦେଶକ ସେଖ ଆୟୁବ, ବିଶ୍ୱରୂପ ପରିଡ଼ା, ସେଖ ତାରିକ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ କୌଶଳ ଶିଖାଇଥିଲେ।

## ମେଗା ପାନୀୟଜଳ ପ୍ରକଳ୍ପ ସମୀକ୍ଷା

ଖଇରା,୧୧।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ଶାରିଶୁଆ ପାହାଡ ପାଦଦେଶରେ ଥିବା କୁପାରୀ ଜୋନର ୭ ପଞ୍ଚାୟତ କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ୨୦୨୩ ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶନିବାର ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଥମେ ବିଧାୟକ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ବିଚିତ୍ର ପାତ୍ର, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେ, ସହକାରୀ ଯନ୍ତ୍ରୀ ଓ କାର୍ଯ୍ୟର ଦାୟିତ୍ୱ ନେଇଥିବା ନାଗାର୍ଜୁନ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପାନୀୟ ଜଳ ଓ ପରିମଳ ବିଭାଗ,ଠିକାଦାର କମ୍ପାନୀର ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣଙ୍କ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ। କୁପାରୀ ଓ ହରିପୁରରେ ଟାଙ୍କି ଅସଂପୂର୍ଣ୍ଣ ରହିବା, କଂକ୍ରିଟ ରାସ୍ତା ଖୋଳି ପାଇପ ବିଛାଯିବା ପରେ ମରାମତି ନକରି ଛାଡି ଦିଆଯିବା, ଠିକାଦାରଙ୍କ ଅଧିନରେ କାମ କରି ଅର୍ଥ ପାଇନଥିବା ନେଇ ବହୁ ଗ୍ରାମବାସୀ ଓ ଲୋକପ୍ରତିନିଧି ଅଭିଯୋଗ କରିଥିଲେ। ଜାନୁଆରୀ ମାସ ଶେଷ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଅଧିକାରୀ ମାନେ ପ୍ରତିଶୃତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦଘାଟନ କରାଯିବାର ଯୋଜନା ରହିଥିବାରୁ ଏଗୁଡିକ ର ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କୁରୁଣ୍ଟା ନୋଡାଲ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି

ଖଇରା,୧୧।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟାସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭୀ-୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତପୋଧନ ବାରିକ ଓ ମନୋଜ କୁମାର ପ୍ରଧାନ, ଶିକ୍ଷାବିତ ଅଜୟ କୁମାର ପଣ୍ଡା ପ୍ରମୁଖ ଉଦଘାଟନୀ ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଉଦୟଭାନୁ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବିତର୍କ, ଗୀତ, କୁଇଜ, ବକ୍ତୃତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଣୀଭଦ୍ର ଯେନା, ଲକ୍ଷ୍ମଣ ନାୟକ, ସୁଶାନ୍ତ ମହାପାତ୍ର, ସୁବାଷ ସାହୁ, ଜୟନ୍ତ ପଣ୍ଡା, ଈଶ୍ୱର ମାଝୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ‘କାନ୍ତକବି ବିମର୍ଶ’ ଶୀର୍ଷକରେ ସାହିତ୍ୟ ସଂପାନ



ବାଲେଶ୍ୱର,୧୧।୧୦(ସମିସ): ଓଡ଼ିଆ ଗବେଷଣା ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଆନୁକୂଲ୍ୟରେ ସ୍ରଷ୍ଟା ନାଟ୍ୟାଳୟ ସଭାଗୃହରେ “କାନ୍ତକବି ବିମର୍ଶ’ ଶୀର୍ଷକରେ ଏକ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଯାଇଛି। ଗବେଷଣା ପରିଷଦର ଉପସଭାପତି ଡ. ଅସିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗବେଷଣା ପରିଷଦର ସଂପାଦକ ଡ. ଗୌରାଙ୍ଗ ଚରଣ ଦାଶ ପରିଷଦର ବିଭିନ୍ନ ସଂପାନ ସଂପର୍କରେ ସୂଚନା ଦେଇଥିଲେ। ଭାଷା ବିକାଶର ସଂଗଠନ ସଂପାଦକ ତପନ ରାୟ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଂପାନରେ ଡ. ଶିରୀଶଚନ୍ଦ୍ର ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯଥାକ୍ରମେ “ଅସହଯୋଗର ଗୁମର କଥା: ଅସହଯୋଗୀର ଆହକଥା’ ଓ “କିଣମାମୁର ଆଦ୍ୟପ୍ରାନ୍ତ ପ୍ରବନ୍ଧ ପାଠ କରିବା ସହ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନ ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗବେଷଣା ପରିଷଦରୁ ଆସିଥିବା ଡ. ଗୋବିନ୍ଦ ଭୂୟାଁ, କ. ଗୌରହରି ମହାନ୍ତି, ଡ. ସୁରେନ୍ଦ୍ର ମିଶ୍ର ଓ ଗାଳ୍ପିକା ସୁନନ୍ଦା ପ୍ରଧାନ କାନ୍ତକବିଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ମଞ୍ଚସୀନ ହୋଇଥିବା ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ ଓ ନିରଂଜନ ରାଉତ କାନ୍ତକବିଙ୍କ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କାନ୍ତକବିଙ୍କ ରଚନାରୁ “ସବୁଥିରୁ ବଞ୍ଚିତ କରି’ ଗୀତକୁ ଗାନ କରାଯାଇଥିଲା। ପ୍ରଭାକର ସାହୁ ପ୍ରମୁଖ କବିମାନେ କାନ୍ତକବିଙ୍କ ସଂପର୍କରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ସାହୁ, ପ୍ରଦୀପ ଚାଟାର୍ଜୀ, ଶରତ କୁମର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡାକ୍ତର ଶାକ୍ୟସିଂହ ଦାସ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ୍ୱର ଦାଣ, ଦୀନବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ତରାଗଡ଼ିଆରେ ରାବଣ ପୋଡ଼ି ଉତ୍ସବ



ନୀଳଗିରି, ୧୧।୧୦ (ସମିସ): ଔପଦା ବ୍ଲକ ସନ୍ତରାଗଡ଼ିଆ ଅଞ୍ଚଳ ନୟାପାଟଣା ଗ୍ରାମ ମନ୍ଦିରଡିହ ପଦାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ସନ୍ଧ୍ୟା ୬ ଘଟିକା ଠାରୁ ପଡିଆ ରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଶାଳ ଏକ ପଟୁଆରରେ ବାଡ଼ି ଖେଳ କରି ପଡିଆ ଠାରୁ ଆରମ୍ଭ କରି ସନ୍ତରାଗଡିଆ ବଜାର ପରିକ୍ରମା କରିଥିବା ବେଳେ ରାବଣ, ହନୁମାନ, ଦୂର୍ଗା, ରାମ, ଲବ କୁଶ ବେଷ ଧରି ଛକ ଛକ ମାନଙ୍କ ରେ ବାଡ଼ି ଖେଳ ସହିତ ଆକର୍ଷଣୀୟ ଅଭିନୟ କରିଥିଲେ। ରାବଣ ପୋଡ଼ି ଉତ୍ସବ ଆରମ୍ଭ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ, ମୁଖ୍ୟବକ୍ତା ଭାବେ କାଣ୍ଡ ଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତଙ୍କ ସମେତ କମିଟିର ସଭାପତି ବିଜୟ ପ୍ରଧାନ, ସମ୍ପାଦକ ବଳରାମ ରାଉତ, ଉପ ସଭାପତି ଗଙ୍ଗାଧର ମହାନ୍ତି, ପ୍ରଦୀପ ରାଉତ, ସହ ସମ୍ପାଦକ ସୌଭାଗ୍ୟ ରଣା ଏବଂ ମହେଶ୍ୱର ମାଝୀ କୋଷାଧ୍ୟକ୍ଷ ସୌଭାଗ୍ୟ ରଣା ମଞ୍ଚାସିନ ରହି ଉପସ୍ଥିତ ଅଗଣିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ବଳରାମ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ସଭା ସମାପ୍ତ ପରେ ବିଭିନ୍ନ ବାଣ ରୋଷଣୀ ରେ ଉପସ୍ଥିତ ଜନତା ସ୍ତମ୍ଭିଭୁତ ହୋଇଥିଲେ।

## ଓଲମରା ଉଚ୍ଚ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ



ଜଳେଶ୍ୱର, ୧୧।୧୦(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ଭରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବରିଷ୍ଠ ସହକାରୀ ଶିକ୍ଷକ ତଥା ଜେ ଆର୍ ସି କାଉନସିଲର ନାରାୟଣ ପାଇକରାୟଙ୍କ ସହଯୋଗରେ ଶନିବାର ସକାଳୁ ପିଲାମାନେ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଶେଶ୍ୱର ଘଡେଇ, ସଞ୍ଜୟ କୁଇଲା, ବଳରାମ ମୁର୍ମୁ, ସମରସେନ ସର୍ଦ୍ଦାର, ନୀଳକଣ୍ଠ ଜେନା, ପ୍ରଦୀପ ଦାସ, ପୁଷ୍ପଲତା ଜେନା, ସୁଲୋଚନା ହେମ୍ବ୍ରମ, ଆର୍ଷୀମେଲ ଟୁଡୁ, ସୁଚିସ୍ମିତା ବେହେରା, ମଞ୍ଜୁଲତା ଗିରି, ମିନାକ୍ଷୀ ଗାନ୍ଧୀ ଓ ଅଣଶୈକ୍ଷିକ କର୍ମଚାରୀ ପ୍ରଦୀପ ଘୋଷ, ବିଶ୍ୱଜିତ ଦାସ ପ୍ରମୁଖ ସହଯୋଗ କରି ରାସ୍ତାକୁ ସଫେଇ କରିବା ସହ ପିଲାମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କୁ ମାଡ଼ ଅଭିଯୋଗ

ସୋର, ୧୧।୧୦(ସମିସ): ସୋର ବ୍ଲକ ତଳନଗର ପଞ୍ଚାୟତ ପଦନପଡା ଅଙ୍ଗନବାଡି କେନ୍ଦ୍ରର କର୍ମୀ ଜଣେ ଶିଶୁକୁ ଫିଙ୍ଗିଦେବାକୁ କେନ୍ଦ୍ର କରି ଅଙ୍ଗନବାଡି କର୍ମୀଙ୍କୁ ଗ୍ରାମବାସୀ ମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଏହି ଅଙ୍ଗନବାଡି କେନ୍ଦ୍ରରେ ଗ୍ରାମର କଣ୍ଠେଇ ମାଝୀଙ୍କ ପୁଅ ପାଠ ପଢ଼ନ୍ତି। କିନ୍ତୁ ଆଜି ପୂର୍ବାହ୍ନରେ ଅଙ୍ଗନବାଡି କର୍ମୀ ପ୍ରଭାସିନୀ ଦାସ ତାଙ୍କ ପୁଅକୁ ୪ ଫୁଟ ତଳକୁ ଫିଙ୍ଗି ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି କର୍ମୀ ପ୍ରଭାସିନୀକୁ ମାଡ଼ ମାରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଗ୍ରାମବାସୀଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛନ୍ତି। ଖବର ପାଇ ସିଡିପିଓ ହାରାମଣି ନାୟକ ସୋର ଥାନାରେ ପହଞ୍ଚି ବୁଝାସୁଝା କରିଥିବା ଜଣାପଡିଛି। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଉଭୟ ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପୋଷଣ ମାସ କାର୍ଯ୍ୟକ୍ରମ



ସିମୁଳିଆ, ୧୧।୧୦ (ସମିସ): ପୋଷଣ ମାସ ୨୦୨୫ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବାସନ୍ତୀ ମଣି ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳା, କିଶୋରୀ ଏବଂ ବାଳକମାନଙ୍କୁ ନେଇ ଏକ ସଚେତନ ସଭାର ଆୟୋଜନ କରାଯାଇଥିଲା। ବିଭିନ୍ନ ପୁଷ୍ଟି ଖାଦ୍ୟ ପ୍ରଦର୍ଶନୀ କରିବା ସହ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ବକ୍ତୃତା, ରଚନା ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୌଷ୍ଟିକ ଆହାର ସାମଗ୍ରୀର ପ୍ରଦର୍ଶନୀ କରିଥିବା ବିଭିନ୍ନ ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୦ ବର୍ଷ ହେଲା ଦରମା ପାଇ ନାହାନ୍ତି ପମ୍ପ ଡ୍ରାଇଭର

କାଳିପଦା,୧୧।୧୦(ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଚକ୍ରଧର ରାଉଳ ଜଣେ ଗରିବ ପମ୍ପ ଡ୍ରାଇଭର। ଦଶ ବର୍ଷ ହେବ ସେ ଦରମା ପାଉ ନ ଥିବାରୁ ଦୁଃଖରେ ତାଙ୍କର ଜୀବନ ଅତିବାହିତ ହେଉଛି। ପଞ୍ଚାୟତର ସରପଞ୍ଚଙ୍କଠୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ହାରି ଗୁହାରି କରି ନିରାଶ ହୋଇ ଶେଷରେ ଗଣମାଧ୍ୟମର ନେଇଛନ୍ତି ସାହାରା। ଜାଠିଆ ଗ୍ରାମର ଚକ୍ରଧର ରାଉଳଙ୍କୁ ୨୦୧୬ ମସିହାରେ ଏସଇଏମ ଭାବରେ ତତ୍କାଳୀନ ସରପଞ୍ଚ ଅଜୟ ଭୂୟାଁ ପଞ୍ଚାୟତ ବୈଠକରେ ରିଜ୍ୟୁଲୋସନ କରି ନିଯୁକ୍ତି ଦେଇଥିଲେ। ତେବେ ସେବେଠାରୁ ଚକ୍ରଧର ଏସଇଏମ ସହ ପମ୍ପ ଡ୍ରାଇଭର ଭାବରେ ଅଦ୍ୟାବଧି କାମ କରୁଛନ୍ତି। ବିଗତ ପାଞ୍ଚବର୍ଷ ତତ୍କାଳୀନ କଂଗ୍ରେସ ଦଳର ସରପଞ୍ଚ ଥିବାବେଳେ ୨୦୨୨ ନିର୍ବାଚନରେ ବି କଂଗ୍ରେସ ଦଳର ସମର୍ଥିତ ସରପଞ୍ଚ ସରୋଜ ପିଳା ଅଦ୍ୟାବଧି ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କଠାରେ ଦରମା ପାଇଁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ନିରାଶ ହୋଇଛନ୍ତି ଚକ୍ରଧର। ଏ ବାଦଦରେ ବର୍ତ୍ତମାନର ସରପଞ୍ଚ ସରୋଜ ପିଳାଙ୍କ ମତ ହେଉଛି ଭିନ୍ନ ଧରଣର। ସେ କହୁଛନ୍ତି ମୋ ସମୟରେ କାହାକୁ ମୁଁ ପମ୍ପ ଡ୍ରାଇଭର ଭାବରେ ନିଯୁକ୍ତି ଦେଇନାହିଁ। ଅଭିଯୋଗର ସତ୍ୟତା ନଥିବା ପ୍ରକାଶ କରିଛନ୍ତି। ରାଜନୈତିକ ଛକା ପଞ୍ଝାରେ ଚକ୍ରଧର ରାଉଳଙ୍କ ଭାଗ୍ୟ ଭବିଷ୍ୟତ ଅନିଶ୍ଚିତତା ଆଡକୁ ଠେଲି ହୋଇଯିବା ପରେ ଚକ୍ରଧର ରାଉଳ କିନ୍ତୁ ଦଶ ବର୍ଷର କାର୍ଯ୍ୟ କରିବାର ଅର୍ଥ ଦାବିକରିବା ସହ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ତେବେ ଚକ୍ରଧର ରାଉଳଙ୍କ କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକ ବୋଲି ଗ୍ରାମବାସୀ କହିବା ସହ ତାଙ୍କୁ ତାଙ୍କର ପ୍ରାପ୍ୟ ଦେବାକୁ ଦାବି କରିଛନ୍ତି। ତେବେ ଜଣେ ବିଜେଡି ସମର୍ଥିତ ସରପଞ୍ଚ ସମୟର ନିଯୁକ୍ତିକୁ କଂଗ୍ରେସ ସମର୍ଥିତ ସରପଞ୍ଚ ନ ମାନିବା ଫଳରେ ଦଳୀୟ ମନୋଭାବ ଯୋଗୁଁ ଗୋଟିଏ ଗରିବ ପରିବାର ଆଜି କାର୍ଯ୍ୟ କରୁଥିବା ବେଳେ ଦରମା ନପାଇ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି।

## ଚୋରି ଟ୍ରକ୍ ଶରତ ଘାଟିରୁ ଉଦ୍ଧାର

ଠାକୁରମୁଣ୍ଡା, ୧୧।୧୦(ସମିସ): ଚୋରି କରି ନେଉଥିବା ଏକ ୧୪ ଚକିଆ ଟ୍ରକକୁ ଠାକୁରମୁଣ୍ଡା ପୁଲିସ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖ ବିଳମ୍ବିତ ରାତିରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଲେଇ ଚୋରି ହେଇଥିବା ଏକ ୧୪ ଚକିଆ ଟ୍ରକକୁ ଜବତ କରିବା ପାଇଁ ତରାମରା ଛକ ନିକଟରେ ଅପେକ୍ଷା କରିଥିଲେ। କିଛି ସମୟ ପରେ ଆସୁଥିବା ଟ୍ରକକୁ ଅଟକାଇବାରୁ ଗାଡିଟି ଦ୍ରୁତଗତିରେ ଠାକୁରମୁଣ୍ଡା ଆଡ଼କୁ ପଳାଇଥିଲା। ଟ୍ରକଟି ହନୁମାନ ଛକ ଦେଇ ଠାକୁରମୁଣ୍ଡା ଶରତ ରାସ୍ତାରେ



ଯାଇଥିଲା। ଗାଡିଟି ଠାକୁରମୁଣ୍ଡାରୁ ୨୫ କିମି ଦୂର ଶରତ ଘାଟିରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଅଧା ଖସି ଅଟକି ରହିଥିଲା। ପରେ ପୁଲିସ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ କରୁଛି।

## ସାପ କାମୁଡ଼ାରେ ଚାଷୀ ମୃତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୧।୧୦ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘଟା ପଂଚାୟତର କୃଷ୍ଣ ନଗର ଗାଁର ମୁଚିରାମ ମୁର୍ମୁଙ୍କ ପୁଅ ରାଜୁ ମୁର୍ମୁ(୫୧) ଗୁରୁବାର ଦିନ ନିଜ କ୍ଷେତକୁ ପୋକମରା ଔଷଧ ସ୍ପ୍ରେ କରିବାକୁ ଯାଇଥିଲେ। ଜମିରେ ଏକ ବିଷଧର ସାପ ତାଙ୍କୁ କାମୁଡି ଥିଲା। ଘରକୁ ଆସି କହିବା ପରେ ତାଙ୍କୁ ତୁରନ୍ତ ଜିକେ ଭଟ୍ଟର ହସପିଟାଲରେ ଭର୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଶୁକ୍ରବାର ରାତିରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଆଜି ତାଙ୍କର ମରଶରୀର ଗାଁରେ ପହଞ୍ଚିବାପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବେସାହାରା ସ୍ତ୍ରୀ ଓ ୪ ପୁତ୍ର କନ୍ୟାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଂଚ ମିନତୀ କର, ସମାଜସେବୀ ଚନ୍ଦନ କର ଦାବି କରିଛନ୍ତି।

## ଅଭିଯୁକ୍ତ ଗିରଫ

# ସୁନା ଡମ୍ବରୁ ଦେବାକୁ କହି ୨୦ ଲକ୍ଷ ଠକେଇ

ବସ୍ତା ବ୍ଲକ, ୧୧।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଠକେଇ ହୋଇଛି। ଦୁର୍ବୃତ୍ତମାନେ ଏକ ସୁନା ଡମ୍ବରୁ ପାଇ ତାକୁ ବିକ୍ରି କରିବା ପାଇଁ ମୂଲଚାଲ କରି ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇ ଥିବା ଘଟଣାକୁ ନେଇ ବସ୍ତା ଥାନା ରେ ଅଭିଯୋଗ ପରେ ପୁଲିସ ଛାନଭିନ କରି ଜଣେ ଅଭିଯୁକ୍ତକୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇ ଥିବା ଜଣା ପଡିଛି। ଏହି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଏହା ଏକ ବଡ଼ ରାକେଟ ଥିବା ପୁଲିସ ତଦନ୍ତରୁ ଜାଣି ଏହାକୁ ଧରିବାକୁ ଯୋଜନା କରୁଥିବା ଜଣା ପଡ଼ିଛି।

ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଖୁଣ୍ଟା ଓ ବସ୍ତା ଥାନା ଅନ୍ତର୍ଗତ ବ୍ରାହ୍ମଣଦା ଗ୍ରାମର ଦୁଇ ଜଣ ଲୁଟେରା ଏକ ସୁନା ଡମ୍ବରୁ ପାଇ ତାକୁ ବିକ୍ରି କରିବା ପାଇଁ ବାରିପଦା ଅଞ୍ଚଳର ଶରତ ଦାସ ନାମକ ବ୍ୟକ୍ତିଙ୍କ ସହ ୨୦ ଲକ୍ଷ ଟଙ୍କାର ମୂଲଚାଲ ହୋଇ ଥିଲା। ଗତ ମଇ ମାସରୁ ଏହି ଡିଲ ହୋଇଥିବା ବେଳେ ଗ୍ରାହକ ଜଣଙ୍କ ଦୁର୍ବୃତ୍ତଙ୍କୁ କିଛି କିଛି ଟଙ୍କା ଦେଇ



ଆସୁଥିଲା। ମାତ୍ର ତୁରନ୍ତ ଟଙ୍କା ନ ଦେଲେ ସେ ଅନ୍ୟ ଗ୍ରାହକକୁ ସୁନା ଡମ୍ବରୁ ବିକ୍ରି କରିଦେବା ଧମକ ଦେଇଥିଲେ। ଫଳରେ ଶରତ ରଣ କରି ୧୦ ଲକ୍ଷ ଟଙ୍କା ଯୋଗାଡ କରି ସେପ୍ଟେମ୍ବର ୧୦ ତାରିଖ ରେ ଯୋଜନା ମୁତାବକ ୬୦ ନମ୍ବର ଜାତୀୟ ରାଜପଥର ଇନ୍ଦିରା ଛକ ଠାରେ ପହଞ୍ଚି ଥିଲେ। ଦୁର୍ବୃତ୍ତମାନେ ଟଙ୍କା ଆଣିଥିବା ପଚାରିବାରୁ ଗାଡ଼ି ରେ ଟଙ୍କା ଥିବା ଶରତ ପ୍ରକାଶ କରିଥିଲେ। ପରେ ଦୁଇ ଦୁର୍ବୃତ୍ତ ଟଙ୍କା ଗଣି ସାରି ଶରତଙ୍କ ମୋବାଇଲ ଓ ଟଙ୍କା ତକ ନେଇ ତାଙ୍କୁ ଆକ୍ରମଣ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଶରତ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଚଢ଼ାଉ କରି ଖୁଣ୍ଟା ଗ୍ରାମରୁ ମାୟାଧର ରଣା ଓରଫ ମିଥୁନ ରଣାକୁ ଗିରଫ ସହ କିଛି ଟଙ୍କା ଓ ଏକ ବାଇକ ଜବତ କରିଥିଲେ। ଅନ୍ୟ ଅଭିଯୁକ୍ତ ଜଣଙ୍କ ଫେରାର ହୋଇ ଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି। ଏହି ଘଟଣା ପରେ ନକଲି ସୁନା ରାକେଟକୁ ଧରିବାକୁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆ ଯାଉଥିବା କୁହା ଯାଉଛି। ପୂର୍ବରୁ ଏହି ଅଭିଯୁକ୍ତ ମାନେ ଏକାଧିକ ନକଲି ସୁନା ଠକେଇରେ ସଂପୃକ୍ତ ଥିବା କୁହା ଯାଉଛି। ଏହି ଗ୍ୟାଙ୍ଗକୁ ଧରିବାକୁ ଦାବି ହୋଇଛି।

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ରାଇରଙ୍ଗପୁର, ୧୧।୧୦ (ସମିସ): ଶୌଚ ହେବାକୁ ଯାଇଥିବାବେଳେ ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ବନଖଣ୍ଡ ବିଭାଗ ଅନ୍ତର୍ଗତ ବାଁସିଲା ଗ୍ରାମରେ ଘଟିଛି। ମୃତକ ହେଲେ ବୃଦ୍ଧ ରାମତା କଳାଃ। ସେ ଶନିବାର ଭୋରୁ ଡୁଙ୍ଗୁରୀ ପଟକୁ ଶୌଚ ହେବାକୁ ଯାଇଥିଲେ; ହେଲେ ହାତୀପଲରୁ ଅଲଗା ହୋଇ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବନବିଭାଗ ପହଞ୍ଚି ଯାଞ୍ଚ କରିବା ସହିତ ବାଦାମପାହାଡ଼ ପୁଲିସକୁ ଖବର ଦେଇଥଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି।

ସକାଳ
THE SAKALA



# ଖଣି ଅଧିକାରୀଙ୍କୁ ଅଟକରଖି ବନ୍ଧାହେଲେ ବାଲି ମାଫିଆ

ରାଜଘାଟ, ୧୧।୧୦ (ସମିସ)



ଖଣି ଅଧିକାରୀଙ୍କୁ ଅଟକ ରଖି ବନ୍ଧା ହେଲେ ବାଲି ମାଫିଆ। ବସ୍ତା ଥାନା ଥେଙ୍ଗଡିହା ନିକଟରେ ବେଆଇନ ଭାବରେ ଗଚ୍ଛିତ ରଖିଥିବା ବାଲି ଷ୍ଟକ ଉପରେ ଜଳେଶ୍ୱର ଏବଂ ବସ୍ତା ଜୁନିୟର ଖଣି ଅଧିକାରୀ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ଭାବରେ ବାଲି ଗଚ୍ଛିତ ରଖିଥିବା ବେଣାପୁରା ଗ୍ରାମର ଅଶ୍ୱିନୀ କୁମାର ପଣ୍ଡା ସେମାନଙ୍କୁ ଅଟକ ରଖିଥିଲେ ଏବଂ ଆକ୍ରମଣ ପାଇଁ ଧମକ ଦେଇଥିଲେ। ଖବରପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଶ୍ୱିନୀକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଅଶ୍ୱିନୀ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଆଜି ସକାଳେ ବାଲେଶ୍ୱର ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠାରେ ଉକ୍ତ ଷ୍ଟୋକ ରେ ଚଢ଼ାଉ କରି ଗୋଟିଏ ଟ୍ରାକଟର ଜବଦ କରିଥିଲେ, ଅପରାହ୍ନରେ ଜଳେଶ୍ୱର ଏବଂ ବସ୍ତା ଜୁନିୟର ଖଣି ଅଧିକାରୀ ଗଚ୍ଛିତ ଥିବା ବାଲିର ତଦନ୍ତ କରିବା ପାଇଁ ଆସିଥିବା ବେଳେ ଅଶ୍ୱିନୀ ତାଙ୍କୁ ଅଟକ ରଖିଥିଲେ।

# ଅମର୍ଦ୍ଦାରୋଡ ରେଳଷ୍ଟେସନ ସମ୍ମୁଖରୁ ଜବରଦଖଲ ହଟିଲା



ରାଜଘାଟ, ୧୧।୧୦ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଅମର୍ଦ୍ଦାରୋଡ ରେଳ ଷ୍ଟେସନ ସମ୍ମୁଖରେ କିଛି ଦୋକାନୀ ଷ୍ଟେସନ ସମ୍ମୁଖରେ ଠେଲା ଗାଡ଼ି, ବାଉଁଶ ଓ ଜରିପାଲ ଦ୍ୱାରା ଅସ୍ଥାୟୀ ଦୋକାନ କରି ବ୍ୟବସାୟ ଚଳାଇ ଆସୁଥିଲେ। ଆସନ୍ତା ୧୯ ତାରିଖରେ ପୁରୁଣା ପେନାଲକୁ ନୂତନ ଷ୍ଟେସନ ଗୃହକୁ ସ୍ଥାନାନ୍ତର କରି ସେଠାରୁ ସମସ୍ତ କାର୍ଯ୍ୟ ସଂପାଦନ ହେବା ଲାଗି ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚଳାଇଥିବା ବେଳେ ଜବରଦଖଲକାରୀଙ୍କ ଯୋଗୁ କାର୍ଯ୍ୟ ଧିମେଇବାରେ ଲାଗିଛି। ଫଳରେ ଶନିବାର ପୂର୍ବାହ୍ଣରେ ରୂପସା ଆରପିଏଫ ଥାନା ଅଧିକାରୀ କୁନ୍ଦନ କୁମାର ଝା ସଦଳବଳେ ଅମର୍ଦ୍ଦାରୋଡ ଷ୍ଟେସନରେ ପହଞ୍ଚି ପୁରୁଣା ଫାଣି ମା' ତାରିଣୀ ମନ୍ଦିର ଠାରୁ ଷ୍ଟେସନ ସମ୍ମୁଖ ପର୍ଯ୍ୟନ୍ତ ସମସ୍ତ ଜବରଦଖଲକାରୀମାନଙ୍କୁ ଉଚ୍ଛେଦ କରିଥିଲେ। ଯଦି ପରବର୍ତ୍ତୀ ସମୟରେ ଜବରଦଖଲକାରୀମାନେ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରନ୍ତି ତାହେଲେ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବା ସହ ଠେଲା ଗାଡ଼ି, ଦୋକାନ ଆଦିକୁ ସିଜ କରାଯାଇ କୋର୍ଟକୁ ହସ୍ତାନ୍ତର ହେବ ବୋଲି ଶ୍ରୀ ଝା ସୂଚନା ଦେଇଛନ୍ତି।

## ସ୍ତ୍ରୀର ପନିକି ଚୋଟରେ ସ୍ୱାମୀ ଗୁରୁତର

ଜଳେଶ୍ୱର,୧୧।୧୦(ସମିସ): ଦାମ୍ପତ୍ୟ କଳହରୁ ସ୍ୱାମୀକୁ ପନିକିରେ ହାଣିଲା ଧର୍ମପତ୍ନୀ। ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଓଲମରା ପଂଚାୟତର ବ୍ରହ୍ମାପୁର ଗାଁର ରାଧାଶ୍ୟାମ ବ୍ରହ୍ମଚାରୀଙ୍କ ପୁଅ ସନାତମ ବ୍ରହ୍ମଚାରୀ (୨୬) ଛଅ ବର୍ଷ ପୂର୍ବେ ପଶ୍ଚିମବଙ୍ଗ ଜଙ୍ଗଲମହଲ ଅଞ୍ଚଳର ପ୍ରିୟଙ୍କା (୨୩) ଙ୍କୁ ବିବାହ କରିଥିଲେ। ଗୁରୁବାର ଦ୍ୱିପ୍ରହରରେ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇ ସ୍ତ୍ରୀ ପ୍ରିୟଙ୍କା ଉତକ୍ଷିପ୍ତ ହୋଇ ସ୍ୱାମୀଙ୍କ ମୁଣ୍ଡକୁ ପନିକିରେ ଚୋଟ ପକାଇ ଲହୁ ଲୁହାଣ କରିଥିଲେ। ସଂଗେ ସଂଗେ ପରିବାର ଲୋକେ ତାଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଫକିର ମୋହନ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡ଼ିକାଲ କୁ ସ୍ଥାନାନ୍ତର କରାଯାଇଛି। ରାଇବଣିଆ ଥାନା ଅଧିକାରୀଣି ଲୋପାମୁଦ୍ରା ପଣ୍ଡା ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛନ୍ତି। ପୁଲିସ ଅଭିଯୁକ୍ତ ସ୍ତ୍ରୀ ପ୍ରିୟଙ୍କାକୁ ଗିରଫ କରି କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୧।୧୦(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନରେନ୍ଦ୍ର ମୋଦୀ ବିକାଶ ମିଶନ ପକ୍ଷରୁ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଡକ୍ଟର ସେକ ଅବଦୁଲ ଗନି ହୋସେନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସମ୍ପାଦକ ପ୍ରବୋଧ କୁମାର ରାଉତ, ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ତୁଷାରକାନ୍ତି ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସେକ ନଜିମୁଦ୍ଦିନ, ଜିଲ୍ଲା ସଭାପତି ପାର୍ଥ ସାରଥୀ ଦାସ, ଜଳେଶ୍ୱର ନଗର ସଭାପତି ବିଜୟ କୁମାର ପରିଡ଼ା, ବସ୍ତା ବ୍ଲକ ସଭାପତି ଶିରିଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଅରବିନ୍ଦ ପ୍ରଧାନ, ମହିଳା ମୋର୍ଚ୍ଚା ସଭାପତି ମମତା ପାତ୍ର, ଜଳେଶ୍ୱର କାର୍ଯ୍ୟକାରୀ ସଭାପତି ସୁଶୀଲ କୁମାର ପ୍ରଧାନ, ଜଳେଶ୍ୱର ବ୍ଲକ ସଭାପତି ନିମାଇଁ ପ୍ରଧାନ, ରାଜ୍ୟ ସଂଖ୍ୟାଲଘୁ ସଭାପତି ସେକ ଅବଦୁଲ ହାକିମ, ଜିଲ୍ଲା ସାଧାରଣ ସମ୍ପାଦକ ଦେବଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ, ୩ ଗିରଫ

ରାଜଘାଟ, ୧୧।୧୦ (ସମିସ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ଏହି ଥାନା ଅଧୀନ ତେନ୍ତୁଳିଆ ଓ ଗଣକଡ଼ଭା ଗ୍ରାମରେ ଚଢାଉ କରାଯାଇ ୩ ମଦ ବେପାରୀଙ୍କୁ ଗିରଫ୍ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୭୫ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ୍ ଅଭିଯୁକ୍ତ ମାନେ ହେଲେ ତେନ୍ତୁଳିଆ ଗ୍ରାମର ଗୌରୀ ଜେନା(୪୨) ଏବଂ ଗଣକଡ଼ଭା ଗ୍ରାମର ବୁଦିନି ସୋରେନ(୩୩) ଓ ସୀତା ସୋରେନ(୩୫)। ଏନେଇ ଅବକାରୀ ଥାନାରେ ତିନୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢାଉ ସମୟରେ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ, ଏଏସଆଇ ଦିଲ୍ଲୀପ କୁମାର ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

## ଘର ତାଲା କାଟି ଲକ୍ଷାଧିକ ଟଙ୍କା ଚୋରି ଅଭିଯୋଗ

ଚନ୍ଦନେଶ୍ୱର, ୧୧।୧୦(ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତ ଅଧୀନ ପ୍ରହରାଜପୁର ଗ୍ରାମର ମଦନ ମୋହନ ଦାସ ମହାପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ଚୋରି ହୋଇଛି । ଗତକାଲି ବିଳମ୍ବିତ ରାତିରେ ଅଜଣା ଦୁର୍ବୃତ୍ତ ଶ୍ରୀ ଦାସ ମହାପାତ୍ର ଓ ତାଙ୍କ ଘର ଲୋକ ଅନୁପସ୍ଥିତ ଥିବାବେଳେ ଗ୍ରିଲ ଓ କବାଟର ତାଲା କାଟି ଲକ୍ଷାଧିକ ଟଙ୍କାର ସୁନାଗହଣା ପ୍ରାୟ ୬୦ଗ୍ରାମ ଓ ରୁପା ୭୦ଗ୍ରାମ, ପିତ୍ତଳ ବାସନ ଏକ ବସ୍ତା, ଟିଭି ଓ ମନିଟର ଚୋରି ହୋଇଯାଇଛି। ଆଜି ସକାଳୁ ୮ ଟା ୩୦ ମିନିଟ ସମୟରେ ଗାଁ ଲୋକେ ଖବର ଦେଲା ପରେ ଶ୍ରୀ ଦାସ ମହାପାତ୍ର ଘରେ ପହଞ୍ଚି ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ପରେ ଫାଣ୍ଡି ଅଧିକାରୀ ଅଧିକାରୀ ବନବିହାରୀ ଶତପଥୀ ପହଞ୍ଚିଥିଲେ। ପରେ ଫରେନସିକ ଟିମ୍ ସହିତ ଅନୁସନ୍ଧାନୀ କୁକୁର ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ରାଜଘାଟ, ୧୧।୧୦ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନେ "କ୍ୱାଣ୍ଟମ୍ ଯୁଗ ଓ ଏହାର ଚ୍ୟାଲେଞ୍ଜ' ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରୋଜେକ୍ଟ ଉପରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଷା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ବସ୍ତା ଏବିଇଓ ବାସନ୍ତୀ ପୁଷ୍ଟି,ମୁଖ୍ୟ ବକ୍ତା ଭାବେ ବ୍ଲକ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ,ବରେଣ୍ୟ ଅତିଥି ତଥା ବିଚାରକ ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଶ୍ରୀପତି ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା,ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ଅନ୍ୟତମ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ଭେଲୋରା ସିଆରସିସି ଗଣେଶ ଚନ୍ଦ୍ର ଜେନା ଓ ପରିଚାଳନା କମିଟି ସଭାପତି ଅଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ କରିବା ସହ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଆଲୋଚନା ଚକ୍ର ରେ ମଧୁସ୍ମିତା ଦାସ ପ୍ରଥମ,ଶୁଭମ କୁମାର ସାହୁ ଦ୍ୱିତୀୟ ଓ ସାଇସ୍ମିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭା କାର୍ଯ୍ୟକ୍ରମରେ ସିଆରସିସି ଗଣେଶ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ସଂଗୀତ ଶିକ୍ଷୟିତ୍ରୀ ଗୀତାଞ୍ଜଳି କର ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣରେ ସହଯୋଗ କରିଥିଲେ।ଶେଷରେ ଶିକ୍ଷକ ମାନସ ଖଟୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭା



ବାଲିଆପାଳ,୧୧।୧୦(ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟଙ୍କ ବାଲିଆପାଳ ବାଳିକା ବିଦ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧରଣୀଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ସୁଶାନ୍ତ ଜେନା, ପୂର୍ଣ୍ଣେନ୍ଦୁ ଦାସ ପରିଚାଳନା କମିଟିର ସଭାପତି ବୀଣାପାଣି ଜେନା ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୩୪ ବର୍ଷ ଶିକ୍ଷାଦାନ କରିବା ସହିତ ଶୃଙ୍ଖଳିତ ଛାତ୍ର ସମାଜ ଗଠନର ବିନ୍ଧାଣି ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ତାଙ୍କ ବଦଳି ଯୋଗୁଁ ନିରାଶ ହୋଇଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି, ଗ୍ରାମବାସୀଙ୍କ ଆଖି ଲୁହରେ ଭିଜି ଯାଇଥିଲା ପୁରା ପରିବେଶ। ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲ ରୋଷେଇ ଘରେ ଅଗ୍ନିକାଣ୍ଡ, ପାଚିକା ଆହତ

ନୀଳଗିରି, ୧୧।୧୦ (ସମିସ) : ସ୍କୁଲ ରୋଷେଇ ଘରେ ଅଗ୍ନିକାଣ୍ଡ ଘଟି ପାଚିକା ଆହତ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ଅଧୀନ କାଣ୍ଡଗରଡି ପ୍ରାଥମିକ ବିଦ୍ୟାଳୟରେ। ଶନିବାର ସକାଳ ୭.୩୦ରେ ବିଦ୍ୟାଳୟରେ ରୋଷେଇ କରୁଥିବା ବେଳେ ସିଲିଣ୍ଡରରୁ ଗ୍ୟାସ ଲିକେଜ୍ କରି ଅଗ୍ନିକାଣ୍ଡ ହେବାରୁ ରୋଷେଇ କରୁଥିବା ପାଚିକାଙ୍କ ଶାଢ଼ୀରେ ନିଆଁ ଲାଗି ଗୋଡ଼ ଓ ଦେହରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ବିଦ୍ୟାଳୟ ଶିକ୍ଷକ ଓ ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ପାଚିକାଙ୍କୁ ଚିକିତ୍ସାଳୟକୁ ନେଇଥିଲେ।




## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ନୃତ୍ୟ ମହୋତ୍ସବ ପ୍ରସ୍ତୁତି

ବସ୍ତା, ୧୧।୧୦ (ସମିସ): ବସ୍ତା ବ୍ଲକ ସିଂଲାରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଓ ସିଂଲା ନୃତ୍ୟ ମହୋତ୍ସବ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ସମୀକ୍ଷା ବୈଠକ କମିଟିର ସଭାପତି ଜୟନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଯାଇଅଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧/୧/୨୦୨୬ରୁ ଆରମ୍ଭ ହୋଇ ୯/୧/୨୦୨୬ରେ ଉଦ୍‌ଯାପନୀ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟିକ, କବି, ଗାଳ୍ପିକ, ଗଣ୍ୟ ମାନ୍ୟ ବିଦ୍ୱାନ ବ୍ୟକ୍ତିଙ୍କ ଯୋଗଦାନ, ପ୍ରତିଭା ପୂଜନ ସମାରୋହ ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ "ସିଂଲା ନୃତ୍ୟ ମହୋତ୍ସବ' ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଏହି ବୈଠକରେ କମିଟିର ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ପ୍ରଧାନ ସେବକ ରବି ନାରାୟଣ ଗିରି, ଉପସଭାପତି ନିତ୍ୟାନନ୍ଦ ପ୍ରଧାନ , ସଂଗଠନ ସମ୍ପାଦକ ହେମନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା, ସହ କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ନନ୍ଦ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଦିବାସୀ ମେଳା ପ୍ରସ୍ତୁତି ଓ କର୍ମକର୍ତ୍ତା ଚୟନ

ଜଳେଶ୍ୱର, ୧୧।୧୦(ସମିସ): ଜଳେଶ୍ୱର ବ୍ଲକର ହେବାକୁଥିବା ଆଦିବାସୀ ମେଳାର ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ୨୬ତାରିଖରୁ ୩୦ତାରିଖ ଯାଏ ୫ଦିନ ବ୍ୟାପି ଏକ ଆଦିବାସୀ ମେଳା ସ୍ଥାନୀୟ ସାଇ ମନ୍ଦିର ପଡିଆରେ ହେବାର ସ୍ଥିର ହୋଇଛି। ଏଥିରେ ସଭାପତି ଭାବେ ଗୀତା ହାଁସଦା, ସଂପାଦିକା ଭାବେ ଗୀତା ମୁର୍ମୁ, ଉପସଭାପତି ଭାବେ ମାଇନ ମୁର୍ମୁ, ଯୁଗ୍ମ ସଂପାଦିକା ଭାବେ ଲକ୍ଷ୍ମୀରାଣୀ ଟୁଡୁ, କୋଷାଧକ୍ଷ ଭାବେ ଛିତା ମୁର୍ମୁ, ସହ କୋଷାଧକ୍ଷ ଭାବେ ପାନ ହାଁସଦାଙ୍କୁ ଚୟନ କରାଯାଇଛି। ସଂପୂର୍ଣ୍ଣ ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଏହି ମେଳା ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ପାରିତ ହୋଇ ଯାଇଛି। ଏହି ବୈଠକରେ ସମାଜସେବୀ ଗୌରହାରୀ ସାହୁ, ଉପଦେଷ୍ଟା ଆଇନ୍‌ଜୀବୀ ସୁଶାନ୍ତ ଦାସ, ତୁଷାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ଭାବେ ମେଳା ପରିଚାଳନା ସଂପର୍କରେ ମତବ୍ୟକ୍ତ କରିଥିଲେ।

## ଦୁର୍ଘଟଣାରେ ବାଉଁଶୁଣୀ ମାହେଶ୍ୱରୀ କଲେଜ ଅଧ୍ୟାପକଙ୍କ ମୃତ୍ୟୁ

ମନମୁଣ୍ଡା/ଶଗଡ଼ା,୧୧।୧୦(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ୫୭ ନମ୍ବର ଜାତୀୟ ରାଜପଥର ଭୂର୍କିପଡ଼ା ଛକ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁର୍ଘଟଣା ଘଟିଛି। ୨ଟି ବୁଲେଟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ଅଧ୍ୟାପକ ଜଣକ ହେଲେ ବାଉଁଶୁଣୀ ମା' ମାହେଶ୍ୱରୀ କଲେଜର ଅଧ୍ୟାପକ ମନୋରଂଜନ ଘଡେଇ। ତାଙ୍କ ଘର ତାଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ନିମ୍ନଗାଡିଆ। ସେ ଏକ ବୁଲେଟ ଯୋଗେ ମନମୁଣ୍ଡା ପଟୁ ବାଉଁଶୁଣୀ ଆଡକୁ ଆସୁଥିଲେ। ଭୂର୍କିପଡ଼ା ହନୁମାନ ମନ୍ଦିର ଛକ ନିକଟରେ ସାମ୍ନାରୁ ଆସୁଥିବା ଅନ୍ୟ ଏକ ବୁଲେଟ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ଫଳରେ ଶ୍ରୀ ଘଡେଇଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ବୁଲେଟରେ ଥିବା ଜଣେ ମହିଳା ଓ ଅନ୍ୟ ପୁରୁଷ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କ ପରିଚୟ ବା ଠିକଣା ମିଳି ପାରି ନାହିଁ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ସୋନପୁର ଡାକ୍ତରଖାନା ପଠାଇଥିଲେ। ସେଠାରେ ଅଧ୍ୟାପକ ଶ୍ରୀ ଘଡେଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମନମୁଣ୍ଡା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଦୁଇ ବୁଲେଟକୁ ଜବତ କରି ତଦନ୍ତ ଆରମ୍ଭ କରିଛି।



# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ବାଲିଆପାଳ, ୧୧।୧୦ (ସମିସ)

ବାଲିଆପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇକଡ଼ପାଳ ଶ୍ୟାମସୁନ୍ଦର ବିଦ୍ୟାପୀଠ ଇକଡ଼ପାଳ ପରିସରରେ ଜମକୁଣ୍ଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାମୁକୁଣ୍ଡା କ୍ଲଷ୍ଟର ରେ ୧୮ ଟି ବିଦ୍ୟାଳୟରୁ ୨୦୦ ପିଲା ଭାଗ ନେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲା ସଂଗଠନର ସଂପାଦକ,ଜିଲ୍ଲା ବିଏଡ୍ ସଂଗଠନର ସଂପାଦକ, ବ୍ଲକ ସଭାପତି ପ୍ରଦୀପ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟ ରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସଭାପତି ସୁକୁମାର ପାତ୍ର, ସଦସ୍ୟ ଗଦାଧର ବେହେରା ସମ୍ମାନିତ ଅତିଥି ଭାବେ ଗୌରୀ ମୋହନ ପାତ୍ର, ଦର୍ଶନ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଜାମକୁଣ୍ଡା ଉଚ୍ଚ ବିଦ୍ୟଳୟର ସଞ୍ଜୟ କୁମାର ଭୂୟାଁ, ବୈକୁଣ୍ଠ ନାଥ ଉଚ୍ଚ ବିଦ୍ୟାଳୟ ବିଷ୍ଣୁପୁରର ସଂକୃତ ଶିକ୍ଷକ ଅନିଲ କୁମାର ପଣ୍ଡା, ଶ୍ୟାମସୁନ୍ଦର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ପରିଡା, ବିଶ୍ୱଜିତ ସାହୁ, ଜାମକୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିମାଇ ଚରଣ ସାମଲ ପ୍ରମୁଖ ଯୋଗଦେଇ ଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି ବୋଲି ଜାମକୁଣ୍ଡା ସିଆରସିସି ନିରଞ୍ଜନ ଘଡାଇ କହିଛନ୍ତି। ଶିକ୍ଷକ ଅତୁନ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ନିଖିରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ:** ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ନିଖିରା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ସୁରେନ୍ଦ୍ର ନାଥ ସହୋଯୋଗୀ ଉ.ପ୍ରା.ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କ୍ଲଷ୍ଟର ସିଆରସିସି ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ପାତ୍ର ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଜୟନାରାୟଣ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ପଞ୍ଚାନନ ସେଠି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ଗିରି ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କ୍ଲଷ୍ଟର ଥିବା ୧୫ ଟି ବିଦ୍ୟାଳୟରୁ ୧୮୦ ପିଲାଙ୍କ ମଧ୍ୟରେ ତର୍କ, ରଚନା, ଚିତ୍ରାଙ୍କନ, କୁଇଜ୍, ସଙ୍ଗୀତ, ନୃତ୍ୟ, ଗଣିତ ଦଉଡ, ହସ୍ତାକ୍ଷରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହୋଯୋଗ କରିଥିଲେ।

**ଭୋଗରାଇ:** ଭୋଗରାଇ ବ୍ଲକ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ହାଇସ୍କୁଲ ବହ୍ଲାରପୁରରେ ଶ୍ରୀବସ୍ତପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପାଳ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ଅଂଶୁମାନ ମହାନ୍ତି, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସରସ୍ୱତୀ କରଣ, ସିଆରସିସି ଚନ୍ଦନ କୁମାର ଜେନା, ପୂର୍ବତନ ସିଆରସିସି ଜୟନ୍ତୀ ପାତ୍ର, ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ, ସୁବଳ ଚନ୍ଦ୍ର ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାତ୍ର, ସାମ୍ବାଦିକ ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସିଆରସିସି ଗୌତମ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍ୱାଗତିକା ଦାସ ବେଦପାଠ ପଢ଼ିଥିଲେ।ଶେଷରେ ଜୟନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ଲଷ୍ଟର ଅଧିନରେ ୪୮୦ ବରିଷ୍ଠ ଓ କନିଷ୍ଠ ବିଭାଗର ୧୯ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ ଟି ବିଦ୍ୟାଳୟକୁ ଚୟନ କରି ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ଦାରୁହା କ୍ଲଷ୍ଟର:** ଭୋଗରାଇ ବ୍ଲକ ମଧୁପୁର ପ୍ରାଥମିକ ବିଦ୍ୟାଳୟରେ ଦାରୁହା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ପୂର୍ବତନ ଶିକ୍ଷା ଅଧିକାରୀ ମିହିର ପ୍ରଧାନ, ବିଶିଷ୍ଟ ବକ୍ତା ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା ଦାରୁହା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ତାରାପଦ ପ୍ରଧାନ, ସମ୍ମାନିତ ଅତିଥି କୁଳିଦା ସରପଂଚ ପ୍ରତାପ କୁମାର ଜେନା, ଜ୍ୟୋତ୍ସ୍ନା ରାଣୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିର୍ମଳ ଦାସ, ରବିନ୍ଦ୍ର ପ୍ରଧାନ,ମଞ୍ଚ ସଂଚାଳନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସିଂ ଓ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବଂଶୀଧର ମାଝି ଅତିଥି ପରିଚୟ ପ୍ରଦାନ କରିଥିଲା।ଶେଷରେ ସନ୍ତୋଷ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ଲଷ୍ଟର ଅଧିନରେ ୧୨୦ ବରିଷ୍ଠ ଓ କନିଷ୍ଠ ବିଭାଗର ୧୯ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ଟି ବିଦ୍ୟାଳୟକୁ ଚୟନ କରି ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।







# ଦୀପାବଳିରେ 'ଲଢ଼େଇ'

ଦୀପାବଳିରେ ଆସୁଛି 'ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍' ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି। ଏଥିରେ ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ତାଙ୍କୁ ଦେଖିବାକୁ ମିଳିବ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନବାଗତା ଅଭିଲିପ୍ସା ନଜର ଆସିବେ। ଏହାର ସଙ୍ଗୀତ ଦେଇଛନ୍ତି ଗୌରବ-ସୋମେଶ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। 'ଲଢ଼େଇ' ଏକ ବଳିଷ୍ଠ ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ତେବେ ପ୍ରଯୋଜନା ସଂସ୍ଥା ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■

# ଅକ୍ଟୋବର ୧୩ ରୁ 'ଭାଗ୍ୟରେଖା'ର ନୂଆ କାହାଣୀ

ଏକ ନୂତନ ମୋଡ଼ ନେଇଛି ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। ଏହି ମେଗା ଧାରାବାହିକରେ ଆସୁଛି ନୂଆପିଢ଼ିର ନୂଆ କାହାଣୀ। କାହାଣୀର ନାୟିକା ସ୍ମୃତିରେଖା ଜଣେ କଲେଜ ଛାତ୍ରୀ। ବାପା ବିଜୟ ହେଉଛନ୍ତି ରଘୁରାଜପୁର ଗାଁର ଜଣେ ପ୍ରସିଦ୍ଧ ପଟ୍ଟଚିତ୍ରକାର। ପରିବାରର ଭରଣପୋଷଣ ପାଇଁ ସ୍ମୃତିରେଖା ମଧ୍ୟ ବାପାଙ୍କୁ ପଟ୍ଟଚିତ୍ର କଳାରେ ସାହାଯ୍ୟ କରନ୍ତି। ଜୀବନରେ ଦୃଢ଼ ସଙ୍କଳ୍ପ ରଖିଥିବା ସ୍ମୃତିରେଖା ଛୋଟବେଳୁ ନିଜ ମା'ଙ୍କୁ ହରାଇ ନିଜ ବାପା, ସାବତ ମା' ଓ ଭାଇ ଭଉଣୀ ସହ ଜୀବନ କାଟୁଥାନ୍ତି। ଏହିପରି ଏକ ସଂଘର୍ଷମୟ ଜୀବନରେ ଆସନ୍ତି ନାୟକ ସୌଭାଗ୍ୟ, ଯିଏ ପେଷାରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନାୟକ ଭାବରେ ଲୋକପ୍ରିୟ, କିନ୍ତୁ ସୌଭାଗ୍ୟ ପ୍ରକୃତ ପ୍ରେମରେ ବିଶ୍ୱାସ କରନ୍ତି ନାହିଁ। ଏପଟେ ସ୍ମୃତିରେଖା ହେଉଛନ୍ତି ସୌଭାଗ୍ୟଙ୍କର ଜଣେ ବଡ଼ ପ୍ରଶଂସକ। ତେବେ ସୌଭାଗ୍ୟ କ'ଣ ନିଜର ଜଣେ ବଡ଼ ପ୍ରଶଂସକ ସ୍ମୃତିରେଖାଙ୍କ ପ୍ରେମରେ ପଡ଼ିବେ? ସ୍ମୃତିରେଖାଙ୍କ ସଂଘର୍ଷମୟ ଜୀବନରେ ଆସିବ କି ନୂଆ ପରିବର୍ତ୍ତନ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସୁଛି ଜୀ-ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। କାହାଣୀରେ ଆସୁଥିବା ପରିବର୍ତ୍ତନ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଆଶା କରାଯାଉଛି। ■



## ଟେଲିଭିଜନ ପ୍ରିମିୟର

# 'କବିତା ବନିତା ଲତା-୨'

ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'କବିତା ବନିତା ଲତା-୨'। ବର୍ଷକ ତଳେ ତରଙ୍ଗ ଟିଭିରେ ପ୍ରଦର୍ଶିତ ହୋଇଥିଲା 'କବିତା ବନିତା ଲତା'ର ପ୍ରଥମ ଭାଗ। ଯାହା ଖୁବ୍ ଦର୍ଶକୀୟ ଆଦୃତି ପାଇଥିଲା। ଏଥିରେ ସିମ୍ରନ, ଶୁଭଶ୍ରୀ, ଆଦିତି ଅଭିନୟ କରିଥିଲେ। ଏଥର 'କବିତା ବନିତା ଲତା-୨'ରେ ସିମ୍ରନଙ୍କୁ ରିପିଟ୍ କରାଯାଇଥିବାବେଳେ କବିତା ବନିତା ଚରିତ୍ରରେ ହିତୈଷା ଓ ସୁଲଗ୍ନା ନଜର ଆସିବେ। ଏଥର ବି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ଥିବାବେଳେ ଲେଖକ ଅଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ। ବିଭୂତି ସ୍ୱାଇଁ ଓ ଦେବୀଦତ୍ତ ମହାନ୍ତି ଗୀତ ରଚନା କରିଛନ୍ତି ଓ ଦୀପକ ସଂଗୀତ ନିର୍ଦ୍ଦେଶନା ଏବଂ ଲୁବନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। 'କବିତା ବନିତା ଲତା-୨'କୁ ଦର୍ଶକ ଭଲପାଇବା ଦେବେ ବୋଲି ଆଶାବାଦୀ ଅଛି ପ୍ରଯୋଜନା ସଂସ୍ଥା। ■





# ଆଓ ନେକ୍ସଟ୍‌ରେ 'ଭାବାନ୍ତର'

ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଅକ୍ଟୋବର ୧୨ ରେ ଉପଲବ୍ଧ ହେବ ଫିଲ୍ମ 'ଭାବାନ୍ତର'। ପୂର୍ବରୁ ବଡ଼ ପରଦାରେ ଏହି ଫିଲ୍ମ ଓଡ଼ିଆ ଦର୍ଶକଙ୍କ ମନ ଜିତିଥିଲା। ଶ୍ରୀତମ, ଶ୍ରାବଣୀ ଓ ମିଲନଙ୍କ ତିନୋଟି ଚରିତ୍ର ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ଗୋଟେ ତ୍ରିଭୁଜର ତିନି କୋଣରେ ଅବସ୍ଥାନ କରିବା ପରି ମନେ ହୁଏ। ଶ୍ରୀତମ ନିଜ ଭାଗ୍ୟକୁ ଆଦରି ନିଅନ୍ତି ଆଉ ସେ କ'ଣ ପୁଣି ଫେରିବେ? ଶ୍ରୀତମ, ଶ୍ରାବଣୀ ଏକାଠି ହେବେ? ବାକି କାହାଣୀ ଦର୍ଶକ ଦେଖିବା ପରେ ଜାଣିପାରିବେ। 'ଭାବାନ୍ତର' ଏକ ଭିନ୍ନ ସ୍ୱାଦର କାହାଣୀ। ଯେଉଁଥିରେ ତ୍ୟାଗ, ଭଲ ପାଇବା, ପ୍ରେମ ଓ ବିରହର ବେଦନା ସହିତ କାହାଣୀରେ ପ୍ରେମର ଏକ ନୂତନ ପରିଭାଷା ଦର୍ଶକ ଦେଖିବାକୁ ପାଇବେ ବୋଲି କହିଛନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତା ଅଭିଷେକ ଗିରି ରହିଥିବା ବେଳେ ତାଙ୍କ ବିପକ୍ଷରେ ରହିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଅନ୍ୟାନ୍ୟ ଭୂମିକାରେ ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଓ ପ୍ରିୟା ବିଶୋଇ ରହିଛନ୍ତି। ତେବେ ଇମାଜିନେସନ୍ ଅନଲିମିଟେଡ୍ ବ୍ୟାନରରେ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏହାର କାହାଣୀ, ଚିତ୍ରନାଟ୍ୟ ସଂଳାପ, ପ୍ରଯୋଜକ ଓ ନିର୍ଦ୍ଦେଶନାରେ ଅନନ୍ତ ମହାପାତ୍ର ଥିବା ବେଳେ ସହ ନିର୍ଦ୍ଦେଶକ ରହିଛନ୍ତି ଅଜୟ ରଥ। ସଂଗୀତରେ ରହିଛନ୍ତି ଶକ୍ତି ପ୍ରସାଦ ମିଶ୍ର। ■

## ପରଦା ପଛର କାହାଣୀ

# ଆମିଷ ପାଇଁ ଅଧାରୁ ଫିଲ୍ମ ଛାଡ଼ିଥିଲେ ଅଭିନେତ୍ରୀ

ସାଧାରଣତଃ ଫିଲ୍ମରେ ସ୍ୱଳ୍ପ ସମୟ ଅଭିନୟ କିମ୍ବା ମନପସନ୍ଦ ଚରିତ୍ର ନ ମିଳିଲେ ଅନେକ ଅଭିନେତା ଅଭିନେତ୍ରୀ ଅଧାରୁ ଫିଲ୍ମ ଛାଡ଼ିଥାନ୍ତି। ତେବେ ନବେ ଦଶକରେ ଜଣେ ଅଭିନେତ୍ରୀ ରାତ୍ରିଭୋଜନରେ ଆମିଷ ନ ମିଳିବାରୁ ଫିଲ୍ମ ଅଧାରୁ ଛାଡ଼ି ଥିଲେ। ସେଇ ଅଭିନେତ୍ରୀ ଜଣକ ହେଉଛନ୍ତି 'ଦିୱାନା ଆଶିକ୍' ଫିଲ୍ମର ଅଭିନେତ୍ରୀ ଫରାହ ନାଜ। ତତ୍କାଳୀନ ଏକାଧିକ ହିଟ୍ ଫିଲ୍ମରେ ସେ ଅଭିନୟ କରିଥିଲେ। ଫରାହ ଖୁବ୍ କମ୍ ବଜେଟ୍‌ରେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ। କାରଣ ଏହି ଫିଲ୍ମରେ ତାଙ୍କ ବୟଫ୍ରେଣ୍ଡ



ବିନ୍ଦୁ ଦାରା ସିଂଙ୍କୁ ଏଣ୍ଟ୍ରି କରାଯାଉଥିଲା। ବିନ୍ଦୁ ହେଉଛନ୍ତି ଦାରା ସିଂଙ୍କ ପୁଅ। ବିନ୍ଦୁଙ୍କ ପାଇଁ ଫରହା ଖୁବ୍ କମ୍ ଟଙ୍କାରେ ନିର୍ଦ୍ଦେଶକ ଗୁଲସନ୍ ଅରୋଡ଼ାଙ୍କ ଫିଲ୍ମ କରିବାକୁ ରାଜି ହୋଇଥିଲେ। ଗୁଜୁରାଟର ଏକ ଗାଁରେ ଫିଲ୍ମର ସୁଟିଂ କାର୍ଯ୍ୟ ଜୋରସୋରରେ ଚାଲିଥିଲା। ସୁଟିଂରେ ସକାଳ ଜଳଖିଆ ହେଉ ଅବା ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନରେ କେବଳ ଶୁଦ୍ଧ ଶାକାହାରୀ ଖାଦ୍ୟ ପରଷା ଯାଉଥିଲା। ଆମିଷ ପ୍ରିୟ ଫରହା ଡାଲି, ଭାତ, ଭେଣ୍ଡି ଖାଦ୍ୟ ଖାଇ ବିରକ୍ତ ହୋଇଯାଇଥିଲେ। ଫଳରେ ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ରାତ୍ରିଭୋଜନରେ ଚିକେନ୍ ଆଣିବା ପାଇଁ କହିଥିଲେ। ହେଲେ ପ୍ରଡକ୍ସନ୍ ମ୍ୟାନେଜର ତାଙ୍କ କଥା ଶୁଣି ଟାଳି ଦେଇଥିଲେ। ଖାଇବାରେ ଆମିଷ ନ ମିଳିବାରୁ ଫରାହ ଦ୍ୱିତୀୟଥର ପୁଣି ମ୍ୟାନେଜରଙ୍କୁ କହିଲେ। ହେଲେ ପ୍ରଡକ୍ସନ ମ୍ୟାନେଜର୍ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଏହାପରେ ତୃତୀୟ ଦିନ ମଧ୍ୟ ଆମିଷ ଖାଇବାକୁ ନ ମିଳିବାରୁ ଫରାହ ରାଗି ଯାଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ଚିକେନ୍ ଦେଉ ନାହାନ୍ତି ବୋଲି ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ପ୍ରଶ୍ନ କଲେ। ଉତ୍ତରରେ ମ୍ୟାନେଜର କହିଥିଲେ, "ଫିଲ୍ମ ସୁଟିଂ ଚାଲିଥିବା ଗାଁଟି ସମ୍ପୂର୍ଣ୍ଣ ଶାକାହାରୀ। ଏଠାରେ ଆମିଷ ମିଳେନି।" ଏହାଶୁଣି ଫରାହ ରାଗି ଯାଇଥିଲେ। ସେ ସଙ୍ଗେ ସଙ୍ଗେ ନିଜ ସେକ୍ରେଟେରୀଙ୍କୁ ନେଇ ଆମିଷ ଖୋଜିବାକୁ ଯାଇଥିଲେ। ଗାଁରୁ ବାହାରିବା ମାତ୍ରେ ତାଙ୍କୁ ଏକ ରେସ୍ତୋରାଁରେ ଚିକେନ୍ ଖାଇବାକୁ ମିଳିଥିଲା। ସେଠାରେ ସେ ଚିକେନ୍ ଖାଇଥିଲେ। କିନ୍ତୁ ପ୍ରଡକ୍ସନ ମ୍ୟାନେଜର୍ ମିଛ କହିବାରୁ ତାଙ୍କ ରାଗ ଦ୍ୱିଗୁଣା ହୋଇଯାଇଥିଲା। ଏହି ମାମଲା ଏତେ ବଢ଼ିଗଲା ଯେ ଶେଷରେ ରାଗରେ ଏହି ଫିଲ୍ମ ଅଧାରୁ ଛାଡ଼ି ଦେଇଥିଲେ। ■

## ସାକ୍ଷାତକାର

# "ଶିଖିବାର ମନୋବୃତ୍ତି ହିଁ ସଫଳତାର ସ୍ୱାଦ ଚଖାଏ"

**ଅଙ୍କିତ କୁମାର, ଅଭିନେତା**

ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଓଡ଼ିଆ ଫିଲ୍ମ ଜଗତକୁ। ଜିମ୍‌ରେ ବ୍ୟାୟାମ କରୁଥିଲେ। ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ତାଙ୍କର ସାକ୍ଷାତ ହେଲା। ସେ ତାଙ୍କୁ ଅଭିନୟ ଜଗତରେ କାମ କରିବାକୁ ସୁଯୋଗ ଦେଲେ। କଟକର ଅଙ୍କିତ କୁମାର ଏକାଧିକ ଧାରାବାହିକ ଓ ଓଡ଼ିଆ ସିନେମାରେ କାମ କରିଛନ୍ତି। 'ପରୀ' ତାଙ୍କର ଡେବ୍ୟୁ ଧାରାବାହିକ। 'ଭୋକ' ଚଳଚ୍ଚିତ୍ରରେ ବଳିଷ୍ଠ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି। ଆଉ ଖୁବ୍‌ଶୀଘ୍ର ଅଙ୍କିତ ହରର ସିନେମା 'ଦର୍ପଣ'ରେ ନଜର ଆସିବେ। ଏହି ସିନେମାରେ ତାଙ୍କ ବିପକ୍ଷରେ ଅଛନ୍ତି ନାୟିକା ତୃପ୍ତି ମୀରାମ୍ବିକା। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କ ସଂଘର୍ଷ ବିଷୟରେ ଶୁଣିବା ତାଙ୍କ ମୁହଁରୁ।

**କଳାକାର ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ମୁଁ ପାଠକୁ ଗୁରୁତ୍ୱ ଦେଇଆସୁଥିଲି। ଅଭିନେତା ହେବି ବୋଲି କେବେ ଭାବି ନଥିଲି। ଜାଣି ନଥିଲି ଦର୍ଶକଙ୍କ ସହ ସିଧାସଳଖ ମୋର ସମ୍ପର୍କ ହେବ। ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ଇଚ୍ଛା ଥିଲା। ମୁଁ ଜିମ୍ ଯାଉଥାଏ। ସୌଭାଗ୍ୟବଶତଃ ସିନେମା ଲାଇନ୍‌ର ଜଣେ ସାର୍‌ଙ୍କ ସହ ସାକ୍ଷାତ ହେଲା। ସେ ଏହି ଲାଇନ୍‌ରେ ଯିବାକୁ ସୁଯୋଗ ଦେଲେ। 'ପରୀ' ମୋର ପ୍ରଥମ ଡେବ୍ୟୁ ଧାରାବାହିକ। 'ଆମ ଘରର ଲକ୍ଷ୍ମୀ', 'ମୋ ଅଗଣାର ତୁଳସୀ ତୁ' ଆଦି ଅନେକ ଧାରାବାହିକରେ କାମ କରିଛି। 'ଭୋକ', 'ପ୍ରତ୍ୟାଘାତ', 'ମୋ ମମି ପାପାଙ୍କ ବାହାଘର', 'ପାଦେ ଆକାଶ', 'ପାପ', ଆଦି ସିନେମାରେ ଅଭିନୟ କରିବାକୁ ସୁଯୋଗ ପାଇଛି। ବିଜ୍ଞାପନ, ଟକ୍ ଶୋ, ମ୍ୟୁଜିକ୍ ଭିଡିଓରେ ବି କାମ କରିଛି।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ପ୍ରୋଜେକ୍ଟରେ ନର୍ଭସ ଥିଲି। ମାର୍କେଟରେ ସିନ୍ ଥାଏ, ଚାରିଆଡ଼େ ଲୋକ ଆଉ ଆମ ଟିମ୍ ମେମ୍ବର। ତେଣୁ କେମିତି ଅଭିନୟ ଭଲ କରିବି ତାହାକୁ ନେଇ ମନରେ ଆଶଙ୍କା ଥାଏ। ହେଲେ ନିର୍ଦ୍ଦେଶକ ସାର୍ ବହୁତ ମାପିଚୁପି ମୋର ସିନ୍ ନେଇଥିଲେ। ଏମିତି ଧୀରେ ଧୀରେ କାମ ଶିଖିଛି। ଆଜି ବି ଲାଗେ ମୋତେ ବହୁତ କିଛି ଶିଖିବାର ଅଛି। ତେଣୁ ପ୍ରତିଦିନ କିଛି ନୂଆ କରିବାକୁ ଚେଷ୍ଟା କରୁଛି। ଆଗକୁ ବି ଏହି ଶିଖିବା ମନୋବୃତ୍ତି ରହିବ। ଏହା ଦ୍ୱାରା ଜଣେ ତା ଜୀବନରେ ଆଗକୁ ବଢ଼ିପାରେ।



**ରିଲିଜ୍ ହେବାକୁ ଥିବା 'ଦର୍ପଣ' ସିନେମାକୁ ନେଇ କ'ଣ କହିବେ?**

● 'ଦର୍ପଣ' ଗୋଟିଏ ହରର ସିନେମା। ଏଥିରେ ଭୟଙ୍କର ଚେହେରା, ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ। ସିନେମାରେ ଫ୍ୟାମିଲି ଡ୍ରାମା, ହରର୍, ସସପେନ୍ସ, କମେଡି, ରୋମାନ୍ସ, ଇମୋସନ୍ ଆଦି ରହିଛି। ଡ୍ରାମା ବି ଜବରଦସ୍ତ ରହିଛି। ଏମିତି ଏକ ନିଆରା ରହସ୍ୟଭରା କାହାଣୀ ଭିତରେ ଫଶି ଯାଉଥିବା ପିଲାଙ୍କୁ ମୁକୁଳାଇବା ଦାୟିତ୍ୱ ମୋର।

**ଆପଣଙ୍କ କେଉଁ ଫିଲ୍ମକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି?**

● 'ଭୋକ'ରେ ଅଭିନୟ କରିଥିଲି। ଏହା ଲକ୍‌ଡାଉନ୍ ଉପରେ ନିର୍ମିତ ଥିଲା। 'ଭୋକ' ଫିଲ୍ମ ପାଇଁ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲି। ଏହା ମୋତେ ବହୁତ ଖୁସି ଦେଇଥିଲା। ଆଜି ବି ସେହି ଫିଲ୍ମର କାହାଣୀ ବହୁତ ଭଲ ଥିଲା ବୋଲି ଅନେକ ପ୍ରଶଂସକଙ୍କଠାରୁ ଶୁଣିବାକୁ ପାଏ।

**ସ୍ମରଣୀୟ ମୁହୂର୍ତ୍ତ?**

● 'ଦର୍ପଣ' ଫିଲ୍ମର ପ୍ରାୟତଃ ସୁଟିଂ ବିଳମ୍ବିତ ରାତିରେ ହେଉଥିଲା। ଜଙ୍ଗଲ ମଝିରେ ସିନ୍ ଥାଏ। ବହୁତ ଦୂରରୁ ମୁଁ ଆଉ ତୃପ୍ତି ଚାଲି ଚାଲି ଆସୁଥାଉ। ହଠାତ୍ ଏମିତି ଏକ ଶବ୍ଦ ଆସିଲା ଆମେ ଦୁହେଁ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲୁ। ବାସ୍ତବରେ ସେହି ସମୟର ଅନୁଭୂତି ନିଆରା। ଏହି ସିନେମା ସୁଟିଂ ପାଇଁ ବହୁତ ପରିଶ୍ରମ କରିଛୁ। ଏଥିରେ ବହୁତ ସୁନ୍ଦର ସୁନ୍ଦର ଗୀତ ଅଛି। ଆଶା କରୁଛୁ ଏହି ସିନେମା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ।

**ଫିଟ୍‌ର ରାଜ୍ କ'ଣ?**

● ନିୟମିତ ୱାର୍କଆଉଟ୍ ଆଉ ଡାଏଟ୍।

**ଡ୍ରିମ୍ ରୋଲ୍?**

● ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା। ମୁଁ ଚାହେଁ, ଜୀବନରେ ଯେତେ ବି ଚରିତ୍ର ରହଛି ସେ ସବୁ ମୁଁ କରେ।

**ଅଙ୍କିତଙ୍କ ଆଗାମୀ ଯୋଜନା?**

● ବଡ଼ ପ୍ରୋଜେକ୍ଟର ସିନେମା 'ଜୟହିନ୍ଦ' ଓ 'ଅଧା ରହିଗଲା ଆମ କାହାଣୀ'ରେ ଦର୍ଶକ ଆଗକୁ ଦେଖିବାକୁ ପାଇବେ। ଏହାବାଦ୍ ଗ୍ରାମାଞ୍ଚଳର ପରିବେଶକୁ ନେଇ ବାସ୍ତବଧର୍ମୀ କାହାଣୀ ଓ ସାମାଜିକ ବାର୍ତ୍ତା ଥିବା ପରି ସିନେମାରେ ଅଭିନୟ କରିବାକୁ ମୋର ଇଚ୍ଛା।

**ରିଆଲିଟି ଶୋ' ମାଧ୍ୟମରେ ନୂଆ କରି ଆସୁଥିବା କଳାକାରଙ୍କୁ କ'ଣ କହିବେ?**

● ଆଗରୁ ବହୁତ କଷ୍ଟ କରି ପିଲାମାନେ ଏହି ଲାଇନ୍‌ରେ ଆସୁଥିଲେ। ଏବେ ସୋସିଆଲ୍ ମିଡିଆ ଯୁଗରେ ସବୁ ସହଜ ହୋଇଯାଇଛି। ତେଣୁ ସମସ୍ତଙ୍କୁ କହିବି କାମକୁ ଧ୍ୟାନ ଦେଇ କରିବା ଦରକାର। ନିଜକୁ ଗ୍ରୁମିଂ କରନ୍ତୁ। ସ୍କ୍ରିପ୍ଟକୁ ବୁଝି ଚରିତ୍ର ଭିତରେ ପଶନ୍ତୁ। ■

# କୋହଲିଙ୍କ ରେକର୍ଡ ସହ ସମକକ୍ଷ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଏହି ଟେଷ୍ଟରେ ଶତକ ହାସଲ କରିଥିବା ଶୁବମନ ଗିଲ ଗୋଟିଏ ବର୍ଷରେ ଜଣେ ଅଧିନାୟକ ଭାବେ ୫ଟି ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ବିରାଟ କୋହଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କୋହଲି ୨୦୧୭ ଓ ୨୦୧୮ରେ ଏହି ରେକର୍ଡ କରିଥିଲେ। ଅଧିନାୟକ ଭାବେ ଗିଲ ୮୪.୮୧ ହାରରେ ରନ୍ ସଂଗ୍ରହ କରିଛନ୍ତି। ଡନ୍ ବ୍ରାଡମ୍ୟାନ୍ ତାଙ୍କଠାରୁ ଅଧିକ ୧୦୧.୫୧ ହାରରେ ରନ୍ ସଂଗ୍ରହ କରିଥିଲେ।

ଏହି ଟେଷ୍ଟରେ ଭାରତ ସଂଗ୍ରହ କରିଥିବା ୫/୫୧୮ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ସଂଗୃହୀତ ହୋଇ ନ ଥିଲା। ଟେଷ୍ଟ କ୍ରିକେଟରେ ଏଭଳି ସ୍କୋର ସଂଗ୍ରହରେ ଭାରତ ରେକର୍ଡ କରିଛି। ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ସଂଗ୍ରହ କରିଥିବା ୫୧୩ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ନ ଥିଲା। ଏହି ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଏକଦା ୩୧୮ଟି ବଲ୍ ପକାଇ ମଧ୍ୟ ୱିକେଟ ପାଇ ନ ଥିଲା। ୱେଷ୍ଟଇଣ୍ଡିଜ୍ ପୂର୍ବରୁ ୨ଥର ୩୦୦ କିମ୍ବା ଅଧିକ ବଲ ବୋଲିଂ କରି ୱିକେଟ ପାଇ ନ ଥିଲା।

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ବର୍ଷ ପୂରିବା ପୂର୍ବରୁ ୭ଟି ଟେଷ୍ଟ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ଏହା ମଧ୍ୟରେ ୫ଟି ୧୫୦ ପ୍ଲସ୍ ସ୍କୋର ରହିଛି। ୨୪ ବର୍ଷରେ ପହଞ୍ଚିବା ପୂର୍ବରୁ କେବଳ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ୮ଥର ୧୫୦ ପ୍ଲସ୍ ସ୍କୋର କରିଥିଲେ। ସେହିପରି ଏହି ସମୟରେ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗ୍ୟାରୀ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଜୟସ୍ୱାଲଙ୍କ ପୂର୍ବରୁ ମାତ୍ର ୨ଜଣ ଖେଳାଳି ସେମାନଙ୍କ ପ୍ରଥମ ୭ଟି ଟେଷ୍ଟ ଶତକରେ ୫ଥର ୧୫୦ ପ୍ଲସ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସେମାନେ ହେଲେ ବବ୍ ସିମ୍ପସନ ଓ ବ୍ରାଏନ୍ ଲାରା।

■ ସୁଲତାନ ଅଫ୍ ଜୋହର କପ୍ ହକି

# ଭାରତର ବିଜୟ ଅଭିଯାନ

ଜୋହନ ବାହରୁ, ୧୧।୧୦ (ଏଜେନ୍ସି): ମାଲେସିଆରେ ଶନିବାରଠାରୁ ସୁଲତାନ ଅଫ୍ ଜୋହର କପ୍‌ର ତ୍ରୟୋଦଶ



ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଭାରତୀୟ ଦଳ ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଗ୍ରେଟ୍ ବ୍ରିଟେନକୁ ହରାଇଦେଇଛି। ଏହି ମ୍ୟାଚରେ ଅଧିନାୟକ ରୋହିତ୍ ଏକାକୀ ଦୁଇଟି ଗୋଲ୍ ଦେଇ ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ରବନୀତ୍ ସିଂହ ଅନ୍ୟ ଗୋଲଟି ଦେଇଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ମାଇକେଲ୍ ରୟଡେନ ଓ କାଡେନ ଡ୍ରାୟସୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ରୋହିତ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତ ଦ୍ୱିତୀୟ ମୁକାବିଲାରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।

## ଗିଲ୍‌ଙ୍କ ୧୦ମ ଶତକ, ଜାଡେଜାଙ୍କ ଯାଦୁକରୀ ବୋଲିଂ

# ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ



ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):

ଅଧିନାୟକ ଶୁବମନ ଗିଲଙ୍କ ୧୦ମ ଶତକ ଓ ଜାଡେଜାଙ୍କ ଯାଦୁକରୀ ବୋଲିଂ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଗିଲ୍ ଶତକ (ଅପରାଜିତ ୧୨୯) ହାସଲ କରିବା ପରେ ଭାରତ ୫ ୱିକେଟରେ ୫୧୮ ରନ୍ କରି ତାହାର ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୪୩ ଓଭର ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୧୪୦ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ସାଇ ହୋପ୍ ୩୧ ଓ ୱିକେଟ ରକ୍ଷକ ତେଭିନ ଇମ୍‌ଲାଚ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ୱେଷ୍ଟଇଣ୍ଡିଜ୍ ଆଜି ହରାଇଥିବା ୪ଟି ୱିକେଟ ମଧ୍ୟରୁ ଜାଡେଜା ୩ଟି ୱିକେଟ ଅକ୍ତିଆର କରି ବୋଲିଂ ସଫଳତା ପାଇଥିଲେ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଉଭୟ ଇନିଂସରେ ୯୦ ଓଭର ଟିକି ନ ଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଦଳ ୪ଟି ୱିକେଟ ହରାଇ ୪୩ ଓଭର ବ୍ୟାଟିଂ କରି ଖେଳରେ ଉନ୍ନତି ଆଣିଥିଲା। ପ୍ରଥମ ଟେଷ୍ଟରେ ଭାରତ ଇନିଂସ ବିଜୟ ହାସଲ କରି ୧-୦ରେ ଆଗୁଆ ରହିଛି।

ଶନିବାର ସକାଳେ ଏହି ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ ୨ ୱିକେଟରେ ୩୧୮ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ଅନାବଶ୍ୟକ ଭାବେ ଯଶସ୍ୱୀ ଜୟସ୍ୱାଲ ପୂର୍ବଦିନର ସ୍କୋରରେ ଆଉ ୨ ରନ୍ ଯୋଗ କରି ୧୭୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ। ସଟ୍ ମାରିବା ପରେ ଜୟସ୍ୱାଲଙ୍କ କଲ୍‌କୁ ଗିଲ ଗ୍ରହଣ କରି ନ ଥିଲେ, ଯାହା ଫଳରେ ଠିକଣା ସମୟରେ ସେ କ୍ରିଜ୍‌ରେ ପହଞ୍ଚିବାରେ ଅସମର୍ଥ ହୋଇଥିଲେ। ଘରୋଇ ଦଳ ୩୨୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଗିଲ ଭାରତୀୟ ବ୍ୟାଟିଂର ନେତୃତ୍ୱ ନେଇଥିଲେ। ସେ ଚତୁର୍ଥ ୱିକେଟରେ ଯୋଡିରେ ବ୍ୟାଟିଂରେ ଉନ୍ନତି ପାଇଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ (୪୩)ଙ୍କ ସହ ୧୦୩ ବଲ୍‌ରେ ୯୧ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ସହ ୧୫୫ ବଲ୍‌ରୁ ୧୦୨ ରନ୍ ଉଠାଇଥିଲେ। ତୃତୀୟ ୱିକେଟରେ ଜୟସ୍ୱାଲଙ୍କ ସହ ୭୪ ରନ୍ ଉଠାଇଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଜୁରେଲ ୪୪ ରନ୍‌ରେ ଆଉଟ ହେବା ପରେ ଗିଲ ଭାରତର ପ୍ରଥମ ଇନିଂସ ଘୋଷଣା କରିଥିଲେ। ଇନିଂସ ଘୋଷଣା ହେଲାବେଳକୁ ଗିଲ୍ ୧୨୯ ରନ୍‌ରେ ଅପରାଜିତ ରହିଥିଲେ। ଏହି ସ୍କୋର ହାସଲ ଲାଗି ତାଙ୍କୁ ୧୯୬ଟି ବଲ୍‌ର ସାମ୍ନା କରିବାକୁ ପଡ଼ିଥିଲା ଓ ଏଥିରେ ସେ ୧୬ ଚୌକା ଓ ୨ ଛକା ମାରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ୧୦ମ ଓ ଦଳର ନେତୃତ୍ୱ ନେବା ପରେ ୫ମ ଶତକ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ସର୍ବାଧିକ ୩ଟି ଓ ଅଧିନାୟକ ରୋଷ୍ଟୋନ ଚେଜ୍ ଗୋଟିଏ ୱିକେଟ ପାଇଥିଲେ। ଭାରତର ଜଣେ ଖେଳାଳି ଜୟସ୍ୱାଲ ରନ୍‌ଆଉଟ ହୋଇଥିଲେ।

### ଯାଦୁ ଦେଖାଇଲେ ଜାଡେଜା

ଭାରତର ୫୧୮ ରନ୍‌ର ବିଶାଳ ସ୍କୋର ପରେ ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ଆରମ୍ଭ କରି ଦୃଢ଼ତାର ସହ ଖେଳିଥିଲା। ଏପରିକି ପ୍ରଥମଥର ଲାଗି ଦଳ ପ୍ରଥମ ବୋଲିଂ ଚେଞ୍ଜରେ ୱିକେଟ ହରାଇ ନ ଥିଲା। ଉଭୟପଟୁ ସ୍ପିନ୍ ଆକ୍ରମଣକୁ ଦୁଇ ଓପନର ଯଥାସମ୍ଭବ ମୁକାବିଲା କରିଥିଲେ। କିନ୍ତୁ ଏହା ୮ମ ଓଭର ଯାଏ ଟିକି ରହିଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନ୍ କ୍ୟାମ୍ପବେଲଙ୍କୁ ଆଉଟ କରି ଜାଡେଜା ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। କ୍ୟାମ୍ପବେଲ ମାରିଥିବା ସଟ୍‌ରେ ସାଇ ସୁଦର୍ଶନ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ପାଭିଲିୟନର ବାଟ ଦେଖାଇଥିଲେ। ସେ ନିଜେ ମଧ୍ୟ ପଡ଼ିଆ ବାହାରକୁ ଯାଇଥିଲେ। ଦ୍ୱିତୀୟ ୱିକେଟ ଯୋଡିରେ ଭାରତୀୟ ସ୍ପିନ୍ ବନାମ ଟାଗେନାରିନ୍ ଚନ୍ଦରପଲ ଓ ଆଲିକ୍ ଆଥାନାଜେଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ଲଢ଼େଇ ୧୨୨ଟି ବଲ ପର୍ଯ୍ୟନ୍ତ ଚାଲିଥିଲା। ଜାଡେଜାଙ୍କ ଚକ୍ରବ୍ୟୂହରେ ହାର୍ ମାନିଥିଲେ ଚନ୍ଦରପଲ। ୬୬ ରନ୍‌ର ପାର୍ଟନରସିପ୍ ପରେ ଚନ୍ଦରପଲ ୩୪ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ କୁଲଦୀପ ଯାଦବ ଦଳର ଟପ୍ ସ୍କୋରର ଆଲିକ୍ ଆଥାନାଜେଙ୍କୁ ଜାଡେଜାଙ୍କ ହାତରେ କ୍ୟାଚ୍‌ଆଉଟ କରାଇ ପ୍ରଥମ ସଫଳତା ପାଇଥିଲେ। ତାଙ୍କ ପରେ ଖେଳିବାକୁ ଆସିଥିବା ଅଧିନାୟକ ଚେଜ୍‌ଙ୍କ ଇନିଂସ ୭ଟି ବଲଯାଏ ଟିକିଥିଲା। ସେ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପାଭିଲିୟନ ଫେରିଯାଇଥିଲେ। ହୋପ୍ ୩୧ ଓ ଇମ୍‌ଲାଚ ୧୪ ରନ୍‌ରେ ମଙ୍ଗ ସମ୍ଭାଳିଥିଲେ। ଭାରତ ପକ୍ଷରୁ ଜାଡେଜାଙ୍କ ଯାଦୁକରୀ ବୋଲିଂ ସଫଳ ହୋଇଥିଲା ଓ ସେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ସେ ମଧ୍ୟ ସମସ୍ତ ୪ ଜଣ ଖେଳାଳିଙ୍କୁ ଆଉଟ କରାଇବାରେ ସହଯୋଗ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୧୮ / ୫, ୧୩୪.୨ ଓଭର,** ଘୋଷଣା (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/ ୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ : ୧୪୦/୪, ୪୩ ଓଭର** (ଆଥାନାଜେ-୪୧, ଚନ୍ଦରପଲ-୩୪, ହୋପ୍-ବ୍ୟାଟିଂ-୩୧, ଜାଡେଜା-୩/୩୭)।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଆଜି ଭାରତ ସାମ୍ନାରେ ଅଷ୍ଟ୍ରେଲିଆ ପରୀକ୍ଷା

ବିଶାଖାପାଟନମ୍, ୧୧।୧୦ (ଏଜେନ୍ସି): ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଭାରତର ମୁକାବିଲା ହେବ। ସ୍ଥାନୀୟ ଆନ୍ଧ୍ରପ୍ରଦେଶ କ୍ରିକେଟ ସଂଘ ଷ୍ଟାଡିୟମରେ ଏହି ମ୍ୟାଚ ଅପରାହ୍ଣ ୩ଟାରେ ଖେଳାଯିବ। ଉଭୟ ଦଳ ପ୍ରତିଯୋଗିତାରେ ଦୁଇଟି ଲେଖାଏ ମ୍ୟାଚ୍ ଜିତିଥିବାରୁ ଏହି ମ୍ୟାଚ୍ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ବିଶାଖାପାଟଣମ୍**

ଆୟୋଜକ ଭାରତୀୟ ଦଳ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଭାରତ ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ୮୮ ରନରେ ପାକିସ୍ତାନକୁ ହରାଇଥିଲା। କିନ୍ତୁ ଗତ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳ ୩ ୱିକେଟ୍‌ରେ ରୋମାଞ୍ଚକ ଭାବେ ଭାରତକୁ ପରାସ୍ତ କରିଥିଲା। ଫଳରେ ହରମନପ୍ରୀତ କୌରଙ୍କ ଦଳର ବିଜୟରେ ବ୍ରେକ୍ ଲାଗିଥିଲା।

ଏବେ ପୁଣିଥରେ ଏହି ବିଜୟଧାରାକୁ ଫେରିବାକୁ ଭାରତ ଲକ୍ଷ୍ୟ ରଖିଛି। କିନ୍ତୁ ୭ଥରର ବିଶ୍ୱକପ୍ ଚାମ୍ପିଅନ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ବିଶେଷ କରି ଭାରତର ଆଗଧାଡ଼ିର ୩ ବ୍ୟାଟର୍ ସ୍ମୃତି ମନ୍ଧାନା, ଅଧିନାୟିକା ହର୍‌ମନ୍‌ପ୍ରୀତ୍ ଓ ଜେମିମା ରୋଡ୍ରିଗ୍ୱେଜ କ୍ରମାଗତ ଭାବେ ୩ଟି ଯାକ ମ୍ୟାଚରେ ଫେଲ୍ ମାରିଛନ୍ତି। କେବଳ ପ୍ରତୀକା ରାୱତ, ହର୍ଲିନ ଦେଓଲ ଓ ୱିକେଟ୍‌ରକ୍ଷକ ରିଚା ଘୋଷଙ୍କ ଉପଯୋଗୀ ପାଳି ଯୋଗୁ ଭାରତ ବ୍ୟାଟିଂରେ ସମ୍ମାନ ରଖିବାରେ ସମର୍ଥ ହେଉଛି। ସେହିଭଳି ଦୁଇ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଓ ସ୍ନେହ ରାଣା ମଧ୍ୟ ସଫଳ ସାବ୍ୟସ୍ତ ହୋଇଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲିଆ ବର୍ତ୍ତମାନ ସୁଦ୍ଧା ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ବାତିଲ ସହ ୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ନିକଟରେ ଭାରତ ବିପକ୍ଷରେ ସିରିଜ ଜିତିଥିବାରୁ ଅଷ୍ଟ୍ରେଲିଆ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି।

### ଅଷ୍ଟ୍ରେଲିଆ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ପଲା ବେଶ୍ ଭାରି ରହିଛି। ଦୁଇ ଦଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୫୯ଟି ଦିନିକିଆ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଅଷ୍ଟ୍ରେଲିଆ ୪୮ ଓ ଭାରତ ମାତ୍ର ୧୧ ମ୍ୟାଚରେ ବିଜୟୀ ହୋଇଛି।

# ବ୍ରଣ୍ଟଙ୍କ ଶତକରେ ଇଂଲଣ୍ଡ ଲଢ଼ିଲା



କଲମ୍ବୋ, ୧୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୨ତମ ମ୍ୟାଚରେ ଶନିବାର ଇଂଲଣ୍ଡ ଓ ଶ୍ରୀଲଙ୍କା ଦଳ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ମହିଳା ଦଳ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ୯ ୱିକେଟ୍‌ରେ ୨୫୩ ରନର ସମ୍ମାନଜନକ ସ୍କୋର କରିଛି। ଜବାବରେ ଏହାକୁ ପିଛା କରିଥିବା ଘରୋଇ ଶ୍ରୀଲଙ୍କା ଶେଷ ଖବର ସୁଦ୍ଧା ୧୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୭୪ ରନ ସଂଗ୍ରହ କରିଛି। ଇଂଲଣ୍ଡ ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୦ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ଓ ୪ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ୪ ପଏଣ୍ଟ ଅର୍ଜନ କରିଛି। ସେହିଭଳି ସହ-ଆୟୋଜକ ଶ୍ରୀଲଙ୍କା ଗୋଟିଏ ଲେଖାଏ ପରାଜୟ ଓ ବାତିଲ ସହ ଦୁଇଟି ମ୍ୟାଚରୁ ୧ ପଏଣ୍ଟ ପାଇଛି।

ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ସିଂହଳୀ ଅଧିନାୟିକା ଚମାରି ଆଟାପାଟ୍ଟୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରଥମ ୧୦ ଓଭରରେ ଆମି ଜୋନ୍ସ (୧୧ ରନ) ଓ ଟାମି ବିଉମଣ୍ଟ (୩୨ ରନ)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଅନ୍ୟ ବ୍ୟାଟର୍‌ମାନେ ମଧ୍ୟ ବଡ଼ ସ୍କୋର କରିପାରି ନ ଥିଲେ। କିନ୍ତୁ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଗୋଟିଏ ପାଖ୍ୱରୁ ମଙ୍ଗ ସମ୍ଭାଳିଥିଲେ। ସେ ଘରୋଇ ଶ୍ରୀଲଙ୍କା ବୋଲରଙ୍କୁ ଉଚିତ୍ ମୁକାବିଲା କରି ଦିନିକିଆ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଫଳରେ ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲା। ନାଟାଲୀ ୧୧୭ ବଲରୁ ୧୧୭ ରନ କରି ଇନିଂସର ଶେଷ ଓଭରର ଗୋଟିଏ ବଲ୍ ପୂର୍ବରୁ ଆଉଟ୍ ହୋଇଥିଲେ। ଏହି ପାଳିରେ ସେ ୯ ଚୌକା ଓ ୨ ଛକା ମାରିଥିଲେ। ନାଟାଲୀ ଏଥିସହ ମହିଳା ଦିନିକିଆରେ ଇଂଲଣ୍ଡର ଦ୍ୱିତୀୟ ସର୍ବାଧିକ ଶତକ ହାସଲକାରୀ ହୋଇଛନ୍ତି। ୧୨ ଶତକ ସହ ବିଉମଣ୍ଟ ଶୀର୍ଷରେ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହେଥର ନାଇଟ୍ ୨୯, ଚାର୍ଲି ଡିନ ୧୯ ରନ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣୱୀରା ୩ ଏବଂ ସୁଗନ୍ଧିକା କୁମାରୀ ଓ ଉଦ୍ଦେଶିକା ପ୍ରବୋଧିନୀ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

# ବିନୁ ମଙ୍କଡ ଟ୍ରଫି: ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶନିବାର ଉତ୍ତରପ୍ରଦେଶର ଗୁରୁଗ୍ରାମ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩ ୱିକେଟ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୪୮.୩ ଓଭରରେ ୨୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ୩ଟି ଓ ସୟଦ ଟଫେଲ ଅହମ୍ମଦ ୨ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ୫୭ ରନ ବଳରେ ୪୫.୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପିୟୂଷ ମନ୍ତ୍ରୀ ମଧ୍ୟ ୧୫ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୪ ୱିକେଟ୍‌ରେ ଗୁଜରାଟ ନିକଟରୁ ହାରିଯାଇଥିଲା।

# ପରାଜୟ ଓଡ଼ିଶାର ପିଛା ଛାଡୁନି

ଭୁବନେଶ୍ୱର, ୧୧।୧୦ (ସମିସ): ଗ୍ୱାଲିୟରର କ୍ୟାପଟେନ ରୂପ ସିଂହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ପରାଜୟ



ଓଡ଼ିଶାର ପିଛା ଛାଡୁନି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଛତିଶଗଡ଼ ୪୭ ରନରେ ଓଡ଼ିଶାକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୫ ୱିକେଟ୍‌ରେ ହାଇଦରାବାଦ୍ ଓ ୪୨ ରନରେ ହିମାଚଳ ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା। ଶନିବାର ଅନୁଷ୍ଠିତ ମ୍ୟାଚରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୧୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସୁଶ୍ରୀ ୪ ଓଭରରେ ୧୫ ରନ ବ୍ୟୟରେ ୫ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ଇନିଂସର ଶେଷ ବଲରେ ମାତ୍ର ୬୭ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଓଡ଼ିଶା ପକ୍ଷରୁ ମାଧୁରୀ ମେହେଟା ୧୮ ଓ ସଙ୍ଗୀତା ଖାଡ଼ିଆ ୧୫ ରନ କରିଥିଲେ।

# ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଆଲୋକିକାଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣର ଦ୍ୱିତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମଧ୍ୟ ଆୟୋଜକ ଓଡ଼ିଶାକୁ ପଦକ ସଫଳତା ମିଳିଛି। ଓଡ଼ିଶାର ଆଲୋକିକା ସ୍ୱାଇଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୮ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଆଲୋକିକା ଏହି ସଫଳତା ପାଇଛନ୍ତି। ଫାଇନାଲ ରାଉଣ୍ଡରେ ଆଲୋକିକା ୪୭.୫୬ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର




୩ୟ ସ୍ଥାନରେ ରହିଥିଲେ। ଏଥିରେ ହରିୟାଣାର ଭବ୍ୟା ପିଲାନିଆ (୫୩.୫୧ମି) ଓ ଝାଡ଼ଖଣ୍ଡର ସବିତା ମୁର୍ମୁ (୪୭.୯୭ମି) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଚାଲିବାକୁ ଥିବାରୁ ଓଡ଼ିଶା ଆହୁରି ଅଧିକ ପଦକ ଜିତିବାର ସମ୍ଭାବନା ରହିଛି।

**ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍**

# ଭାରତ-ହଂକଂ କ୍ୱାର୍ଟର ଫାଇନାଲ ଆଜି

ଭୁବନେଶ୍ୱର,୧୧।୧୦(ସମିସ):



ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବଲ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଶନିବାର କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହା ମଧ୍ୟରୁ ପୁରୁଷ ବିଭାଗରେ ୧୬ଟି ଓ ମହିଳା ବିଭାଗରେ ୧୪ଟି ଦଳ ଭାଗ ନେଇଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବିଭାଗରେ ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଲିଟ ଚାମ୍ପିଅନ୍ସ ଡିଭିଜନକୁ ଯୋଗ୍ୟତା ଅର୍ଜନ କରିବେ। ଏଲିଟ ଡିଭିଜନକୁ ୬ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ଚୀନ୍ ଓ ମହିଳା ବିଭାଗରେ ଜାପାନ୍‌କୁ ଶୀର୍ଷ ମାନ୍ୟତା ମିଳିଛି। ଉଭୟ ବିଭାଗରେ ଭାରତକୁ ଚତୁର୍ଥ ମାନ୍ୟତା ମିଳିଛି। ଆସନ୍ତାକାଲି ଏଲିଟ ବା ଚାମ୍ପିଅନ ଡିଭିଜନର କ୍ୱାର୍ଟର ଫାଇନାଲ ମୁକାବିଲା ଆରମ୍ଭ ହେବ। ଏଥିରେ ଅପରାହ୍ଣରେ ଭାରତ ସହ ୬ଷ୍ଠ ସିଡ ହଂକଂର ମୁକାବିଲା ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ହାରିଲେ ଟୁର୍ଣ୍ଣାମେଣ୍ଟରୁ ବିଦା ହେବାକୁ ପଡ଼ିବ। ପୁରୁଷ ଦଳ କ୍ୱାଲିଫାୟର-୧ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ୨ଟି ଲେଖାଏଁ ୪ଟି ଚାମ୍ପିଅନ ଡିଭିଜନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଜି ପୁରୁଷ ବିଭାଗ ଗ୍ରୁପ୍-୫'ରେ ଥାଇଲାଣ୍ଡ ଓ କତାର, ଗ୍ରୁପ୍-୧ରେ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗ୍ରୁପ୍-୧ରେ ଶ୍ରୀଲଙ୍କା ୩-୧ରେ କିରଗିଜସ୍ତାନକୁ ଓ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ୫ଟି ଓ ମହିଳା ବିଭାଗରେ ୪ଟି ଗ୍ରୁପ୍ କରାଯାଇଛି। ପୁରୁଷ ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଓ ଏହା ପରେ ୩ଟି ଦ୍ୱିତୀୟ ସ୍ଥାନିତ ଶ୍ରେଷ୍ଠ ଦଳ କ୍ୱାଲିଫାଇଂ କ୍ୱାର୍ଟରଫାଇନାଲକୁ ଉନ୍ନିତ ହେବେ। ମହିଳା ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯିବେ। ଏମାନଙ୍କ ମଧ୍ୟରେ ନକ୍‌ଆଉଟ ମୁକାବିଲା ହେବ। ଦୁଇ ଫାଇନାଲିଷ୍ଟ ଦଳ ଏଲିଟ ବା ଚାମ୍ପିଅନ୍ସ ଡିଭିଜନକୁ ଉନ୍ନୀତ ହେବେ।

# ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ




ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଆନୁକୂଲ୍ୟରେ ଏବଂ ଇଣ୍ଟରନ୍ୟାସନାଲ ଟେନିସ ମହାସଂଘ (ଆଇଟିଏଫ୍) ଓ ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୧୫ ତାରିଖରେ ଉଦଯାପିତ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ଓଟିଏ ସଭାପତି ଅସିତ ତ୍ରିପାଠୀ, ପରାମର୍ଶଦାତା ମଧୁସୂଦନ ପାଢ଼ୀ, ଉପସଭାପତି ସତ୍ୟଜିତ ମହାନ୍ତି, ସମ୍ପାଦକ ସଞ୍ଜୀବ ପଣ୍ଡା, ଓଟିଏର ସମ୍ବିତ ପଟ୍ଟନାୟକ ଓ ଆଇଟିଏଫ୍ ସୁପରଭାଇଜର ପ୍ରବୀଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଦେଶର ୧୨୦ଜଣ ପ୍ରଫେଶନାଲ ଖେଳାଳି ଓ ବିଦେଶର ୩ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS